ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK · पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.216 Bhubaneswar Thursday, October 14, 2021 | ୨୪ତମ ବର୍ଷ ସଂଖ୍ୟା–୨୧୬ ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୪, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS




ଶହୀଦ ନଗର ଦୁର୍ଗା ମଣ୍ଡପରେ ମହାଷ୍ଟମୀ ସନ୍ଧି ପୂଜା

# କିଟ୍ ଓ କିସ୍‌ରେ ଜାପାନୀ ଭାଷା ଓ ଉତ୍କର୍ଷ କେନ୍ଦ୍ର

ଭୁବନେଶ୍ୱର, : କିଟ୍ ଓ କିସ୍‌ରେ ଜାପାନୀ ଭାଷା କେନ୍ଦ୍ର ଓ ଉତ୍କର୍ଷ କେନ୍ଦ୍ର ଖୋଲିବା ସହ ଇର୍ଣ୍ଟର୍ନସିପ୍ ଏବଂ ମିସ୍‌ବିସ୍ କ୍ରୀଡା ସିଏସ୍‌ଆର କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି । ଏହିସବୁ ବ୍ୟବସ୍ଥାକୁ ଭାରତରେ ଅବସ୍ଥାପିତ ଜାପାନ ରାଷ୍ଟ୍ରଦୂତ ସାତୋସି ସୁଜୁକି ଆସନ୍ତା ୧୪ ତାରିଖରେ ଉଦ୍‌ଘାଟନ କରିବେ । ଏହି କାର୍ଯ୍ୟକ୍ରମ ପାଇଁ ଭାରତ ସରକାରଙ୍କ ବୈଦେଶିକ ସଚିବ ହର୍ଷ ବର୍ଦ୍ଧନ ଶ୍ରୀଙ୍ଗଲା, ମିସ୍‌ବିସ୍ ଭାରତର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଯୋଜି ତାଗୁଚି, ମିସ୍‌ବିସ୍ ଭାରୀଶିକ୍ଷ ଭାରତର ପରିଚାଳନା ନିର୍ଦ୍ଦେଶକ ସୁଶେକେ ସୁତୋ ପ୍ରମୁଖ କିଟ୍ ଓ କିସ୍ ପରିଦର୍ଶନରେ ଆସିଛନ୍ତି । ଭାରତରେ ଅବସ୍ଥାପିତ ଜାପାନର ରାଷ୍ଟ୍ରଦୂତ ସାତୋସିଙ୍କ ନେତୃତ୍ୱରେ ଏକ ଜାପାନ ପ୍ରତିନିଧିମଣ୍ଡଳ ସହ କିଟ୍ ଓ କିସ୍ ପରିଦର୍ଶନରେ ଅଛନ୍ତି । ପ୍ରଥମ ଥର ଲାଗି ଓଡ଼ିଶାର କିଟ୍ ଓ କିସ୍‌ରେ ଏଭଳି ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଛି । ଜାପାନୀ ଭାଷା କେନ୍ଦ୍ର ବିଶେଷ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜାପାନୀ ଭାଷା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ସହ ଦୁଇ ଦେଶ ମଧ୍ୟରେ ସଂପର୍କକୁ ନିବିଡ଼ କରିବାରେ ସହାୟକ ହେବ । ଇର୍ଣ୍ଟର୍ନସିପ୍ କାର୍ଯ୍ୟକ୍ରମରେ ୧୫୦ବର୍ଷ ପୁରାତନ ମିସ୍‌ବିସ୍ ଗ୍ରୁପ୍ କିଟ୍‌ର ମେଧାବୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷାନବୀଶ (ଇର୍ଣ୍ଟର୍ଣ୍ଣ) ରୂପେ ଗ୍ରହଣ କରିବ । ଏହା ବ୍ୟତୀତ ମିସ୍‌ବିସ୍ ତାର ସିଏସ୍‌ଆର କାର୍ଯ୍ୟକ୍ରମ ଜରିଆରେ କିସ୍‌ର ଛାତ୍ରଛାତ୍ରୀଙ୍କୁ ସହଯୋଗ ଯୋଗାଇ ଦେବ । ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ଭାରତ ଓ ଜାପାନ ମଧ୍ୟରେ ଥିବା କୂଟନୈତିକ ସଂପର୍କର ୭୦ବର୍ଷ ପୂର୍ତ୍ତି ଉଭୟ ଦେଶ ପାଳନ କରିବାକୁ ଯାଉଥିବା ବେଳେ ଜାପାନ ଦୂତାବାସ, ମିସ୍‌ବିସ୍ ଗ୍ରୁପ୍ ଓ କିଟ୍ ଓ କିସ୍‌ର ଏହି ମିଳିତ ପ୍ରୟାସ ଜାପାନ ଓ ଭାରତ ଉଭୟ ଦେଶର ଲୋକଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ବୃଦ୍ଧି କରିବାରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିବ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାରତରେ ଥିବା ଜାପାନ ଦୂତାବାସ, ଭାରତ ବୈଦେଶିକ ମନ୍ତ୍ରାଳୟ ଓ ମିସ୍‌ବିସ୍ ଗ୍ରୁପ୍‌ର ବରିଷ୍ଠ ପଦାଧିକାରୀଗଣ ଉପସ୍ଥିତ ଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଫେସର ହୃଷୀକେଶ ମହାନ୍ତି, ଉପକୁଳପତି ପ୍ରଫେସର ସସ୍ମିତା ସାମନ୍ତ, କୁଳସଚିବ ଜ୍ଞାନ ରଞ୍ଜନ ମହାନ୍ତିଙ୍କ ସମେତ କିଟ୍ ଓ କିସ୍‌ର ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ରହିବେ ।



# ଓଡ଼ିଶାର ୬ ସ୍ୱାଧୀନତା ସଂଗ୍ରାମୀଙ୍କ ନାଁରେ ଉନ୍‌ମୋଚନ ହେଲା ସ୍ୱତନ୍ତ୍ର ଡ଼ାକ ଲଫାପା



ଭୁବନେଶ୍ୱର(ଓଡିଶା ରିପୋର୍ଟର): ଡ଼ାକ ସପ୍ତାହ ପାଳନ ଅବସରରେ ଆଜି ଓଡ଼ିଶାର ୬ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ନାଁରେ ସ୍ୱତନ୍ତ୍ର ଡ଼ାକ ଲଫାପା ଉନ୍‌ବୋଚିତ ହୋଇଛି । 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ ଅବସରରେ ଦୁଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଧର୍ମେନ୍ଦ୍ର ପ୍ରଧାନ ଏହି ସ୍ୱତନ୍ତ୍ର ଡ଼ାକ ଲଫାପାକୁ ଉନ୍‌ମୋଚନ କରିଛନ୍ତି । ପରେ ଦୁଇ ମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ଓ ପରିବାର ସଦସ୍ୟଙ୍କ ସହ କଥା ହୋଇଛନ୍ତି । ଓଡିଶା ମାଟିର ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ଚ଼କରା ବିଷୋୟୀ, ଚ଼ାଖି ଖୁଣ୍ଟିଆ, ଶହୀଦ ବାଜି ରାଉତ ଓ ପାର୍ବତି ଗିରିଙ୍କ ସ୍ମୃତିରେ ଉନ୍‌ମୋଚ଼ିତ ହୋଇଛି ଲଫାପା । ଆଜି ଉନ୍‌ମୋଚ଼ିତ ହୋଇଥିବା ଲଫାପାକୁ କିଣି ବ୍ୟବହାର କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଧମେନ୍ଦ୍ର ପ୍ରଧାନ। ଏହି ଲଫାପା ବ୍ୟବହାର ହେଲେ ଯାଇ ମହାପୁରୁଷ ଓ ମହିୟସୀ ମହିଳାଙ୍କୁ ସଠିକ ଶ୍ରଦ୍ଧାଞ୍ଜଳି ଦେଇ ହେବ ବୋଲି ଉଭୟ ନେତା କହିଛନ୍ତି ।

## କଟକଣା ଭିତରେ ଚ଼ାଲିଛି ମା'ଙ୍କ ପୂଜାର୍ଚ୍ଚନା

ହିଞ୍ଜିଳିକାଟୁ,୧୩।୧୦(ପି.ଏନ) : ସବୁଠି ଭକ୍ତିମୟ ପରିବେଶ । ଧରାପୃଷ୍ଠର ବିଭିନ୍ନ ପୂଜା ମଣ୍ଡପରେ ପୂଜିତ ହେଉଥିବା ମାଦୁର୍ଗାଙ୍କ ପୂଜାର୍ଚ୍ଚନାକୁ ନେଇ ଭକ୍ତଙ୍କ ମନରେ ଦେଖାଦେଇଛି ଉତ୍ସାହ । କିନ୍ତୁ ପୂର୍ବବର୍ଷ ଭଳି ଚ଼ଳିତ ବର୍ଷ ମଧ୍ୟ ଫିକା ପଡିଯାଇଛି ମା'ଙ୍କ ପୀଠ । ନାହିଁ ଆଉ ସେ କୋଳାହଳ ପରିବେଶ । କୋଭିଡ କଟକଣା ଭିତରେ ସ୍ୱଳ୍ପ ସଂଖ୍ୟକ ଭକ୍ତଙ୍କୁ ନେଇ ହିଞ୍ଜିଳିକାଟୁ ସହରରେ ସରକାରୀ ଗାଇଡ୍ ଲାଇନ ପାଳନ କରି ବିଭିନ୍ନ ପୂଜାମଣ୍ଡପରେ ଚ଼ାଲିଛି ମାଁଙ୍କ ନୀତିକାନ୍ତି । ହିଞ୍ଜିଳିକାଟୁ ସହରର ବଇଁଚ଼ବଣିଆ ଦୂର୍ଗା ପୂଜା ମଣ୍ଡପ , ରେଗିଡି ସାହି ବିଦ୍ୟୁତ୍ ବିଭାଗ ଦୂର୍ଗା ପୁଜା ମଣ୍ଡପ ,ଲକ୍ଷ୍ମୀ ନୃସିଂହ ବଣିକ ସଂଘ ପୁଜା ମଣ୍ଡପ ରେ ଗାଇଡ୍ ଲାଇନ ଅନୁସାରେ ୪ ଇଞ୍ଚ ଉଚ୍ଚ଼ତାର ମାଙ୍କ ମୁର୍ତ୍ତୀୟ ମୁର୍ତ୍ତି ପୂଜାର୍ଚ୍ଚନା ଚ଼ାଲିଥିବା ବେଳେ ବରାହି ପାହାଡର ବିଦ୍ୟମାନ ମା ଦୁର୍ଗା ମନ୍ଦିର ଓ ହିଞ୍ଜିଳି ଦୁର୍ଗା ମନ୍ଦିର ରେ କୋଭିଡ୍ କଟକଣା ଭିତରେ ବିଧି ରକ୍ଷା ପାଇଁ ଚ଼ାଲିଛି ପୂଜା । ଏହା ସହିତ ମାଙ୍କ ହିଞ୍ଜିଳିକାଟୁ ସହର ସମେତ ବିଭିନ୍ନ ଗ୍ରାମରେ ମଧ୍ୟରେ ସମରଝୋଳ ଛକ , ରାଳବ ଆଦି ସ୍ଥାନରେ ବିଧି ରକ୍ଷା କରି କୋଭିଡ୍ କଟକଣା ଭିତରେ ଚ଼ାଲିଛି ମାଙ୍କ ନିତୀକାନ୍ତି ।

### ଅଭିନନ୍ଦନ

ପବିତ୍ର ଦୁର୍ଗାପୂଜା ଉପଲକ୍ଷେ ଆମର ଅଗଣିତ ପାଠକ-ପାଠିକା, ଲେଖକ/ଲେଖିକା, ବିଜ୍ଞାପନଦାତା, ବିତରକ ଓ ଶୁଭେଚ୍ଛୁଙ୍କୁ 'ପର୍ଯ୍ୟବେକ୍ଷକ'ର ହାର୍ଦ୍ଦିକ ଅଭିନନ୍ଦନ । **-ସମ୍ପାଦକ**

### ଛୁଟି ଘୋଷଣା

ପବିତ୍ର ଦୁର୍ଗାପୂଜା ଉପଲକ୍ଷେ 'ପର୍ଯ୍ୟବେକ୍ଷକ' କାର୍ଯ୍ୟାଳୟ ଅକ୍ଟୋବର ୧୪ ଓ ୧୫ ତାରିଖ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୭ ତାରିଖରେ ପ୍ରକାଶ ପାଇବ ।

**-ପ୍ରକାଶକ**


### ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପୂଜା ଅଭିନନ୍ଦନ

ମାତୃଶକ୍ତିର ଆରାଧନା ଆମ ସଂସ୍କୃତିର ଅନନ୍ୟ ବିଭବ । ଆଶ୍ୱିନରେ ମା'ଙ୍କର ଧରାବତରଣ ଚାରିଆଡେ ଏକ ଆନନ୍ଦମୟ ପରିବେଶ ସୃଷ୍ଟି କରିଛି । ପାର୍ବଣର ମହାର୍ଘ ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ଚଳିତ ବର୍ଷ ନିରାଡମ୍ବର ଭାବରେ ମା'ଙ୍କ ପୂଜା କରିବା ସହିତ ଭିଡ ନ କରିବା, ଠିକ୍ ଭାବରେ ମାସ୍କ ପିନ୍ଧିବା, ହାତ ଧୋଇବା ଏବଂ ସାମାଜିକ ଦୂରତା ରକ୍ଷା କରିବା ଆଦି କୋଭିଡ ନିୟମାବଳୀକୁ କଡାକଡି ଭାବରେ ପାଳନ କରିବା ପାଇଁ ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି ।

ଦିବ୍ୟ ଜନନୀଙ୍କ ଆଗମନ ପ୍ରତି ପରିବାରରେ ଖୁସି ଓ ଆନନ୍ଦ ଭରି ଦେଉ, ଏତିକି ପ୍ରାର୍ଥନା ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-25
15001/13/0049/2122



### "ପବିତ୍ର ବିଜୟା ଦଶମୀ – ୨୦୨୧" ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟର ପ୍ରତୀକ । ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ, ନ୍ୟାୟ ଏବଂ ଶାନ୍ତିର ପ୍ରତିଷ୍ଠା ଦିଗରେ ନିଷ୍ଠାପର କାର୍ଯ୍ୟ କରନ୍ତୁ ବୋଲି ମୁଁ ଆହ୍ୱାନ ଜଣାଉଛି ।

'କରୋନା' ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇରେ ସାମିଲ ହୋଇ ଆବଶ୍ୟକ ସରକାରୀ ନିର୍ଦ୍ଦେଶ ଓ ପରାମର୍ଶ ପାଳନ ପୂର୍ବକ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରୁଛି ।

ଗଣେଶୀ ଲାଲ
(ଗଣେଶୀ ଲାଲ)

DADLS-25
15001/13/0049/2122



### ଶାରଦୀୟ ଦୁର୍ଗାପୂଜା–୨୦୨୧ ଅବସରରେ ବାର୍ତ୍ତା

ପବିତ୍ର ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ରାଜ୍ୟବାସୀ ସମସ୍ତ ଭାଇଭଉଣୀମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଦୁର୍ଗତିନାଶିନୀ, ଶକ୍ତି ପ୍ରଦାୟିନୀ, ଜଗଜ୍ଜନନୀ ମା' ଦୁର୍ଗା ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରି ଦିଅନ୍ତୁ, ଏହା ହିଁ ମୁଁ କାମନା କରୁଛି ।

ସମ୍ପ୍ରତି କରୋନା ମହାମାରୀ ସଂପୂର୍ଣ୍ଣ ରୂପେ ଦୂର ହୋଇନାହିଁ । ଏପରି ସ୍ଥଳେ ସରକାରଙ୍କ ତରଫରୁ ଜାରି କରାଯାଇଥିବା କୋଭିଡ କଟକଣା ଅନୁପାଳନ ପୂର୍ବକ ଚଳିତ ବର୍ଷ ମା' ଦୁର୍ଗାଙ୍କର ଧରାବତରଣ ତଥା ଶାରଦୀୟ ଦୁର୍ଗାପୂଜା ଉତ୍ସବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବାକୁ ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି ।

(ରଘୁନନ୍ଦନ ଦାସ)
ସୂଚନା ଓ ଲୋକସମ୍ପର୍କ, ଜଳସଂପଦ ମନ୍ତ୍ରୀ

DADLS-25
15001/13/0049/2122



### ବାର୍ତ୍ତା

ପବିତ୍ର ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ବଡ଼ଚଣା–ଧର୍ମଶାଳା ଅଞ୍ଚଳ ତଥା ଯାଜପୁର ଜିଲ୍ଲା ଓ ରାଜ୍ୟର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
ବଡ଼ଚଣା–ଧର୍ମଶାଳା, ଯାଜପୁର, ଓଡ଼ିଶା











# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କିନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଉଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ଐସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## କର୍କଟ ରୋଗୀଙ୍କୁ କେଶ ଦାନ



ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଦ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

## ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମା ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା’ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢ଼ିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିକ୍ସ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଭାରତୀୟ ସଂସ୍କୃତିରେ ଶକ୍ତି ଉପାସନା



ଆମ୍ଭମାନଙ୍କର ଧାର୍ମିକ ପରମ୍ପରା ଧାରାରେ ଦୁଇଟି କଥା ନିହିତ ଅଛି; ବିଜ୍ଞାନ ସମ୍ବନ୍ଧୀୟ ସତ୍ୟତା ଏବଂ ଚେତନା; ଅନ୍ୟଟି ସୁଖୀଓ ଶାନ୍ତି ପ୍ରଦାୟକ ଜୀବନଯାପନ ପାଇଁ ସୁନିୟନ୍ତ୍ରିତ ସାମାଜିକ ଚଳଣିର ବ୍ୟବସ୍ଥା। ମୋ ବିବେଚନାରେ ଏମିତି କିଛି ଧାର୍ମିକ ପରମ୍ପରା ନାହିଁ ଯାହାକୁ ଆମ ପୂର୍ବପୁରୁଷମାନେ ଅନ୍ଧଭାବରେ ଖଞ୍ଜି ଚାଲିଯାଇଛନ୍ତି ଏବଂ ଯାହା ପଛରେ କିଛି ବୈଜ୍ଞାନିକ ସତ୍ୟତା ନାହିଁ। ଆମେ ଆମକୁ ଯେତେ ବୁଦ୍ଧିମାନ କହିଲେ ବି ରାବଣର ପୁଷ୍ପକ ବିମାନରେ ଚଢ଼ିନାହୁଁ କି ନାରଦର କଠଉ କରାମତି ଜାଣିନାହୁଁ। ଅଥଚ ଚିତ୍କାର କରୁଛୁ ଯେ ଜୟ କରିବାରେ ଆମେ ଜଳ, ସ୍ଥଳ ଏବଂ ଆକାଶ ଖେଦି ଚାଲିଛୁ। ଏହାହିଁ ଆମ କୂପମଣ୍ଡକତ୍ୱ।

ସକଳ ଜୀବ ବିଶେଷଙ୍କ ପାଇଁ ଈଶ୍ୱର ଜୀବବୃତ୍ତି ଅର୍ଥାତ୍ ଜନ୍ମନେବା, ବଂଚିବା ପାଇଁ ଖାଇବା-ପିଇବା ଏବଂ ମରିବା ବ୍ୟବସ୍ଥା କରିଛନ୍ତି; କିନ୍ତୁ ମଣିଷ ପାଇଁ ଗୋଟିଏ କଥା ଅଧିକ ଖଞ୍ଜି ଦେଇଛନ୍ତି; ସେଇଟା ହେଲା ବୁଦ୍ଧିବୃତ୍ତି। ଏହାକୁ ଖଟାଇ ସେ ଭଲ ମନ୍ଦ ବିଚାରିବା କଥା; ସବୁର କାରଣ ଖୋଜି, ବାହାର କରି ଅନ୍ଧବିଶ୍ୱାସ ଏବଂ କୁସଂସ୍କାରଠାରୁ ଦୂରେଇବା କଥା; କିନ୍ତୁ ସେ ଏକଥା ପାରୁନାହିଁ। ଏବେ ନିଜକୁ ବିଜ୍ଞାନୀ କହି ଅନେକ ନାସ୍ତିକ ପାଲଟିଗଲେଣି ଏବଂ ପ୍ରଚଳିତ ଧାର୍ମିକ ପରମ୍ପରାକୁ ଅନ୍ଧ ଅନୁକରଣ ଏବଂ କୁସଂସ୍କାର ବୋଲି କହିସାରିଲେଣି। ଆମେ ଏହାର ପ୍ରତିବାଦ କରୁଛୁ ଏବଂ ଏହି ପରିପ୍ରେକ୍ଷୀରେ ଶକ୍ତି ଉପାସନା ଅର୍ଥାତ୍ ଶକ୍ତି ତତ୍ତ୍ୱ ଉପରେ କିଛି ଆଲୋକପାତ କରୁଛୁ। ମଣିଷ ବଳ ପ୍ରୟୋଗ କରି ଯଦି ନିଜେ ବା କୋଉ ପଦାର୍ଥକୁ ବିସ୍ଥାପିତ କରେ, ସେଠାରେ କିଛି କାର୍ଯ୍ୟ ହେଲା ବୋଲି କୁହାଯାଏ। କାର୍ଯ୍ୟ ସହିତ ବଳ ଓ ଦୂରତା ସଂଶ୍ଳିଷ୍ଟ। ପୁନଶ୍ଚ ସମସ୍ତେ କାର୍ଯ୍ୟକରି ପାରନ୍ତି ନାହିଁ। ଯାହାର କାର୍ଯ୍ୟ କରିବାର ସାମର୍ଥ୍ୟ ଅଛି; ତାହାର ଶକ୍ତି ଅଛି ବୋଲି କୁହାଯାଏ। ଶକ୍ତି କାର୍ଯ୍ୟ କରିବାର ସାମାର୍ଥ୍ୟକୁ ବୁଝାଏ। ଏହାଗୁଣି ଦ୍ୱି-ବିଧ ସ୍ଥିତିଜ ଶକ୍ତି ଏବଂ ଗତିଜ ଅଛି। ଶକ୍ତି ଅଦୃଶ୍ୟ। ଏହା ଗୋଟିଏ ଶକ୍ତିରୁ ଅନ୍ୟଶକ୍ତିକୁ ରୂପାନ୍ତରିତ ହୁଏ ଯେମିତି ବିଦ୍ୟୁତ୍‌ଶକ୍ତି ତାପଶକ୍ତି, ଶବ୍ଦଶକ୍ତି, ଆଲୋକ ଶକ୍ତି ଏବଂ ଯାନ୍ତ୍ରିକ ଶକ୍ତି ଇତ୍ୟାଦିକୁ ରୂପାନ୍ତରିତ ହୁଏ। ଶକ୍ତିର ହ୍ରାସ ନାହିଁକି ବୃଦ୍ଧି ନାହିଁ। ସ୍ଥିରତା ଅଛି। ଚଳଚ□ଳତା ଅଛି। ବିନା ଶକ୍ତିରେ ସମଗ୍ର ବିଶ୍ୱର ଚଳଚ□ଳତା ମୁହୂର୍ତ୍ତକ ମଧ୍ୟରେ ଠପ୍। ଶକ୍ତିଥିଲାଯାଏଁ ଏ ମଣିଷ ଶିବ; ଶକ୍ତି ବିହୁନେ ଶବ। ଶକ୍ତିହିଁ ଏ ବିଶ୍ୱର ଆଧାର। ଏଣୁ ଶକ୍ତିହିଁ ଜୀବନ; ଆତ୍ମା। ପରମାତ୍ମାର ଅଂଶବିଶେଷ। ପରମାତ୍ମାରୁ ଆତ୍ମା ଏବଂ ଆତ୍ମାର ପରମାତ୍ମାରେ ବିସର୍ଜନ। ବିଜ୍ଞାନମତେ ଶକ୍ତି ଶକ୍ତିସଂସ୍ଥାନ ବା ପୋଷକ କୁଣ୍ଡରୁ ଆମେ ଏବଂ ପୁନଶ୍ଚ ସେଇ ପୋଷକ କୁଣ୍ଡକୁ ଫେରିଯାଏ।



ବିଜ୍ଞାନରୁ ପ୍ରମାଣିତ ହୋଇଛି ଯେ ଜଡ଼ରୁ ଜୀବନ। ଏହି ବୈଜ୍ଞାନିକ ସତ୍ୟତାରୁ ପରମାର୍ଥିକ ବା ପରମାତ୍ମିକ ମୂଳବିନ୍ଦୁଟି ଆରମ୍ଭ ହୋଇଛି। ପରମାତ୍ମା ହିଁ ପରମବ୍ରହ୍ମ; ଆଦିମୂଳ; ଏଇଠୁ ଆରମ୍ଭ ସୃଷ୍ଟିର ସର୍ଜନା, ବିକାଶ ଏବଂ ବିନାଶ। ମୁହୂର୍ତ୍ତକ ବ୍ରହ୍ମରୁ ବ୍ରହ୍ମାଣ୍ଡ : ଦାୟିତ୍ୱରେ ବ୍ରହ୍ମା; ସେମିତି ପାଳନକୁ ବିଷ୍ଣୁ ଏବଂ ସଂହାରକୁ ଶିବ; ଏକରୁ ତ୍ରିଗୁଣାତ୍ମକ ଏମାନେ।

ପୁନଶ୍ଚ ପୁରାଣ ଓ ବେଦମତେ; ଏକ ଏକ ଦ୍ୱିଧା ଜାତଃ: ସଗୁଣ ଓ ନିର୍ଗୁଣ। ସଗୁଣ : ଶକ୍ତି ଏବଂ ସାକାର। ନିର୍ଗୁଣ : ପୁରୁଷ ଓ ନିରାକାର। କାର୍ଯ୍ୟ ଓ କାରଣକୁ ଶକ୍ତି। ଏଣୁ ଆକାର ବିଶିଷ୍ଟ ହୋଇପାରେ। ବ୍ରହ୍ମ ବୈବର୍ତ୍ତ ପୁରାଣମତେ : କାର୍ଯ୍ୟାର୍ଥେ ସଗୁଣା ତ୍ୱଂ ଚ ବସ୍ତୁତୋ ନିର୍ଗୁଣା ସ୍ୱୟମ୍; ପରମ ବ୍ରହ୍ମ ସ୍ୱରୂପାତ୍ୱଂ ସତ୍ୟା ନିତ୍ୟ ସନାତନୀ॥

ଶକ୍ତି ଆଦିରୂପା ଅଦୃଶ୍ୟ। କେହି ନଥିଲାବେଳେ ସେ ଏକମାତ୍ର ବ୍ରହ୍ମ ରୂପେ ଥିଲେ। ପରବର୍ତ୍ତୀ ସମୟରେ ଏଇ ମଣିଷ ବିଶେଷକରି ଶିଳ୍ପୀମାନେ ତାଙ୍କୁ ରୂପଦେଲେ। ସପ୍ତଶତୀ ପୁରାଣ ଅନୁସାରେ : ଯା’ଦେବୀ ସର୍ବଭୂତେଷୁ ମାତୃ ରୂପେଣ ସଂସ୍ଥିତା।

‘ଶକ୍ତି’ ଶବ୍ଦଟି ବନାନରେ ସ୍ତ୍ରୀଲିଙ୍ଗ ନୁହେଁ। ସ୍ତ୍ରୀ ଲିଙ୍ଗ ପାଇଁ ଗ୍ରହଣୀୟ ସତ୍ୟ। କାରଣ ସଂସାରର ସମସ୍ତ କର୍ଯ୍ୟଲାଳନ, ପାଳନ, ବର୍ଦ୍ଧନ... ଏମିତି ଯେତେଯେତେ ମାତୃତ୍ୱର ଅବଦାନ, ସବୁଦିଏ ଏଇ ଶକ୍ତି। ଧାରଣପାଇଁ ସେମାନେ ଧରିତ୍ରୀ; ଲାଳନ, ପାଳନ, ସ୍ନେହ ଶ୍ରଦ୍ଧା ଓ ମମତା ପାଇଁ ସେ ମା’ ଏବଂ ଜୀବନ ସଂରକ୍ଷକ ଭାବରେ ସେ କୁଣ୍ଡଳିନୀ ଶକ୍ତି; ଶିବା।

ସେ ଅଦ୍ୟାଶକ୍ତି, ଆଦ୍ୟାପୂଜା କେଉଁ ପ୍ରାକ୍ ବୈଦିକ ଯୁଗରୁ। ଏହା ଏକ ବାସ୍ତବ ସତ୍ୟ ଯେ ମଣିଷ ଯାହାଠାରୁ ଉପକାର ପାଇଛି; ମାଟି, ପାଣି, ପବନ, ସୂର୍ଯ୍ୟ, ବୃକ୍ଷ, ଜୀବଜନ୍ତୁ, ସେ ତା’ର ଦିଅଁ ହୋଇରହିଛି। କାରଣ ତା’ ବିନା ତା’ର ନାହିଁ ଅନ୍ୟଗତି। ମଣିଷ କେବେବି ସ୍ୱୟଂ ସଂପୂର୍ଣ୍ଣ ନୁହେଁ; ସେ ପରଭୋଜୀ, ପ୍ରକୃତିର ପାଣି ତା’ ଶିରାରେ; ପବନ, ତା’ ନା ସାରେ; ମାଟିର ସାର ତା’ ପେଟରେ ... ଇତ୍ୟାଦି ଇତ୍ୟାଦି।

ଏପ୍ରକୃତି ତା’ ମା’। ସେ ମାୟା, ମହାମାୟୀ; ଏଶକ୍ତି ତା’ ଜ୍ଞାନ; ସରସ୍ୱତୀ, ମହା ସରସ୍ୱତୀ। ଏ ଶକ୍ତି ତା’ ଅର୍ଥ, ଲକ୍ଷ୍ମୀ ବା ମହାଲକ୍ଷ୍ମୀ। ଏଶକ୍ତି ତା’ର ଯୁଗେଯୁଗେ ଦୁର୍ଗତି ନାଶିକା, ମହିଷାମର୍ଦ୍ଦିନୀ : ମା ଦୁର୍ଗା। ଏ ଶକ୍ତି ଚିର ଅଭୟଦାୟିନୀ, ମା’ ଶୁଭମନାସ୍ୱିନୀ, ମା’ ଝଙ୍କଡ଼ ଶାରଳା, କାକଟପୁର ମଙ୍ଗଳା, କୋଣାର୍କର ରାମଚଣ୍ଡୀ, ପୁରୀର ବିମଳା, ବାଙ୍କିର ଚର୍ଚ୍ଚିକା, ଯାଜପୁରର ବିରଜା, ତାଳଚେରର ହିଙ୍ଗୁଳା ଓ ଭୁବନେଶ୍ୱରର ମା’ ଗୌରୀ ଏବଂ ଆମ ପୁର ପଲ୍ଲୀରେ ଥିବା ଶକ୍ତିପୀଠମାନଙ୍କର ମା’ ଶିବା। ସେ ଆଦିବାସୀର କାଠ ଖମ୍ବେଶ୍ୱରୀ; ସେ ଶ୍ରୀ ମନ୍ଦିରର ମା’ ଶୁଭଦ୍ରା। ସେ ଏକାଧାରରେ ଶାକ୍ତ, ଶୈବ ଏବଂ ବୈଷ୍ଣବମାନଙ୍କର ଦ୍ୱାରା ପୂଜିତା। ସାମାଜିକ ଚଳଣି କ୍ଷେତ୍ରରେ ଏଇ ମା’ ଓହ୍ଲାଇ ଆସେ ଜନ୍ମଦାତ୍ରୀ ମମତାମୟୀ ମାତା ହୋଇ; ମାୟାବିନୀ ସ୍ତ୍ରୀ ହୋଇ; ସୋହାଗିନୀ ଭଗ୍ନୀ; ସେବିକାରୂପେ ଧାତ୍ରୀ ଏବଂ ପ୍ରେମିକା ରୂପେ ରାଧା ହୋଇ; ଦୁଃଖ ସୁଖର ସାଥୀହୋଇ; ବଂଶାନୁକ୍ରମିକ ଗଢ଼େଇ ଚାଲିବାରେ ସନ୍ତାନର ମାତାହୋଇ ଅଥଚ ଆଜିର ପୁରୁଷପ୍ରଧାନ ସମାଜରେ ସେ ଆଜି ନିର୍ଯାତିତା। ଯେଉଁ ପୁତ୍ରପାଇଁ ତା’ର ଏତେ ତପସ୍ୟା, ସେ ପୁତ୍ରକରେ ପଦାଘାତ। ଏଣୁ ଯଥାର୍ଥରେ କୁହାଯାଇଛି: କୁପୁତ୍ର ଜାୟତେ କ୍ୱଚିଦପି, କୁମାତା ନ ଭବତି।

ମା’ ସଦାବେଳେ ମା’, ଶୁଭାକାଂକ୍ଷୀ। ପୁତ୍ର ସୁପୁତ୍ର ବା କୁପୁତ୍ର ହୋଇପାରେ। ସେଇ ମା’ ଜାତିର ସମ୍ମାନ ପାଇଁ ଏ ଶକ୍ତିଉପାସନା।

ପ୍ରତିଟି କ୍ଷେତ୍ରରେ ନାରୀ ଓ ପୁରୁଷ ମଧ୍ୟରେ ସାମାଜିକ ବୈଷମ୍ୟ ଦେଖାଯାଏ। ନାରୀଟିଏ ଯେପରି ପୁରୁଷପାଇଁ ଏକ ନ୍ୟୁନ ଏବଂ ଘୃଣ୍ୟ ଅଥବା ପଣ୍ୟବସ୍ତୁ; ଏପରିକି ନାରୀଟି ପାଇଁ ଶଯ୍ୟାସଙ୍ଗିନୀକୁ ସେ ପ୍ରେମ ପାଗଳ, ସେ ତା’କୁହିଁ ଭ୍ରୁଣରୁ ହତ୍ୟାକରେ। ପୁରୁଷ ବୁଝିବା ଉଚିତ୍ ଯେ ନାରୀ ଏବଂ ତା’ ମଧ୍ୟରେ ସମାନତା ଏବଂ ସମତୁଲ୍ୟତା ରହିଛି। ଏକଥା ସ୍ୱୟଂ ଭଗବାନ ସ୍ୱୀକାର କରିଛନ୍ତି; ଯଦି ତେଜସିରୂପଂହଂ ତେଜୋରୂପାସି ତ୍ୱଂତଦା; ସଶରୀରେ ଯଦା ଅହଂ ଚ ତଦା ତ୍ୱଂହ ଶରୀରିଣୀ।

ସେ ଗୃହଦାସୀ ନୁହେଁ। ସମାଜରେ ତା’ର ସମାନ ଅଧିକାର ଅଛି। ସେ ଉପଯୁକ୍ତ ସମ୍ମାନ ପାଇଲେ ପାରିବାରିକ ତଥା ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ମାୟାଧର ମାନସିଂହଙ୍କ ଭାଷାରେ:

*“ଦୁହେଁ ସିନା ହୋଇଲେ ସମାନ ସହଯୋଗ ହେବା ସୁଖକର/ ଗୃହଦାସୀ କରିତ ରଖିଲ ଯୁଦ୍ଧେ କିଏ ଯୋଗାଇବ ଶର।”*

ନାରୀଟିଏ ପୁରୁଷର ଭୋଗ୍ୟବସ୍ତୁ ନୁହେଁ। ବିପଦ ଉଦ୍ଧାର କାରିଣୀ ତାରିଣୀ; ମହିଷାମର୍ଦ୍ଦିନୀ ମା’ ଦୁର୍ଗା। ପୁରୁଷଟିଏ ପାଇଁ ସବୁ ଅସମ୍ଭବର ସମ୍ଭବ କାରିଣୀ ଏଇ ଶକ୍ତି। ଏଣୁ ତା’ରି ସମ୍ମାନାର୍ଥେ ଏ ଉପାସନା ଏ ଭାରତ ଭୂଖଣ୍ଡରେ।

*“ଜୟ ଈଶ୍ୱରୀ ପତିତପାବିନୀ ଲକ୍ଷ୍ମୀ ଗୋ ବରଦାୟିନୀ/ମଙ୍ଗଳକର ଉଜ୍ଜ୍ୱଳକର ଆଶିଷ ଢ଼ାଳି, ଏଇ ତୋତେ ମା’ ଦଇନୀ॥”*

**ବିପିନବିହାରୀ ମହାନ୍ତି,**
ବିକାଶ ନଗର, ଜଟଣୀ, ଖୋର୍ଦ୍ଧା।
ମୋ: ୯୯୩୮୩୪୪୧୩୮

# ରୂପଂ ଦେହି ଜୟଂ ଦେହି ଯଶୋ ଦେହି ଦ୍ୱିଷୋ ଜହି



ମାଟିରୁ ଆକାଶ ଯାଏଁ ପରିବ୍ୟାପ୍ତ ଯାହାର ସ୍ନେହ, ମମତା, ନିଃସର୍ତ୍ତ ଭଲପାଇବା, ସେଇ ମାଆ କାଳେ କାଳେ ଏକ ଅମୃତର ମନ୍ଦାକିନୀ, ଆଶିଷର, କଲ୍ୟାଣର ନିର୍ଝରିଣୀ। ନିଖିଳ ବ୍ରହ୍ମାଣ୍ଡର ସୃଷ୍ଟି, ସ୍ଥିତି, ପ୍ରଳୟର ସେ ଉତ୍ସ। ସେ ହିଁ ଆଦ୍ୟାଶକ୍ତି। ମା ଥିଲେ ଘର ସୁନ୍ଦର, ମା ହିଁ ମମତାର ମନ୍ଦିର। ସେ ହିଁ ମାତୃଶକ୍ତି ରୂପେ ପୂଜିତା। ଦେବୀ ଦୁର୍ଗା, ବିଶ୍ୱଜନନୀ ଓ ବିଶ୍ୱେଶ୍ୱରୀ। ବ୍ରାହ୍ମଣୀ ରୂପେ ସେ ସୃଷ୍ଟିକର୍ତ୍ତ୍ରୀ। ବୈଷ୍ଣବୀ ରୂପେ ପାଳନକର୍ତ୍ତ୍ରୀ, ଶିବାନୀ ରୂପେ ସେ ଧ୍ୱଂସକର୍ତ୍ତ୍ରୀ। ଶ୍ରୀ ଚଣ୍ଡୀରେ ଦେବୀଙ୍କୁ ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ ରୂପେ ବର୍ଣ୍ଣନା କରାଯାଇଛି। ଅଧର୍ମ, ଅନ୍ୟାୟ, ଅସତ୍ୟର ବିନାଶ ପାଇଁ ଯୁଗେ ଯୁଗେ ମାଆଙ୍କର ଆରାଧନା କରାଯାଏ, ଦୁର୍ଗାପୂଜା ତାହା ମଧ୍ୟରେ ସର୍ବୋତ୍କୃଷ୍ଟ ଏକ ଗଣପର୍ବ। ଏହି ଦୁର୍ଗାପୂଜା ବା ଦଶହରା ସାଧାରଣତଃ ଚୈତ୍ର ଶୁକ୍ଳପକ୍ଷ ପ୍ରତିପଦାଠାରୁ ନବମୀ ପର୍ଯ୍ୟନ୍ତ ବାସନ୍ତିକ ନବରାତ୍ରି ଭାବେ ପାଳନ କରାଯାଏ। ସେହିପରି ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦା ଠାରୁ ନବମୀ ପର୍ଯ୍ୟନ୍ତ ଶାରଦୀୟ ନବରାତ୍ରୀ ନାମରେ ପାଳନ କରାଯାଏ। ସକଳ ଦୁର୍ଗତିର ଉଦ୍ଧାର କରୁଥିବାରୁ ଦେବୀଙ୍କ ନାମ ଦୁର୍ଗା।



ଶରତ ଋତୁ ମନଲୋଭା ଋତୁଟିଏ, ପାର୍ବଣ ସାଥୀଟିଏ। ଶରତ ଋତୁରେ ଗଛର ପତ୍ର ସବୁ ବି ପାଲଟି ଯାଆନ୍ତି ଗୋଟେ ଗୋଟେ କମନୀୟ ଫୁଲ। ସେଥିପାଇଁ ଆଲବର୍ଟ କାମ୍ୟୁ କହିଥିଲେ, Autumn is a second spring when every leaf is a flower. ନିର୍ମଳ ଧରିତ୍ରୀ, ନିର୍ମଳ ଆକାଶରେ ମେ□ାମେ□ା ଭାସମାନ ଧଳା ବାଦଲର ମାଳା, ଶୀତଳ ସମୀରଣର ମନ୍ଦମନ୍ଦ ଗୁଞ୍ଜରଣ, ରାସ୍ତା ଧାରେଧାରେ ଧବଳ କାଶତଣ୍ଡୀର ମନଛୁଆଁ ନୃତ୍ୟ, ସରସୀରେ ଫୁଟନ୍ତା ପଦ୍ମ ଓ କଇଁର ସ୍ୱର୍ଗୀୟ ସୁଷମା, ମନ, ପ୍ରାଣ, ଚେତନାକୁ ସତେ ଅବା ଟାଣିନିଏ ଭିନ୍ନ ଏକ ପରିସରକୁ, ମାତୃପୂଜାର ମଣ୍ଡପକୁ ଦେବୀପୀଠକୁ, ଦେବାଳୟକୁ।

ଯେତେବେଳେ ଦେବତା ଓ ଦାନବଙ୍କ ଭିତରେ ବିବାଦ ସୃଷ୍ଟି ହୋଇଥିଲା, ମହିଷାସୁର ଦାନବଙ୍କ ପ୍ରତୀକ ସାଜିଥିବା ବେଳେ ଦେବୀ ଦୁର୍ଗା ପ୍ରତିନିଧିତ୍ୱ କରିଥିଲେ ଦେବଦେବୀଙ୍କର। ‘ମହିଷ’ର ଅର୍ଥ ମଇଁଷୀ, ଯାହାର ମୋଟା ମୋଟା ଚମଡ଼ା ସାଙ୍ଗକୁ ବଡ଼ ବଡ଼ ଶିଙ୍ଘ ଦୁଇଟି, ବଡ଼ ଭୟଙ୍କର, କୁତ୍ସିତ, କଦାକାର ଚେହେରା। ମୋଟା ଚମଡ଼ାର ଅର୍ଥ ମୋଟାବୁଦ୍ଧିଆ ବା ମୂର୍ଖ। ସେଥିପାଇଁ ଏହି ଦଶହରା ବା ବିଜୟା ଦଶମୀକୁ ମଧ୍ୟ ଅନ୍ଧାର ଉପରେ ଆଲୋକର ବିଜୟ, ଅନ୍ୟାୟ ଉପରେ ନ୍ୟାୟର ବିଜୟ, ଅଧର୍ମ ଉପରେ ଧର୍ମର ବିଜୟ, ଅସତ୍ୟ ଉପରେ ସତ୍ୟର ବିଜୟ, ଅଜ୍ଞାନତା ଉପରେ ଜ୍ଞାନର ବିଜୟ, ଆସକ୍ତି ଉପରେ ଅନାସକ୍ତିର ବିଜୟ, ଆସୁରୀ ଶକ୍ତି ଉପରେ ଦୈବୀଶକ୍ତିର ବିଜୟ ବୋଲି କୁହାଯାଏ। ପୁନଶ୍ଚ ଏହା ପ୍ରମାଣ କରିବାକୁ ଚାହେଁ ଯୁଗେ ଯୁଗେ ‘ନାରୀ’ ହିଁ ଶକ୍ତିମୟୀ। ସେ ଜନନୀ, ଭଗିନୀ, ଜାୟା ଓ କନ୍ୟା ରୂପେ ଏ ସୃଷ୍ଟିକୁ ବ□ାଇ ରଖେ, ସେ ଶକ୍ତିମୟୀ, ସେ ଅବଳା କିମ୍ବା ଦୁର୍ବଳା ନୁହେଁ। ଦଶାନନ ରାବଣ ହେଉ କିମ୍ବା ମହିଷାସୁର ହେଉ, ତାକୁ ନିଧନ କରିବା ପାଇଁ ପଶ୍ଚତରେ ରହିଛି ଦେବୀଙ୍କର ଭୂମିକା। ରାବଣ ଓ ମହିଷାସୁରର ଅହଙ୍କାର, ଆସକ୍ତି ଓ କାମନା ହିଁ ତାଙ୍କ ବିନାଶକୁ ଡାକି ଆଣିଥିଲା।

ଅନ୍ୟ କାହା ଅପରାଧ ନିମନ୍ତେ ନୁହେଁ, ପ୍ରତ୍ୟେକଙ୍କୁ ସ୍ୱକୃତ ଅପରାଧର ଶାସ୍ତି ଭୋଗିବାକୁ ପଡ଼ିଥାଏ। ତେବେ ବେଳେବେଳେ ମଣିଷ ଅସତ୍ୟର ଆଶ୍ରୟ ନ ନେଇ ଠିକ୍ ଭାବି ଏଭଳି ଭୁଲ କରିଥାଏ, ଯାହା ଜୀବନକୁ ଦୁର୍ବିସହ କରିଦେଇଥାଏ। ଏହିଭଳି ଏକ ଘଟଣା ଘଟିଥିଲା ପାଣ୍ଡୁଙ୍କ ଜୀବନରେ। ଧୃତରାଷ୍ଟ୍ର ହସ୍ତିନାର ରାଜସିଂହାସନରେ ଅଭିଷିକ୍ତ ହୋଇସାରିଥାନ୍ତି। ରାଜପ୍ରାସାଦର ବ୍ୟସ୍ତବିବ୍ରତ ଜୀବନଧାରା ଓ ଜନବହୁଳ ଜନପଦ ଅପେକ୍ଷା ଅରଣ୍ୟାନୀର ଶାନ୍ତସୁନ୍ଦର, କମନୀୟ ପରିବେଶ ଅଧିକ ଆକୃଷ୍ଟ କରୁଥିଲା ଅମ୍ବାଳିକା ନନ୍ଦନ ପାଣ୍ଡୁଙ୍କୁ। ଜ୍ୟେଷ୍ଠଭ୍ରାତା ଧୃତରାଷ୍ଟ୍ର ସିଂହାସନରେ ଅଧିଷ୍ଠିତ ହେବାପରେ ଶତଶୃଙ୍ଗ ଗିରି ଉପତ୍ୟକା ଓ ସବୁଜ ଅରଣ୍ୟାନୀ ହିଁ ଥିଲା ପାଣ୍ଡୁଙ୍କ ସାମ୍ରାଜ୍ୟ। ମୃଗୟା ଥିଲା ଚିତବିନୋଦନର ମାଧ୍ୟମ। ଶେଷରେ ଏହାହିଁ ତାଙ୍କ ନିମନ୍ତେ ଭୟଙ୍କର ଶାପର କାରଣ ହୋଇଥିଲା। ଆଷାଢ଼ର ଏକ ମେଘମେଦୁର ଅପରାହ୍ନ। ଘ□ ଅରଣ୍ୟାନୀ ବୃକ୍ଷଲତାର ସବୁଜ ପତ୍ରରୁ ଜଳବିନ୍ଦୁ ଟପଟପ କରି ଝରି ପଡୁଥାଏ। ମେଘଢଙ୍କା ଆକାଶ ଅରଣ୍ୟକୁ ଆହୁରି ଅନ୍ଧକାରାଚ୍ଛନ୍ନ କରିଦେଇଥାଏ ଯଦିଚ ସୂର୍ଯ୍ୟାସ୍ତ ହେବାରେ ଅନେକ ବିଳମ୍ବ ଥାଏ। ମୃଗୟା ଉଦ୍ଦେଶ୍ୟରେ ଇତସ୍ତତ ବୁଲିବା ସମୟରେ ହଠାତ୍ ଶୁଣିବାକୁ ପାଇଲେ ମୃଗଦମ୍ପତିଙ୍କ ସ୍ୱର। ଶିକାର ଲାଳସା ରୂପୀ ଅଦମନୀୟ କାମନା ନିକଟରେ ନୈତିକତା ହଜିଗଲା। ମୃଗଦମ୍ପତି ମୈଥୁନରତ ଥାଇ ମଧ୍ୟ ଶିକାର ନିମିତ ଶର ନିକ୍ଷେପ କଲେ। ଶର ନିକ୍ଷିପ୍ତର ପରମୁହୂର୍ତ୍ତରେ ମୃଗଦମ୍ପତିଙ୍କ ଆର୍ତ୍ତସ୍ୱର ପରିବର୍ତ୍ତେ ମନୁଷ୍ୟ କଣ୍ଠର ଆର୍ତ୍ତଚିତ୍କାରରେ ବନଭୂମି ପ୍ରକମ୍ପିତ ହୋଇଗଲା। ଏହାଶୁଣି ରାଜା ପାଣ୍ଡୁଙ୍କ ବକ୍ଷ ଶତଧା ବିଦୀର୍ଣ୍ଣ ହୋଇଗଲା ଭଳି ଲାଗିଲା। ତୀବ୍ର ବେଗରେ ତତକ୍ଷଣାତ୍ ସେହି ସ୍ୱର ଆସୁଥିବା ଦିଗକୁ ଧାଇଁଗଲେ। ପତ୍ର ଗହଳରେ ଶରବିଦ୍ଧ ଅବସ୍ଥାରେ ଯିଏ ଯନ୍ତ୍ରଣାରେ ଚିତ୍କାର କରୁଥିଲେ ସିଏ ଥିଲେ ଜଣେ ମଣିଷ - କିନ୍ଦମ ମୁନି ଓ ତାଙ୍କ ପତ୍ନୀ। ଅବ୍ୟର୍ଥ ଶରାଘାତରେ ସର୍ବାଙ୍ଗ ଲହୁଲୁହାଣ। ଓଦାମାଟି ଆହୁରି ସିକ୍ତ ହୋଇଯାଉଥାଏ ମୁନିଙ୍କ ଲାଲରକ୍ତରେ। ଏହି ଅନାକାଙ୍କ୍ଷିତ ଦୃଶ୍ୟ ପାଣ୍ଡୁଙ୍କୁ ସ୍ତବ୍ଧ କରିଦେଇଥିଲା। ନତଜାନୁ ହୋଇ ସମ୍ମୁଖରେ ବସିପଡ଼ିଲେ ସେ ଓ ମାଦ୍ରୀ - ମୃଗ ଭ୍ରମ ବଶତଃ ତୀରଚାଳନା କରିବାରୁ ଏଭଳି ଅଭାବନୀୟ ଘଟଣା ଘଟିଛି - କମ୍ପିତ କଣ୍ଠରେ ଦୁଃଖରେ ମ୍ରିୟମାଣ ପାଣ୍ଡୁ କ୍ଷମା ମାଗିଲେ। ଯନ୍ତ୍ରଣା ଜର୍ଜରିତ ମୁନିଙ୍କ ଉପରେ କିନ୍ତୁ ଏହା କୌଣସି ପ୍ରଭାବ ପକାଇ ନଥିଲା। ଶେଷ ନିଃଶ୍ୱାସ ତ୍ୟାଗ ପୂର୍ବରୁ ଅଭିଶାପ ଦେଲେ - ‘ରେ ମୂଢ଼! ବର୍ଷାସିକ୍ତ ଅରଣ୍ୟାନୀର ଦୃଶ୍ୟ ଉପଭୋଗ ପାଇଁ ମୁଁ ଏଭଳି ନିକା□ନ ସ୍ଥାନଟିଏ ବାଛି ନେଇଥିଲି। ପତ୍ନୀଙ୍କ ସହ କେତୋଟି ମୁହୂର୍ତ୍ତ ବିତାଇଥାନ୍ତି। ହେଲେ ତୁ ବଇରୀ ସାଜିଲୁ। ଜାଣିରଖ ପତ୍ନୀ ସମ୍ଭୋଗ ତୋର ମୃତ୍ୟୁର କାରଣ ହେବ।’ ନିରପରାଧ ମୁନିଙ୍କର ଏହି ପ୍ରଚଣ୍ଡ ଅଭିଶାପ ହିଁ ପାଣ୍ଡୁଙ୍କ ଜୀବନର ପରିସମାପ୍ତି ଘଟାଇଥିଲା। ଆସକ୍ତିବଶତଃ ପାଣ୍ଡୁ ଶରନିକ୍ଷେପ କରିଥିଲେ ମୃଗଦମ୍ପତିଙ୍କ ଉଦ୍ଦେଶ୍ୟରେ, ସେହି ପ୍ରଚଣ୍ଡ ଆସକ୍ତି ହେତୁ ପରବର୍ତ୍ତୀ କାଳରେ ସେ ଭୁଲି ଯାଇଥିଲେ ମୁନିଙ୍କ ଶାପ, ଯାହା ଶେଷରେ ତାଙ୍କ ମୃତ୍ୟୁର କାରଣ ହୋଇଥିଲା।

ଏବେ ଘୋର କଳିକାଳ ଉପସ୍ଥିତ। ବେଳକୁ ବେଳ ‘ପାପ’ର ଭାର ବଢ଼ିବଢ଼ି ଚାଲିଛି। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ କେବଳ ଜଗଜ୍ଜନନୀ ମା ହିଁ ସୃଷ୍ଟିର ମଙ୍ଗଳ ବିଧାନ ପାଇଁ ସନ୍ତାନକୁ କ୍ଷମା କରିଦେଇ ସତ୍‌ମାର୍ଗରେ ପ୍ରେରିତ କରିବ। ସେଥିପାଇଁ ଶ୍ରୀ ଶଙ୍କରାଚାର୍ଯ୍ୟକୃତ ‘ଦେବୀଅପରାଧ କ୍ଷମାପନ୍ନସ୍ତୋତ୍ର’ରେ ବର୍ଣ୍ଣିତ କୁପୁତ୍ରୋ ଜାୟେତ କ୍ୱଚିଦପି କୁର୍ମାର୍ପନଭବତି। ଶ୍ରୀ ଦୁର୍ଗା ହେଉଛନ୍ତି ଦଶ ମହାବିଦ୍ୟା। ତାହା ହେଲା କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ ଓ କମଳା, ଦେବୀ ଦୁର୍ଗା ସମସ୍ତ ଦେବତାମାନଙ୍କର ତେଜରୁ ଜନ୍ମ, ଅଯୋନିସମ୍ଭୂତା ଓ ପରମପୂଜ୍ୟା। ଏଣୁ ଶ୍ରୀ ଦୁର୍ଗାଙ୍କର ପୂଜା ପରେ ଦଶମହାବିଦ୍ୟାଙ୍କର ପୂଜା ହୋଇଥାଏ।

ପୁରାଣରେ ଶିବଙ୍କ ଅନ୍ୟ ନାମ ରୁଦ୍ର ବୋଲି ବର୍ଣ୍ଣନା ରହିଛି। ରୁଦ୍ରର ଅର୍ଥ ହେଉଛି ଭୟାନକ। ରୁଦ୍ର ହେଉଛନ୍ତି ସଂହାରର ଦେବତା ଏବଂ କଲ୍ୟାଣକାରୀ। ବିଦ୍ୱାନଙ୍କ ମତରେ ରୁଦ୍ର ଜୀବାତ୍ମାକୁ ମୋକ୍ଷ ପ୍ରଦାନ କରିଥାନ୍ତି। ଭଗବାନ ଶିବଙ୍କ ୧୦ଟି ରୁଦ୍ରାବତାର ରହିଛି। ସେଥି ମଧ୍ୟରୁ ପ୍ରଥମ ହେଉଛି ମହାକାଳ। ହି ରୁଦ୍ରାବତାରଙ୍କ ଶକ୍ତି ହେଉଛନ୍ତି ମାତା ମହାକାଳୀ। ଶିବଙ୍କ ଦ୍ୱିତୀୟ ରୁଦ୍ରାବତାର ହେଉଛି ତାର। ଏହାଙ୍କ ଶକ୍ତି ହେଉଚନ୍ତି ତାରା ଦେବୀ। ତୃତୀୟ ରୁଦ୍ରାବତାର ହେଉଛନ୍ତି ବାଳ ଭୁବନେଶ୍ୱର। ଏହାଙ୍କ ଶକ୍ତି ହେଉଛନ୍ତି ବାଳ ଭୁବନେଶ୍ୱରୀ। ଚତୁର୍ଥ ରୁଦ୍ରାବତାର ହେଉଛନ୍ତି ଷୋଡ଼ଶ ଶ୍ରୀବିଦ୍ୟେଷ। ଏହାଙ୍କ ଶକ୍ତି ହେଉଛନ୍ତି ଷୋଡ଼ଶୀ ଶ୍ରୀବିଦ୍ୟେଶ୍ୱରୀ। ପ□ମ ରୁଦ୍ରାବତାର ହେଉଛନ୍ତି ଭୈରବ। ଏହାଙ୍କ ଶକ୍ତି ହେଉଛନ୍ତି ଭୈରବୀ ଗିରିଜା ଦେବୀ। ମହାଦେବଙ୍କ ଷଷ୍ଠ ରୁଦ୍ରାବତାରରେ ଅଛନ୍ତି ଛିନ୍ନମସ୍ତକ। ଏହାଙ୍କ ଶକ୍ତି ହେଉଛନ୍ତି ଦେବୀ ଛିନ୍ନମସ୍ତା। ସପ୍ତମ ରୁଦ୍ରାବତାର ହେଲେ ଧୂମବର୍ଣ୍ଣ। ଏହାଙ୍କ ଶକ୍ତି ହେଉଛନ୍ତି ଧୂମାବତୀ। ଅଷ୍ଟମ ରୁଦ୍ରାବତାରରେ ଅଛନ୍ତି ବଗଳାମୁଖ। ଏହାଙ୍କ ଶକ୍ତି ହେଉଛନ୍ତି ବଗଳାମୁଖୀ ଦେବୀ। ନବମ ରୁଦ୍ରାବତାରରେ ଅଛନ୍ତି ମାତଙ୍ଗ। ଯାହାଙ୍କ ଶକ୍ତି ଦେବୀ ହେଉଛନ୍ତି ମାତଙ୍ଗୀ। ମହାଦେବଙ୍କ ପ୍ରସିଦ୍ଧ ଦଶଟି ରୁଦ୍ରାବତାର ମଧ୍ୟରୁ ଦଶମ ଅବତାର ହେଉଛନ୍ତି କମଳ ଅବତାର। ଏହି ଅବତାରର ଶକ୍ତି ଦେବୀ ହେଉଛନ୍ତି ଦେବୀ କମଳା। ଆସନ୍ତୁ କାୟମନୋବାକ୍ୟରେ ଦିବ୍ୟଜନନୀଙ୍କର ଆରାଧନା କରି ଆପଣା ଆପଣାର ଅନ୍ତଃଶତ୍ରୁ ଓ ବହିଃଶତ୍ରୁକୁ ବିନାଶ କରିବା, ସୃଷ୍ଟିକୁ ପାପ ଭାରରୁ ମୁକ୍ତ କରିବାରେ ସହାୟକ ହେବା ଏବଂ ସମ୍ମିଳିତ ସ୍ୱରରେ ଗାନ କରିବା-

*ଦେହିସୌଭାଗ୍ୟମାରୋଗ୍ୟଂ ଦେହି ମେ ପରମସୁଖମ୍*
*ରୂପଂ ଦେହି ଜୟଂ ଦେହି ଯଶୋଦେହି ଦ୍ୱିଷୋଜହି।*

**ଡ. ପ୍ରତିଭା ମହାରଥୀ,** ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ-୯୪୩୭୦୩୬୮୦୯

## ମୃତ ବୁଣାକାର ପରିବାରକୁ ସହାୟତା ଦାବି



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଗଂଗାଧରପୁର (ବଙ୍ଗାଳି ସାହି) ଗ୍ରାମର ବୁଣାକାର ସୁବାସ ଦାସ (୪୭)ଙ୍କ ମସ୍ତିଷ୍କାଘାତରେ ପରଲୋକ ହୋଇଯାଇଛି। ସ୍ୱର୍ଗତଃ ଦଶରଥ ଦାସଙ୍କ ଏକମାତ୍ର ପୁଅ ସୁବାସଙ୍କ ଆକସ୍ମିକ ମୃତ୍ୟୁ ପରେ ତାଙ୍କ ପରିବାର ଲୋକେ ଏବେ ବେସାହାରା ହୋଇଯାଇଛନ୍ତି। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଏବେ ତାଙ୍କ ପରିବାର ପାଇଁ ବୃଦ୍ଧା ମା’ଙ୍କ ବାର୍ଦ୍ଧକ୍ୟ ଭତା ହିଁ ଭରସା। ବୃଦ୍ଧା ମା’ ଓ ପୁଅକୁ କିପରି ପ୍ରତିପୋଷଣ କରିବେ ଏହି ଚିନ୍ତାରେ ଏବେ ଭାଙ୍ଗି ପଡିଛନ୍ତି ସୁବାସଙ୍କ ବିଧବା ପତ୍ନୀ। ଏପରିକି ଶୁଦ୍ଧିକ୍ରିୟା ପାଇଁ ବି ସମ୍ବଳ ନାହିଁ। ଏଭଳି ପରିସ୍ଥିତରେ ମୃତ ସୁବାସଙ୍କ ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ସମାଜସେବୀ ଦେବପ୍ରସାଦ ରାୟ ପ୍ରଶାସନ ନିକଟରେ ଦାବି କରିଛନ୍ତି। ସେହିପରି ବେସରକାରୀ ସଂସ୍ଥା ଓ ବଦାନ୍ୟ ବ୍ୟକ୍ତି ସହାୟତାର ହାତ ବଢାଇବାକୁ ସେ ଅନୁରୋଧ କରିଛନ୍ତି।

# ଧର୍ମଶାଳା ବିଜେଡିର ମିଶ୍ରଣ ପର୍ବ



ଧର୍ମଶାଳା (ପିଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ବିଜେଡିର ଏକ ମିଶ୍ରଣ ପର୍ବ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସର ଇଣ୍ଡୋର ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଗତମାସ ୨୪ତାରିଖରେ ବିଜେଡିରେ ଯୋଗ ଦେଇଥିବା ବିଜେପି ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ପରିଡା(ତୁଷାର)ଙ୍କ ଶତାଧିକ ସମର୍ଥକ ଓ ବିଜେପି କର୍ମକର୍ତା ବିଜେଡିରେ ଯୋଗ ଦେଇଥିଲେ। ବିଜେଡି ରାଜ୍ୟ ସାଧାରଣ ସଂପାଦକ ତଥା ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ନବାଗତ କର୍ମୀମାନଙ୍କୁ ବିଜେଡି ଉତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ବିଭିନ୍ନ ପଂଚାୟତର ଶହ ଶହ ବିଜେପି କର୍ମୀ ଦଳ ତ୍ୟାଗ କରି ବିଜେଡିରେ ଯୋଗ ଦେଇଥିଲେ। ଦୀର୍ଘ ୧୨ବର୍ଷ ପରେ ନିଜ ପୁରୁଣା ଘରକୁ ଫେରିଥିବା ତୁଷାର ତାଙ୍କ ପୂର୍ବ ପ୍ରତିଦ୍ୱନ୍ଦ୍ୱୀ ତଥା ସଂପର୍କୀୟ ଭଣଜା ପ୍ରଣବଙ୍କ ସହିତ ଗୋଟିଏ ମଂଚରେ ଏକାଠି ହେବା ଘଟଣା ବେଶ୍ ରୋଚକ ହୋଇଥିଲା। ଯଦିଓ ନିକଟରେ ଧର୍ମଶାଳା କଂଗ୍ରେସ ବିଧାୟକ ପ୍ରାର୍ଥୀ ସ୍ମୃତିରେଖା ପହି ବିଜେପିରେ ଯୋଗଦେଇ ଦଳ ମଙ୍ଗ ଧରିଛନ୍ତି, ତଥାପି ପୁରୁଣା ନେତା ଏବଂ ଏକାଧିକ ବିଧାୟକ ଆଶାୟୀଙ୍କ ଦ୍ୱାରା ସେ କେତେଦୂର ଗ୍ରହଣୀୟ ହେବେ ତାହା ଆଗାମୀ ସମୟ କହିବ। ଆଗକୁ ପଂଚାୟତ ନିର୍ବାଚନ ଥିବା ବେଳେ ଧର୍ମଶାଳା ବିଜେପିର ଅଧିକାଂଶ ଛାମୁଆ କର୍ମୀ ଓ ନେତା ଦଳ ଛାଡିବା ଘଟଣା ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ଆଶଙ୍କା ପ୍ରକାଶ କରୁଥିବା ବେଳେ ଏହା ବିଜେପିରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଶ୍ରୀମତୀ ପହି ଗତ ୨୪ ତାରିଖରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ତୁଷାର ଓ ତାଙ୍କର ସମର୍ଥକମାନେ ବିଜେଡିରେ ଯୋଗଦେବା ପରେ ବିଜେଡି ଅଧିକ ମଜବୁତ ହୋଇଥିବା ଦଳ ପକ୍ଷରୁ କୁହାଯାଇଛି। ଶ୍ରୀ ପରିଡାଙ୍କ ସମେତ ମିର୍ଜାପୁର ପଂଚାୟତର ସମିତି ସଭ୍ୟା ଧରିତ୍ରୀ ସାମଲ, ସଂଗ୍ରାମ ସାମଲ, ବିରୁପାକ୍ଷ ବେହେରା, ଦଶରଥ ଖିଲାର, ପ୍ରଭଜଂନ ମହାନ୍ତି, ମାନସ ମହାନ୍ତି, ମଧୁପୁରଗଡ ପଂଚାୟତର ପୂର୍ବତନ ସରପଂଚ ଚନ୍ଦ୍ରଶେଖର ଜେନାମଣି, ମୃତ୍ୟୁଜଂୟ ଦାସ, ପ୍ରକାଶ ନାୟକ, ସୁରଥ ଦାସ, କାମଦେବ ରାଉତ, ଦିଲୀପ ରଥ, ଗଗନ ଦାସ, ଅଶୋକ ସାହୁ, ରମେଶ ବେହେରା, ଅଧରକାନ୍ତ ଜେନା, ଦେବୀପ୍ରସାଦ ଦାଶ, ଶରତ ଧଳ, କୁଳମଣି ପଣ୍ଡା, ମହେନ୍ଦ୍ର ପଣ୍ଡା ଓ ଆଶିଷ ବଳଙ୍କ ନେତୃତ୍ୱରେ ବିଜେପିର ଶହ ଶହ କର୍ମୀ ଏକ ପଟୁଆରରେ ଆସି ସଭାସ୍ଥଳରେ ପହଁଚିଥିଲେ। ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ପୂର୍ବତନ ଅଧ୍ୟକ୍ଷ ଦୁଃଶାସନ ସାହୁ, ଜିଲ୍ଲା ବିଜେଡି ମହାସଚିବ ଡ. ପ୍ରିୟନାଥ ମହାପାତ୍ର, ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ବ୍ଲକ ସଭାପତି ଜଳଧର ମହାନ୍ତି, ଅରୁଣ ରାଉତ, ବିଜେଡି ନେତା ଉତ୍କଳମଣି ଦାସ, ନିରଂଜନ ରାଉତ, ଅମରେନ୍ଦ୍ର ରାୟ, ବିକାଶ ଦାସ, ପ୍ରହଲ୍ଲାଦ ଲେଙ୍କା, ମଦନମୋହନ ନାୟକ, ବିକ୍ରମ ବିଶ୍ୱାଳ, ପିତାମ୍ବର ନାୟକ, ଲୋକନାଥ ପଣ୍ଡା, କ୍ଷିତୀଶ ନାୟକ, ନିର୍ମଳ ପ୍ରଧାନ, ଜଗଦାନନ୍ଦ ରାଉତ, ବିଶ୍ୱବନ୍ଦନା ଜେନା, କ୍ଷୀରାବ୍ଧୀ ତନୟା ମଲିକ, ଯୁବନେତା ପ୍ରତାପ କୁମାର ପ୍ରଧାନ ପ୍ରମୁଖ ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ।

## କରୋନା ସମୟରେ ବିନାମୂଲ୍ୟରେ ଶିକ୍ଷାଦାନ କରିବ ଆଇଆଇଏଚ୍‌ଏମ୍

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଇଣ୍ଟରନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ ହସ୍ପିଟାଲ୍ ଏବଂ ମ୍ୟାନେଜମେଣ୍ଟର କେନ୍ଦ୍ରାପଡା ଜେ. କେ. ଏଡୁକେସନାଲ ଟ୍ରଷ୍ଟ ଅଧିନରେ କେନ୍ଦ୍ରାପଡା ଇତିହାସରେ ଗତ ୩ବର୍ଷ ମଧ୍ୟରେ ବିନା ମୂଲ୍ୟରେ ପାଠ୍ୟକ୍ରମ ପ୍ରଦାନ କରିଆସୁଛି। କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ସ୍ଥାନରୁ ୨୦୦ରୁ ଅଧିକ ଛାତ୍ରଛାତ୍ରୀମାନେ ସାର୍ଟିଫିକେଟ କୋର୍ସ ଓ ଡିପ୍ଲୋମା କୋର୍ସରେ ଉପକୃତ ହୋଇଛନ୍ତି। ଚଳିତ ବର୍ଷ ମଧ୍ୟ କରୋନ ପାଇଁ ସମ୍ପୂର୍ଣ୍ଣ ବିନାମୂଲ୍ୟରେ ସାର୍ଟିଫିକେଟ ଓ ଡିପ୍ଲୋମା ପାଠ୍ୟକ୍ରମ ପ୍ରଦାନ କରାଯିବ ବୋଲି ଆଇଆଇଏଚ୍‌ଏମ୍ ମ୍ୟାନେଜମେଣ୍ଟ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଛାତ୍ରଛାତ୍ରୀମାନେ ଆଇଆଇ ଏଚ୍‌ଏମ୍ ୱେବସାଇଟରୁ ଚଳିତ ମାସ ୨୦ ତାରିଖରୁ ନାମଲେଖା ଫର୍ମ ହାସଲ କରିପାରିବେ। ଏହି ପ୍ରକ୍ରିୟା ୩୧ ଅକ୍ଟୋବର ପର୍ଯ୍ୟନ୍ତ ଜାରି ରହିବ। କେନ୍ଦ୍ରାପଡାର ଏହି ଅନୁଷ୍ଠାନ ଛାତ୍ରମାନଙ୍କୁ ଶିକ୍ଷା ପ୍ରଦାନ କରି ସାରା ଓଡିଶାରେ ପରିଚୟ ସୃଷ୍ଟି କରିଛି ବୋଲି ଉପାଧକ୍ଷ ପଦ୍ମନାଭ ସାହୁ ପ୍ରକାଶ କରିଛନ୍ତି। ସମ୍ପାଦକ ସେକ ଲିୟାକତ ଅଲ୍ଲିଙ୍କ ସଭାପତିତ୍ୱରେ ବରିଷ୍ଠ ଉପଦେଷ୍ଟା ଡକ୍ଟର ସୁରେନ୍ଦ୍ର ମଲ୍ଲିକ, ମହମ୍ମଦ ନିୟାଜ, ପ୍ରିନ୍‌ସିପାଲ ଏନାମୁଲ ହକ, ଉପସଭାପତି ମହମ୍ମଦ ଆସିମ, କାର୍ଯ୍ୟକାରିଣୀ ସଦସ୍ୟ ରଶ୍ମି ମହାପାତ୍ର, ଅବଦୁଲ ମତିନ, ସେକ ସଉକତ ଅହେସାନ, ଅବରାର ଖାଁ, ଜାହିଦ ଅଲ୍ଲୀ, ସେକ୍ ସଉକତ ଖାନ୍ ପ୍ରମୁଖ ଜଣାଇଛନ୍ତି।

# ଅସହାୟ ପରିବାରକୁ ରିଲିଫ୍ ବଣ୍ଟନ




କୋଣାର୍କ (ପିଏନ୍): ଉତ୍ତର-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପର ଲଗାଣବର୍ଷା ଏବଂ କୋଭିଡ୍ ମହାମାରୀ ସମୟରେ ଜୀବନ ଜିବିକା ହରାଇଥିବା ଅସହାୟ ପରିବାରକୁ ସ୍ୱେଚ୍ଛାସେବୀ ସଂଗଠନ ଆକ୍ସନ୍‌ଏଡ୍ ଓ ୟଙ୍ଗଇଣ୍ଡିଆର ମିଳିତ ସହଯୋଗରେ ଅସ୍ତରଙ୍ଗ ବ୍ଲକ ଶିଶୁଅ ପ□ାୟତର କଟକଣା, ଉଦୟକଣି, ତଣ୍ଡାହାର ଓ କଳମକଣୀ ଗ୍ରାମର ୩୫ରୁ ଉର୍ଦ୍ଧ୍ୱ ପରିବାରକୁ ରିଲିଫ୍ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆକ୍ସନଏଡ୍‌ର ଆ□ଳିକ ପରିଚାଳକ ଦେବବ୍ରତ ପାତ୍ର, ୟଙ୍ଗଇଣ୍ଡିଆର ସଭାପତି ଏନ୍.ଏ.ଶାହଃ ଅନ୍‌ସାରୀ, ପ୍ରୋଗ୍ରାମ୍ ମ୍ୟାନେଜର ବି.ଏନ୍.ଦୁର୍ଗା, ସୁଭେନ୍ଦୁ ରାୟ, କୋଣାର୍କ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ବିଦୁଭୂଷଣ ନାୟକୀ, ଶିକ୍ଷାବିତ୍ ପ୍ରତାପ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହି ରିଲିଫ୍ ସାମଗ୍ରୀ ବିତରଣ କରିଥିଲେ। କୋଭିଡ୍ ମହାମାରୀର ପ୍ରଥମ ଏବଂ ଦ୍ୱିତୀୟ ଲହର ସମୟରେ କାକଟପୁର, ଗୋପ, ଅସ୍ତରଙ୍ଗ ଓ କୋଣାର୍କ ଏନ୍.ଏ.ସିର ବିଭିନ୍ନ ୱାର୍ଡ ଏବଂ ଗାଁ ମାନଙ୍କରେ ୧୦୦୦ରୁ ଉର୍ଦ୍ଧ୍ୱ ଅସହାୟ ପରିବାରକୁ ରିଲିଫ୍ ବଣ୍ଟନ ୧୦୦ରୁ ଉର୍ଦ୍ଧ୍ୱ ପରିବାରକୁ ଆର୍ଥିକ ସହାୟତା ଏବଂ ଗୋପ, କୋଣାର୍କ ଡାକ୍ତରଖାନାକୁ ଅକ୍ସିଜେନ୍ କନ୍‌ସେଣ୍ଟ୍ରେଟର ଏବଂ କରୋନା ସଚେତନତା ରଥ ମାଧ୍ୟମରେ ଲୋକମାନଙ୍କୁ ସଚେତନତା କରାଯାଇଥିଲା। ଏହିଭଳି ଅନେକ ପ୍ରକାର ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଆଗାମୀ ଦିନମାନଙ୍କରେ କରାଯିବ ବୋଲି ୟଙ୍ଗଇଣ୍ଡିଆ ସଭାପତି ଏନ୍.ଏ.ଶାହଃ ଅନ୍‌ସାରୀ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରୋଜାଲିନ୍ ପ୍ରଧାନ, ଅନ୍ଦାଜ ଆରନ୍,ଏସ୍ କାଜଲ, ଟିକିନା ରାଉତ ଓ ନଜ୍‌ମା ବେଗମ୍ ପ୍ରମୁଖ ପରିଚାଳନା କରିଥିଲେ।

# ପିସିସି ପକ୍ଷରୁ ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ ଉତ୍ସବ ପାଳିତ



ଭୁବନେଶ୍ୱର (ପିଏନ୍)-ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୫୪ତମ ଜୟନ୍ତୀ ଉତ୍ସବ ପିସିସି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ସକାଳେ ଭୁବନେଶ୍ୱର ଗୋପବନ୍ଧୁ ଛକ ସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏହି ଅବସରରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଏକ ବାର୍ତାରେ କହିଥିଲେ ଯେ ଗୋପବନ୍ଧୁ ତ୍ୟାଗ, ଜନସେବା ଓ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ଏହି ପବିତ୍ର ଦିବସରେ ଆମ୍ଭେମାନେ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇପାରିଲେ ତାହାହିଁ ଗୋପବନ୍ଧୁଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ହେବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ମନୋରଂଜନ ଦାଶ, ଚିନ୍ମୟ ସୁନ୍ଦର ଦାଶ, ଅମୀୟ କୁମାର ପଟ୍ଟନାୟକ, ବିଶ୍ୱଜିତ ଦାଶ, ପଦ୍ମାକର ଗୁରୁ, ଦୀପକ ମହାପାତ୍ର, ଜ୍ୟୋତିଷ ସାହୁ, ରଜନୀ ମହାନ୍ତି, ଲିଙ୍ଗରାଜ ସାହୁ, ସୁବ୍ରତ ମହାପାତ୍ର, ମନୋରଂଜନ ରାଉତରାୟ, ସଂକୁନା କହର, ଭାସ୍କର ସେଠୀ, ଜୟକୃଷ୍ଣ ସୁବୁଦ୍ଧି, ମିହିର ଆଚାର୍ଯ୍ୟ, ସାଗର ପରିଡ଼ା, ଖଗେଶ୍ୱର ମଲ୍ଲିକ, ରଂଜିତ ପାତ୍ର, ମନୋଜ ସାହୁ, ଦେବରାଜ ମିଶ୍ର, ଶ୍ରୀଧର ବଳିଆର ସିଂ, ଶୁଭ୍ରଜ୍ୟୋତି ଲେଙ୍କା, ଅକ୍ଷୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪



## ପର୍ଯ୍ୟବେକ୍ଷକ ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୧, ଅକ୍ଟୋବର ୧୪**

# "ଯା ଦେବୀ ସର୍ବଭୂତେଷୁ"



**ଆ**ଶ୍ୱିନ ମାସ ଶୁକ୍ଳ ପକ୍ଷ, ଧରାବତରଣର ଶୁଭଲଗ୍ନ । ସେ ପୁରେ ନଗରେ ନଗରେ କେତେ ଆକାଂକ୍ଷା, କେତେ ଦେବେ ମା । ଧରାପୃଷ୍ଠରୁ ହସ ଫୁଟାଇବେ ଶୁଖିଲା ସେ ସୃଷ୍ଟି ରକ୍ଷା କରିଥିଲେ । ଅସଂଖ୍ୟ ମହିଷାସୁର ଅଛନ୍ତି ।



ଜଗତଜନନୀ ମା ଦୁର୍ଗାଙ୍କର ଆସୁଛନ୍ତି । ଘରେ ଘରେ ପୁରେ ପାର୍ବଣର ପୁଲକ । କେତେ ଆଶା, ମାଗୁଣି । ଦୁଃଖ ନାଶୀ ସୁଖ ପାପର ଭାର କମିଯିବ । ଲୁହ ପୋଛି ମୁହଁରେ । ମହିଷାସୁର ବଧ କରି ଆଜି ମଧ୍ୟ ଆମ ସମାଜରେ ପ୍ରତ୍ୟେକ ମଣିଷଙ୍କ ଭିତରେ ଆସୁରିକ ଭାବ ରହିଛି । ଏସବୁକୁ ନିପାତ କରିବା ଜରୁରୀ । କାମ, କ୍ରୋଧ, ହିଂସା, କୁଟ, କପଟ, ମାୟା, ମୋହ ରୂପକ ଆସୁରିକ ଶକ୍ତିର ନିପାତ ହେବାର ଆବଶ୍ୟକତା ରହିଛି । ମହିଷାସୁର ମରିଛି ସତ, କିନ୍ତୁ ତା'ର ପ୍ରେତାତ୍ମା ଘର କରି ରହିଯାଇଛି ଆମ ଚିନ୍ତା, ଭାବନା ଓ ଚେତନାରେ । ପ୍ରଦୂଷଣ କେବଳ ଯେ ବାତାବରଣରେ ତାହା ନୁହଁ । ଆମ ମନ, ହୃଦୟ ଓ ଚରିତ୍ରରେ ମଧ୍ୟ । ଆଜି ସମୟ ଆସିଛି, ମା'ଙ୍କ ପାଖରେ ଗୁହାରି କରିବା ଆମ ମନ, ହୃଦୟ ଓ ଚରିତ୍ରର ପ୍ରଦୂଷଣ ମାତ୍ରା କମାଇବା ପାଇଁ । କାରଣ ସେ ସନ୍ତାନଙ୍କ ହାନି ଲାଭ ଗୁହାରି ଶୁଣିବାକୁ ତ ଧାରାବତରଣ କରିଥାନ୍ତି । କାଶତଣ୍ଡି ଫୁଲର ମହକରେ, ଶୋଭାବର୍ଦ୍ଧନକାରୀ ଶରତରେ, ଅଦୃଶ୍ୟ, ଅଦୃଷ୍ଟ ଆଗାମୀ କାଲିର ମୁକାବିଲା ନିମନ୍ତେ ବାଂଟିଥାନ୍ତି ନୂତନ ଶକ୍ତି, ସ୍ଫୂର୍ତୀ ଓ ଆତ୍ମବିଶ୍ୱାସ । ପ୍ରବୋଧନା ଦିଅନ୍ତି, ଭୟ ନାହିଁ । ସେ ମାତୃଶକ୍ତି, ଆଦିଶକ୍ତି ସେ ସୃଷ୍ଟି, ଜୀବନ, ମୃତ୍ୟୁ, ମୁକ୍ତି, ନିର୍ବାଣ, ଶ୍ରଦ୍ଧା, ପ୍ରେମ, ଭକ୍ତି ସବୁର ଆରାଧ୍ୟ ସେ । ମାତୃମୟ ସଂସାର । ମା ବିନା ସୃଷ୍ଟି ଅକଳ୍ପନୀୟ । ଘରେ ବାହାରେ, ସାହିପଡାରେ, କାର୍ଯ୍ୟକ୍ଷେତ୍ରରେ, ବଜାରରେ, ରାସ୍ତାରେ ସବୁଠି ତାଙ୍କ ଅଂଶ ବିଦ୍ୟାମାନ, ମା, ଭଉଣୀ, ଝିଅ, ବୋହୂ, ସହଯୋଗୀ, ବନ୍ଧୁ ରୂପରେ । ଆମ ଚାରିପଟେ ସେମାନେ ଆତଯାତ । ସେମାନେ ମାତୃଶକ୍ତି, ତାଙ୍କର ଛାୟା, ଅଂଶ, ହେଲେ କେତେ ସୁରକ୍ଷିତ ସେମାନେ ? ମହିଷାସୁରକୁ ବଧ କରି ଦେବ, ଦାନବ, ମୁନିଋଷିମାନ୍‌ଙ୍କୁ ରକ୍ଷା କରିଥିବାରୁ ମହିଷାସୁର ମର୍ଦ୍ଦିନୀ ନାମରେ ବିଦିତା ଦୁର୍ଗମ ନାମକ ଏକ ଦୁଷ୍ଟ ରାକ୍ଷସକୁ ବିନାଶ କରିଥିବାରୁ ମା' ଦୁର୍ଗା ନାମ ଧାରଣ କରିଛନ୍ତି । ସେ ହେଉଛନ୍ତି କଲ୍ୟାଣମୟୀ ମୋକ୍ଷ ପ୍ରଦାୟନୀ, ପତିତପାବନୀ, ଅନ୍ନପୂର୍ଣ୍ଣା । ସୃଷ୍ଟି ଆରମ୍ଭରୁ ହିଁ ମାତୃପୂଜାର ପରମ୍ପରା ଚଳିଆସିଛି । ପରମେଶ୍ୱର ପରମାତ୍ମାଙ୍କୁ ସର୍ବପ୍ରଥମେ 'ତ୍ୱମେବ ମାତା' ବୋଲି ସମ୍ବୋଧନ କରାଯାଇଛି । ମା+ଆ ମିଶି ମାଆ ଅର୍ଥାତ ମା କହିଲେ ମାଟି ଓ ଆ କହିଲେ ଆକାଶ । 'ମାଆ' ସିଏ ମାଟିରୁ ଆକାଶ ଯାଏଁ ଯାହାର ପରିବ୍ୟାପ୍ତ, ଯାହାର ସ୍ନେହ, ମମତା ସହିଷ୍ଣୁତା, ତ୍ୟାଗ ଓ ନିଃସର୍ତ ଭଲପାଇବା । ଶୁଭ୍ର କାଶତଣ୍ଡୀର ଲହରୀଭଙ୍ଗୀ ନୃତ୍ୟରେ ସୁଶୋଭିତ ବନ, ଉପବନ, ନଈପଠା, ରାସ୍ତାଘାଟ । ନୀଳ ଆକାଶରେ ଭାସମାନ ଧବଳ ମେଘ ମାଳା । ମନ୍ଦ ମନ୍ଦ ସମୀରରେ ମନଛୁଆଁ ମୃଦୁମୃଦୁ ସ୍ପର୍ଶରେ ତଡାଗରେ ନୃତ୍ୟରେ ତା ଶତ ଶତ ଜ୍ୟୋତ୍ସ୍ନାଭିଳାଷୀ କୁମୁଦିନୀ ଧରାପୃଷ୍ଠରେ ଏଭଳି ଏକ ମଧୁମୟ ପରିବେଶତର ପୁଲକିତ ହେଲାଣି ମନ, ପ୍ରାଣ ଓ ହୃଦୟ । କେବଳ ମାତୃଶକ୍ତିର ପୂଜା ଆରାଧନା ପାଇଁ । ହେ ମାଆ ବରଦା, ତୁମେ ହିଁ ଭରସା । ମହିଷାସୁରର ପ୍ରେତାତ୍ମା କବଳରୁ ଆମ ମାନବ ସମାଜକୁ ଉଦ୍ଧାର କର । ମାନବକୁ ମାନବ ହେବାର ଶକ୍ତି ପ୍ରଦାନ କର ମାଆ । ନ୍ୟାୟ, ଅନ୍ୟାୟ ନିର୍ଣ୍ଣୟ କରିବାର ସାମର୍ଥ୍ୟ ଦିଅ । ପୁରୁଷକୁ ସଦ୍‌ବୁଦ୍ଧି ଦିଅ ମା, ନାରୀକୁ ଦିଅ ଶକ୍ତି । ଦୁର୍ବଳା ନହୋଇ ସେ ସବଳା ହେଉ । ତୁମ ଜ୍ୟୋତିରେ ହେଉ ସେ ଜ୍ୟୋତିଷ୍ମାନ । ତୁମ ପରାକ୍ରମରେ ହେଉ ସେ ପରାକ୍ରମୀ । ଦୁର୍ଦ୍ଦିନରେ ସ୍ମରଣ କଲେ ତୁମେ ସାହା ହୁଅ ମା । ବିଭିନ୍ନ ଶକ୍ତିପୀଠରେ ତୁମେ ଦ୍ୱିଭୂଜା ତ ଅନ୍ୟ କେଉଁଠି ଅଷ୍ଟଭୂଜା କେଉଁଠି ଅବା ଦଶଭୂଜା, କେଉଁଠି ମା ପରମ ବୈଷ୍ଣବୀ ତ କେଉଁଠି ତ୍ରିପୁରାସୁନ୍ଦରୀ ଆଦି ରୂପରେ ପୂଜା ପାଇଥାଅ । ଭାରତୀୟ ସଂସ୍କୃତିରେ ସର୍ବପ୍ରଥମେ ବୈଦିତ "ଦୁର୍ଗାସ୍ମୃତି"ରେ ସୂକ୍ଷ୍ମ ଦୃଷ୍ଟିରେ ଦୁର୍ଗାଙ୍କର ମହିମା ବର୍ଣ୍ଣିତ ହୋଇଥିଲା । ଉପନିଷଦମାନଙ୍କ ମଧ୍ୟରେ ତୈତିରୀୟରେ ଆରଣ୍ୟକର ଯଜ୍ଞିକ୍ ଉପନିଷଦରେ ପ୍ରଥମେ ଦୁର୍ଗାଙ୍କ ଗାୟତ୍ରୀ ମନ୍ତ୍ର ବିଷୟରେ ସୂଚନା ଦିଆଯାଇ ମହାଶକ୍ତିକୁ 'ଦୁର୍ଗା' ଶବ୍ଦରେ ଆହ୍ୱାନ କରାଯାଇଥିଲା । ବିଭିନ୍ନତାର ମଧ୍ୟେ ଏକତା ଏହି ପରମ୍ପରା ଓଡ଼ିଶାର ଶାସ୍ତ୍ର ପରମ୍ପରାକୁ ଋଦ୍ଧିମନ୍ତ କରିପାରିଛି । କ୍ରୋଧ, ହିଂସାକୁ ଯଦି ମଣିଷ ମହିଷ ରୂପରେ କଳ୍ପନା କରି ଦେବୀଙ୍କ ଉଦ୍ଦେଶ୍ୟରେ ବଳିଦାନ କରାଯାଇପାରିଲା, ତାହାହେଲେ ତାହା ହିଁ ହେବ ଶ୍ରେଷ୍ଠ ବଳିଦାନ । ଶାସ୍ତ୍ର ଅନୁସାରେ ଚଳପ୍ରଚଳ କରିଆସୁଥିବା ଇନ୍ଦ୍ରିୟମାନେ ହିଁ ଦେବତା, ଏସବୁର ବିପରିତ ଭାମୁଖୀ ମାନେ ଅର୍ଥାତ୍ ବୃତିଗୁଡିକ ଅସୁର । ଯାବତୀୟ କାମନା, ବାସନା, ଦମ୍ଭ, ଦର୍ପ, ଅଭିମାନ ପ୍ରଭୃତି ଯାବତୀୟ ସମ୍ପଦର ଜଗୁଣର ସ୍ଥୁଳ ବିକାଶ । ଆମ ମଧ୍ୟରେ ରଜୋଗୁଣ ବିକ୍ଷେପ, ଆବରଣ, ଦର୍ପ, ଭୟ, ଦମ୍ଭ, ଭୋଗବିଳାସ, ଲୋଭ, ମୋହ, କ୍ରୋଧ, ଶାରିରୀକ ବନ୍ଧନ, ଅଭିମାନ, ଦୋଷ ଦୃଷ୍ଟି ଦ୍ୱେଷ ସମରାଭିନୟ ଚାଲୁଅଛି । ଗୋଟିଏ ଦିଗରେ ଭୋଗର ବାସନା ଅନ୍ୟ ଦିଗରେ ଆପବର୍ଗର ଆକର୍ଷଣ । ଏଣୁ ମହାଶକ୍ତିର ନିକଟରେ ସକଳ ନୟନରେ ଶକ୍ତି ଭିକ୍ଷା କରି ସରଳ ପ୍ରାଣରେ ନିଜକୁ ଯଥାର୍ଥ ଉତ୍ପୀଡ଼ିତ ବୋଲି ଅନୁଭବ କରିପାରିଲେ, ସମର୍ପଣ ଭାବ ଆସିଗଲେ ଅସୁରକୁଳରେ ବିଳୟ ସାଙ୍ଗକୁ ଦେବକୁଳରେ ଆନନ୍ଦ ଲାଗି କରିପାରିବ । ବିବେକବାନମାନ୍‌ଙ୍କୁ ତୁମେ ସୁବୁଦ୍ଧି ପ୍ରଦାନ କର ମା ! ଦାରିଦ୍ର୍ୟ ଦୂର କର ମା ! ହେ ଦୁଃଖନାଶିନୀ ମା ସମସ୍ତଙ୍କୁ ଶାନ୍ତିରେ ରଖ । ଏ 'କରୋନା' ଶୀଘ୍ର ବିଶ୍ୱରୁ ଦୂରେଇ ଯାଉ ମାଆ । ଦେଖନ୍ତୁ କି କରୋନା ଆସିଲା ତୁମର ଉଚ୍ଚତାକୁ କମାଇ ଦିଆଯାଇ ଚାରିଫୁଟିଆ କରି ଦିଆଗଲା । କାଲେ ଆପଣଙ୍କର ଉଚ୍ଚତା ବଢ଼ିଲେ, ସଂକ୍ରମଣ ବଢ଼ିଯାଇପାରେ । ଭକ୍ତମାନଙ୍କୁ ଦର୍ଶନରୁ ବାରଣ କରାଗଲା । ଯାହା କିଛି ବିଧି ବିଧାନରେ ପୂଜାଟା ହେବ । ପୂଜା ପୀଠସ୍ଥଳୀରେ ୭ ଜଣରୁ ଅଧିକା ବ୍ୟକ୍ତି ରହିପାରିବେ ନାହିଁ । ଏହିଭଳି ପୂଜାରେ ନା ଶାନ୍ତି ନା ଆନନ୍ଦ କିଛି ମିଳିପାରିବ ନାହିଁ । ଯାହାହେଉ ଆମକୁ କରୋନା କଟକଣାକୁ ମାନିବାକୁ ପଡିବ । କରୋନା କଟକଣାରେ ପୂଜା କରିବାକୁ ପଡିବ । ବିନା ଭକ୍ତରେ ହେଉ ପଛକେ, ପୂଜାଟା ହେଉ । ଆପଣଙ୍କର ଦୟାରୁ କରୋନା ଦୂରେଇଯାଉ ମାଆ । ଆପଣଙ୍କର ଶୁଭଦୃଷ୍ଟି ଜଗତବାସୀଙ୍କ ଉପରେ ଥାଉ !

**ସୌଭାଗ୍ୟରଂଜନ ମହାନ୍ତି (ରାଜା)**, ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ମା' ମହିଷମର୍ଦ୍ଦିନୀ

**......କୈଳାସ ଚନ୍ଦ୍ର ଜେନା, ଅଧିବକ୍ତା......**

*"ତଦେତତ୍ କ୍ଷନ୍ତବ୍ୟଂ ଜନନୀ ସକୋଳୋଦ୍ଧାରିଣୀ ଶିବେ/କୁପୁତ୍ରୋ ଜାୟତେ କ୍ୱଚିଦପି କୁମାତା ନ ଭବତି/ପୃଥିବ୍ୟାଂ ପୁତ୍ରାସ୍ତେ ଜନନୀ ବହବଃ ସନ୍ତି ସରଳାଃ/ପରଂ ତେଷାଂ ମଧ୍ୟେ ବିରଳତରଳୋଽହଂ ତବ ସୁତଃ ।"*



ଯାହାର ଭାବାର୍ଥ ହେଉଛି, ହେ ! ସମଗ୍ର ବିଶ୍ୱର ମଙ୍ଗଳ ପ୍ରଦାୟିନୀ ମାତା, ମୋତେ କ୍ଷମା ଦେବା ତୁମ ପାଇଁ ଅତି ସହଜ, ଏକ ଦୁଷ୍ଟ ସନ୍ତାନ ଏ ଧରାରେ ଜନ୍ମ ନେଇ ପାରେ, କିନ୍ତୁ ଏକ ମାତା କେବେ କୁମାତା ହୋଇ ପାରେ ନାହିଁ, ଏହି ବ୍ୟାପ୍ତ ପୃଥିବୀରେ ତୁମ୍ଭର ବହୁ ସୁପୁତ୍ର ରହିଛନ୍ତି, କିନ୍ତୁ ମୁଁ ସେମାନଙ୍କ ଠାରୁ ତୁମ ପାଇଁ ବ୍ୟାହତ ଓ ବିଚ୍ଛିନ୍ନ ହୋଇଅଛି ।

ଏହି ଦେବୀ, ସନାତନୀ ଓ ସର୍ବେଶ୍ୱରୀ ରୂପେ ସର୍ବସମ୍ମତ ହୋଇଛନ୍ତି । ଶାକ୍ତଧର୍ମର ପ୍ରମୁଖ ଉତ୍ସ ଅଥର୍ବ ବେଦରେ ଶକ୍ତିଙ୍କର ମହିମା ସର୍ବାପେକ୍ଷା ଅଧିକ ଭାବରେ କରାଯାଇଛି ବର୍ଣ୍ଣନା । ତନ୍ତ୍ର ଶାସ୍ତ୍ରାନୁଯାୟୀ ରୁଦ୍ର ଯାମଳ ତନ୍ତ୍ରରେ-ପରଂବ୍ରହ୍ମ, ମହାନିର୍ବାଣ ତନ୍ତ୍ରରେ – ସର୍ବଶକ୍ତି ସ୍ୱରୂପା ଓ କାଳୀ ତନ୍ତ୍ରରେ – ମହାବିଦ୍ୟା ଯୋଗେଶ୍ୱରୀ ରୂପରେ ସେ ହୋଇଛନ୍ତି ମହିମା ମଣ୍ଡିତ । ପରଂବ୍ରହ୍ମ ସ୍ୱରୂପିଣୀ ମହାଶକ୍ତି ମା' ମହିଷମର୍ଦ୍ଦିନୀ 'ଦୁର୍ଗା'ଙ୍କ ପୂଜା ପରମ୍ପରା ବହୁ ପ୍ରାଚୀନ । ଆମ ଦେଶ ଭାରତ ସହିତ ପାଶ୍ଚାତ୍ୟ ଦେଶମାନଙ୍କରେ ମଧ୍ୟ ମାତୃପୂଜାର ପ୍ରଚାର ପ୍ରସାର ହୋଇଥିବା ସମ୍ବନ୍ଧେ ଅନେକ ପ୍ରମାଣ ରହିଅଛି । ଦେବୀ ମହାତ୍ମ୍ୟା ଓ ଶ୍ରୀମଦ୍‌ଦେବୀ ଭାଗବତ ପୁରାଣର ବର୍ଣ୍ଣନାନୁଯାୟୀ ମାତୃଶକ୍ତି ହିଁ ଆଦିକାଳରୁ ଏ ସମଗ୍ର ବିଶ୍ୱ ଓ ପ୍ରଜାପତି ବ୍ରହ୍ମାଙ୍କର ସୃଷ୍ଟିକର୍ତ୍ତ୍ରୀ ଅଟନ୍ତି । ସେଥିପାଇଁ ପୁରାଣ ପୃଷ୍ଠାରେ ବର୍ଣ୍ଣିତ ହୋଇଅଛି ଯେ, ଆମ ଏହି ଲୋଭନୀୟ ସୃଷ୍ଟିର ଉତ୍ପତି ହିଁ ଶବ୍ଦରୁ ହୋଇଛି ଆରମ୍ଭ । ଯେଉଁ ଶବ୍ଦରୁ ନାଦ, ନାଦରୁ ବ୍ରହ୍ମ ଏବଂ ବ୍ରହ୍ମରୁ ଶକ୍ତିକୁ ରୂପାନ୍ତରିତ ହୋଇ ସର୍ବ ଶେଷରେ ସେହି ଶକ୍ତିରୁ ଏହି ସୃଷ୍ଟି ହୋଇଅଛି ସୃଷ୍ଟି ।

ଶପ୍ତଶତୀ ଚଣ୍ଡୀରେ ମା' ଦୁର୍ଗାଙ୍କର ସ୍ତୁତି ଗାନ ସହିତ କାଳିକା ପୁରାଣ, ବାମନ ପୁରାଣ, ମସ୍ୟ ପୁରାଣ, ମାର୍କେଣ୍ଡୟ ପୁରାଣ, ବ୍ରହ୍ମବୈବର୍ତ୍ତ ପୁରାଣ ଇତ୍ୟାଦିରେ ପ୍ରକୃତି ରୂପିଣୀ ମହାଶକ୍ତି ଦୁର୍ଗାଙ୍କର ସ୍ତୁତି, ବନ୍ଦନା ଓ ଅଲୌକିକ କାର୍ଯ୍ୟ କଳାପ ସମ୍ବନ୍ଧେ ବିସ୍ତୃତ ବର୍ଣ୍ଣନା କରାଯାଇ ତାଙ୍କୁ ସାର ସର୍ବସ୍ୱ ସର୍ବ ପୂଜ୍ୟା ଦେବୀ ରୂପେ ଦିଆଯାଇଛି ମାନ୍ୟତା । ଆଧାତ୍ମ ରାମାୟଣର ବର୍ଣ୍ଣନାନୁଯାୟୀ ମାତା କୌଶଲ୍ୟା ଅଯୋଧ୍ୟା ରାଜ୍ୟର ପ୍ରଗତି ଓ ସର୍ଭି ପ୍ରଜାଙ୍କର ରିଷ୍ଟନାଶ ସହିତ ନିଜ ପରିବାରର ପ୍ରତ୍ୟେକ ସଦସ୍ୟଙ୍କର ଶୁଭ କାମନା କରି ମା' ଦୁର୍ଗତିନାଶିନୀ ଦେବୀ ଦୁର୍ଗାଙ୍କର କରିଥିଲେ ପୂଜା ଆରାଧନା । ମହାପୁରାଣ ଶ୍ରୀମଦ୍ ଭାଗବତରୁ ଜଣାଯାଏ ଯେ ଗୋପାଙ୍ଗନାମାନେ ମୂରଲୀଧର ଶ୍ରୀକୃଷ୍ଣଙ୍କର ପ୍ରେମ ସାନିଧ୍ୟ ଲାଭ କରିବା ପାଇଁ ଶକ୍ତି ସ୍ୱରୂପା ଦେବୀ କାତ୍ୟାୟନୀଙ୍କୁ ନିଷ୍ଠା ଓ କାଷ୍ଠାର ସହିତ କରିଛନ୍ତି ଗଭୀର ଭକ୍ତିରେ ଆରାଧନା । ମହାଭାରତ ଯୁଦ୍ଧ ସମୟରେ ବାସୁଦେବ କୃଷ୍ଣ ରଣ କ୍ଷେତ୍ରକୁ ଯିବା ପୂର୍ବରୁ ସଖା ମଧ୍ୟମ ପାଣ୍ଡବ ଅର୍ଜୁନଙ୍କୁ ମା' ଦୁର୍ଗାଙ୍କୁ ପୂଜା କରିବା ପାଇଁ ଦେଇଛନ୍ତି ପରାମର୍ଶ, ଏବଂ ସେହି ପରାମର୍ଶ ଅକ୍ଷରେ ଅକ୍ଷରେ ପାଳନ କରି ଗାଣ୍ଡିବଧାରୀ ଅର୍ଜୁନ ହୋଇଛନ୍ତି ଯୁଦ୍ଧଜୟୀ । ମା' ମହିଷମର୍ଦ୍ଦିନୀଙ୍କ ମହିମା ଓ ନାମକରଣକୁ ନେଇ ପୁରାଣ ପୃଷ୍ଠାରେ ତା'ର ପୂର୍ବାପର ସମ୍ପର୍କ ଅନୁଧ୍ୟାନ କଲେ ଜଣାଯାଏ ଯେ, ବୃତାସୁର ନାମରେ ଜଣେ ପ୍ରବଳ ପ୍ରତାପୀ ରାକ୍ଷସ ଥିଲା । ଏହି ରାକ୍ଷସ ସୃଷ୍ଟି କର୍ତ୍ତା ଚତୁରାନନଙ୍କୁ ନିଜର କଠୋର ତପସ୍ୟା ଦ୍ୱାରା ସନ୍ତୁଷ୍ଟ କରି ଦିବସରେ ମରିବ ନାହିଁ, ରାତ୍ରରେ ମରିବ ନାହିଁ, କିମ୍ବା ଲୌହ, କାଷ୍ଠ, ପାଷାଣ, ଆର୍ଦ୍ରବସ୍ତୁ, ଶୁଷ୍କ ବସ୍ତୁ ଓ ଅପରାପର କୌଣସି ଅସ୍ତ୍ର ଶସ୍ତ୍ରରେ ମରିବ ନାହିଁ ବୋଲି ବର ପାଇଥିଲା । ଚର୍ତୁମୁଖ ବ୍ରହ୍ମାଙ୍କ ବରରେ ବଳିୟାନ ହୋଇ ବୃତାସୁର ଦେବଗଣଙ୍କୁ ଅକଥନୀୟ ଯନ୍ତ୍ରଣା ଦେଇ ଇନ୍ଦ୍ର ଓ ଦେବଗଣଙ୍କୁ ସ୍ୱର୍ଗରୁ ବଡାଡିତ କରିଦେଲା । ସମସ୍ତ ଅତ୍ୟାଚରିତ ଦେବଗଣ ନିଜର ସୁରକ୍ଷା ଚିନ୍ତାରେ ଚିତ୍କାର କରିବାକୁ ଲାଗିଲେ । ପ୍ରତ୍ୟେକଥର ଯୁଦ୍ଧରେ ଶଚିପତି ଇନ୍ଦ୍ର ବାରମ୍ବାର ପରାଜିତ ହୋଇ ନିଜ ପ୍ରାଣ ରକ୍ଷା ପାଇଁ ଦେଇଥିଲେ ଛତ୍ରଭଙ୍ଗ । ସମସ୍ତ ଦେବଗଣ ଓ ସୁରେଶ ଇନ୍ଦ୍ର ପାଳନକର୍ତ୍ତା ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହୋଇ ସହାୟତା ପ୍ରାର୍ଥନା କରନ୍ତେ ଅନ୍ତର୍ଯ୍ୟାମୀ ବିଷ୍ଣୁ ଶିବ, ବ୍ରହ୍ମା ଓ ଦେବଗଣଙ୍କୁ ମହର୍ଷି ଦଧିଚିଙ୍କ ଅସ୍ଥିରେ ଅସ୍ତ୍ର ନିର୍ମାଣ କରି ବୃତାସୁରକୁ ମାରିବା ପାଇଁ ଦେଇଥିଲେ ପରାମର୍ଶ । ମା' ଭଗବତୀଙ୍କର ଏପରି ଏକ ଅସ୍ତ୍ର ନିର୍ମାଣରେ ସଫଳ ହେବା ପାଇଁ ଦେବଗଣଙ୍କ ପ୍ରତି ଶୁଭାଶୀର୍ବାଦ ମଧ୍ୟ ରହିଥିଲା । ଚକ୍ରଧାରୀ ମାୟାଧର ଶ୍ରୀବିଷ୍ଣୁଙ୍କ ପରାମର୍ଶକୁ ଗ୍ରହଣ କରି ଦେବଗଣ ମହର୍ଷି ଦଧିଚିଙ୍କ ନିକଟରେ ପହ□ ବୃତାସୁରର ଅତ୍ୟାଚାର ସମ୍ବନ୍ଧେ ବିସ୍ତୃତ ବର୍ଣ୍ଣନା କରି ତାଙ୍କର ଅସ୍ଥି ଦେବଗଣଙ୍କୁ ଦାନ କରିବା ପାଇଁ ବିନମ୍ରତାର ସହିତ କରିଥିଲେ ପ୍ରାର୍ଥନା । ଦେବଗଣଙ୍କ ପ୍ରାର୍ଥନାକୁ ମହର୍ଷି ଦଧିଚି ହୃଦୟଙ୍ଗମ କରି, ହସି ହସି ଇଚ୍ଛାମୃତ୍ୟୁ ଆଦୋରି ନେଇ ଆନନ୍ଦମନରେ ନିଜର ସମସ୍ତ ଅସ୍ଥି ଜଗତ କଲ୍ୟାଣ ନିମିତ୍ତ ଦେବଗଣଙ୍କୁ କରିଥିଲେ ଦାନ । ଫଳରେ ଏହି ଅସ୍ଥିରେ ବଜ୍ରାସ୍ତ୍ର ନିର୍ମାଣ କରି ଦେବରାଜ ଇନ୍ଦ୍ର ବୃତାସୁରକୁ ବଧ କରିଥିଲେ । ଯେତେବେଳେ ଧରାପୃଷ୍ଠରେ ପାପର ଭାର ବୃଦ୍ଧି ପାଇଥାଏ, ନିରୀହ ଜନତା ଅନ୍ୟାୟ, ଅନୀତି ଓ ଅଧର୍ମର ତାଡ଼ନାରେ ତ୍ରାହି ତ୍ରାହି ଡାକଦିଅନ୍ତି, ସେ ସମୟରେ ପତିତ ଜନଙ୍କୁ ଉଦ୍ଧାର କରିବା ପାଇଁ ଏହି ଶକ୍ତି ଭିନ୍ନ ଭିନ୍ନ ରୂପ ଧାରଣ କରି ହୋଇଥାନ୍ତି ଆବିର୍ଭୂତା । ମାତା 'ଦୁର୍ଗା' ଯେଉଁ ମହିଷାସୁରକୁ ବଧ କରିଥିଲେ ତା'ର ସଠିକ ବିବରଣୀ ଜାଣିବା ପାଇଁ ଅନୁଧ୍ୟାନ କଲେ ଜଣା ଯାଏ ଯେ, ମହର୍ଷି କଶ୍ୟପଙ୍କର ଅଦିତୀ, ଦିତୀ, କଦ୍ରୁ, ଦନୁ, ଅରିଷ୍ଟା, ସୁରସା, ସୁରଭି, ବିନତା, ତମ୍ରା, କ୍ରୋଧବସା, ଇରା, ବିଶ୍ୱା ଓ ମୁନୀ ନାମରେ ତ୍ରୟୋଦଶ ଜଣ ପତ୍ନୀଥିଲେ । ପ୍ରଜାପତି ମହର୍ଷି କଶ୍ୟପ ଓ ପତ୍ନୀ ଦନୁଙ୍କ ଦାମ୍ପତ୍ୟ ଜୀବନରୁ ରମ୍ଭ ଓ କରମ୍ଭ ନାମରେ ଦୁଇ ଦାନବ ସନ୍ତାନ ଜନ୍ମ ଗ୍ରହଣ କରିଥିଲେ । ଏହି ଦୁଇ ଭ୍ରାତାଙ୍କର କୌଣସି ପୁତ୍ର ସନ୍ତାନ ନଥିବାରୁ ବଳବାନ ସନ୍ତାନ ପ୍ରାପ୍ତି ଲକ୍ଷ୍ୟରେ ଉଭୟ ଯଥାକ୍ରମେ ଅଗ୍ନି ଓ ବରୁଣଙ୍କୁ ଆରାଧନା କରି ତପସ୍ୟାରେ ଲିପ୍ତ ରହିଲେ । ରମ୍ଭ ଜ୍ୱଳନ୍ତ ଅଗ୍ନି ମଧ୍ୟରେ ପ୍ରବେଶ କରି ଦେବ ବୈଶ୍ୱାନରଙ୍କୁ ପ୍ରାର୍ଥନା କରୁଥିବା ସମୟରେ କରମ୍ଭ ଗଭୀର ଜଳ ମଧ୍ୟରେ ପ୍ରବେଶ କରି ବରୁଣ ଦେବଙ୍କୁ କରିଥିଲେ ଆରାଧନା । ଉଭୟ ଭ୍ରାତା ଦ୍ୱୟଙ୍କ ତପସ୍ୟାରେ ଭୟଭୀତ ହୋଇ ସେମାନଙ୍କୁ ମାରିଦେବା ପାଇଁ ଦେବେଶ ଇନ୍ଦ୍ର ନାନା ଉପାୟ ଚିନ୍ତାକଲେ । ଏକ କୁମ୍ଭୀର ରୂପ ଧାରଣ କରି କରମ୍ଭାସୁରକୁ ବଧ କରିବାରେ ଶଚିପତି ଇନ୍ଦ୍ର ହୋଇଥିଲେ ସକ୍ଷମ । ମାତ୍ର ରମ୍ଭକୁ ଅଗ୍ନି ଦେବତା ସମସ୍ତ ପ୍ରକାର ସୁରକ୍ଷା ପ୍ରଦାନ କରିବା ଦ୍ୱାରା ତା'ର ବଧ କରିବାରେ ବିଫଳ ହୋଇଥିଲେ ସୁରପତି ଇନ୍ଦ୍ର । ରମ୍ଭାସୁର ତପସ୍ୟାରେ ମୁଗ୍ଧ ହୋଇ ଅଗ୍ନି ଦେବତା ତାଙ୍କୁ ଏକ ବଳବାନ ପୁତ୍ର ପ୍ରାପ୍ତି ପାଇଁ ବରଦେବା ସହିତ, କୌଣସି ମୃତ ମାନବ ବ୍ୟତିତ ଅନ୍ୟ କୌଣସି ଦେବ, ଦାନବ ବା ମାନବ ହାତରେ ତା'ର ମୃତ୍ୟ ହେବ ନାହିଁ ବୋଲି ଦେଇଥିଲେ ବର ।

ବରପ୍ରାପ୍ତ ରମ୍ଭାସୁର ଏକ ସୁନ୍ଦରୀ ମହିଷୀର ସୌନ୍ଦର୍ଯ୍ୟରେ ଆକର୍ଷିତ ହୋଇ ତା' ସହିତ ଯୌନ ସମ୍ଭୋଗ କରିବା ଦ୍ୱାରା ଉକ୍ତ ମହିଷୀ କରିଥିଲା ଗର୍ଭଧାରଣ । ଅଗ୍ନିଙ୍କ ଦ୍ୱାରା ବରପ୍ରାପ୍ତ ରମ୍ଭାସୁର ଦେବଗଣଙ୍କ ଉପରେ ଦିନକୁ ଦିନ ଅତ୍ୟଧିକ ଅତ୍ୟାଚାର କରିବା ଦ୍ୱାରା ଶେଷରେ ଇନ୍ଦ୍ରଦେବ ମୃତ ଦଧିଚିଙ୍କ ଅସ୍ଥିରେ ନିର୍ମିତ ବ୍ରହ୍ମାସ୍ତ୍ର ନିକ୍ଷେପ କରି ଦାନବ ରାଜା ରମ୍ଭର ବଧ କରିଥିଲେ । ଏହା ପରବର୍ତ୍ତି ସମୟରେ ଗର୍ଭଧାରଣ କରିଥିବା ମହିଷୀ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲା । ମହିଷୀ ଏବଂ ଦାନବର ମିଳନରୁ ଏହି ସନ୍ତାନ ଜନ୍ମଗ୍ରହଣ କରିଥିବାରୁ ଉଭୟ ପିତାମାତାଙ୍କ ରୂପ ଓ ସନ୍ତକକୁ ନେଇ ନାମ ହେଲା ମହିଷାସୁର । ତ୍ରିପୁର ବିଜୟୀ ହେବା ସହ ଏକ ଦାନବ ରାଜ୍ୟ ପ୍ରତିଷ୍ଠା ପାଇଁ ଅମର ବର ପ୍ରାପ୍ତି ଲକ୍ଷ୍ୟରେ ମହିଷାସୁର ଶାଶ୍ୱତ ମାନସିକତା ନେଇ ନିଷ୍ଠା ଓ କାଷ୍ଠାର ସହିତ ସୃଷ୍ଟିକର୍ତ୍ତା ପଦ୍ମନାଭ ବ୍ରହ୍ମାଙ୍କର ତପସ୍ୟାରେ ନିଜକୁ ଦୃଢ଼ତାର ସହିତ କରିଥିଲେ ନିମଗ୍ନ । ମହିଷାସୁରର ତପସ୍ୟାରେ ମୁଗ୍ଧ ହୋଇ ପ୍ରଭୁ ଚତୁରାନନ ବ୍ରହ୍ମା ଆବିର୍ଭୂତ ହୋଇ ମହିଷକୁ ନିଜ ବାଞ୍ଛିତ ବର ପାଇଁ କରିଥିଲେ ଯାଚଞ୍ଜା । ସୃଷ୍ଟିକର୍ତ୍ତା ପଦ୍ମଭବଙ୍କ ଯାଚଞ୍ଜାକୁ ଗ୍ରହଣ କରି ମହିଷାସୁର ବିନମ୍ରତାର ସହିତ ଅମର ବର ପ୍ରଦାନ ନିମିତ୍ତ କରିଥିଲେ ପ୍ରାର୍ଥନା । ମାତ୍ର ମହିଷର କଥା ଶୁଣି ପ୍ରଭୁ ପଦ୍ମେଶୟ କହିଥିଲେ 'ଅମର ବର ଦେବା ମୋ' କ୍ଷମତାର ବାହାରେ ତୁମେ ଅନ୍ୟ କୌଣସି ବର ମାଗିନିଅ' । ପ୍ରଭୁ ପଦ୍ମ ପାଣିଙ୍କ କଥା ଶୁଣି ମହିଷାସୁର ତାଙ୍କୁ କୌଣସି ଦେବ, ମାନବ ବା ଦାନବ ମାରି ପାରିବେ ନାହିଁ ବୋଲି ବର ମାଗନ୍ତେ ସେ ସେହି ବର ପ୍ରଦାନ କରିବା ସହିତ ଜଣେ ବିବସନା ମହିଳା ତାଙ୍କ ମୃତ୍ୟୁର କାରଣ ହେବ ବୋଲି ଦେଇଥିଲେ ସୂଚନା । ମାତ୍ର ମହିଷାସୁର ଏହି ସୂଚନାକୁ ଆଦୌ ଦେଇ ନଥିଲା ଗୁରୁତ୍ୱ ।

ବ୍ରହ୍ମାଙ୍କ ବର ପାଇ ମହିଷାସୁର ତ୍ରିପୁର ବିଜୟୀ ହେବା ପାଇଁ ନାନାପ୍ରକାର ଅତ୍ୟାଚାର ଆରମ୍ଭ କଲା । ଅପସରା ରମ୍ଭା, ପାରିଜାତ ପୁଷ୍ପ, ଐରାବତ ହସ୍ତୀ ଓ ଉଚ୍ଚୈଶ୍ରବା ଅଶ୍ୱକୁ ଭୋଗ କରିବା ପାଇଁ ସେ ସ୍ୱର୍ଗପୁର ଆକ୍ରମଣ କରି, ଦେବଗଣ ଓ ବାସବ ରାଜା ଇନ୍ଦ୍ରଙ୍କୁ ପରାସ୍ତ କରି ଅମରାବତୀରେ ଆରମ୍ଭ କଲା ନିଜର ଶାସନ । ନିଜର ଆତ୍ମରକ୍ଷା ନିମିତ୍ତ ଇନ୍ଦ୍ରଙ୍କ ସହିତ ଭୟଭୀତ ସମସ୍ତ ଦେବଗଣ ମେରୁ ପର୍ବତରେ ଆତ୍ମଗୋପନ କଲେ । ମେରୁ ପର୍ବତରେ କୌଣସି ଦାନବ ଶତ୍ରୁ ମନୋଭାବ ନେଇ ପ୍ରବେଶ କଲେ ତା'ର ନିଶ୍ଚିତ ମୃତ୍ୟୁ ହେବ ବୋଲି ମହର୍ଷି ମେରୁଙ୍କ ଅଭିଶାପଥିବାରୁ ଏହା ଦେବଗଣଙ୍କ ପାଇଁ ଏକ ସୁରକ୍ଷିତ ସ୍ଥାନ ଥିଲା । ଏଠାରେ ଭଗବାନ ଶଙ୍କର, ବ୍ରହ୍ମା, ଇନ୍ଦ୍ର ଓ ଅନ୍ୟ ସମସ୍ତ ଦେବଗଣ ଏକତ୍ର ହୋଇ ସଂସାରର ପାଳନ କର୍ତ୍ତା ଶ୍ରୀହରି ନାରାୟଣଙ୍କୁ ଆବାହନ କରନ୍ତେ ସ୍ୱୟଂ ନାରାୟଣ ଆବିର୍ଭୂତ ହୋଇ ସମସ୍ତ ଘଟଣା ଶୁଣି, ବେଦପତି ବ୍ରହ୍ମାଙ୍କ ଠାରୁ ମହିଷାସୁରର ମୃତ୍ୟୁ ଭେଦ ଜାଣିବାପାଇଁ ଚାହିଁଥିଲେ । ମାତ୍ର ମହିଷର ମୃତ୍ୟୁଭେଦ ବ୍ରହ୍ମ ଦେବଙ୍କର ସ୍ମରଣ ହେଲା ନାହିଁ । ଏହି ସମୟରେ ଦେବର୍ଷି ନାରଦ ଉକ୍ତ ସ୍ଥାନରେ ପହଂଚି, ଏକ ବିବସନ ନାରୀ ହସ୍ତରେ ମହିଷାସୁର ମୃତ୍ୟୁ ଯୋଗ ରହିଥିବା ସଂପର୍କେ ଦେଇଥିଲେ ସୂଚନା । ଅନ୍ତର୍ଯ୍ୟାମୀ ବିଷ୍ଣୁଙ୍କ ପରାମର୍ଶ କ୍ରମେ ସମସ୍ତ ଦେବଗଣ ମିଳିତ ଭାବରେ ସେମାନଙ୍କ ପ୍ରଜ୍ଜ୍ୱଳିତ କ୍ରୋଧାଗ୍ନି ଦ୍ୱାରା ମାତୃଶକ୍ତିଙ୍କୁ ଆରାଧନା କରନ୍ତେ ଏକ ଦଶଭୂଜା ଅଗ୍ନିକନ୍ୟା ହୋଇଥିଲେ ଆବିର୍ଭୂତା । ଦେବଗଣଙ୍କ ଦୁର୍ଗତି ନାଶ କରିବା ପାଇଁ ସେ ଜନ୍ମଗ୍ରହଣ କରିଥିବାରୁ ସେ ମା' ଦୁର୍ଗା ନାମରେ ହେଲେ ପରିଚିତା ।



ମା' ଦୁର୍ଗାଙ୍କ ନିକଟରେ ମହିଷାସୁର ସହିତ ଯୁଦ୍ଧ କରିବାପାଇଁ କୌଣସି ଅସ୍ତ୍ରଶସ୍ତ୍ର ନଥିବାରୁ ତାଙ୍କୁ ଯୁଦ୍ଧାସ୍ତ୍ର ପ୍ରଦାନ କରି ବଳଶାଳିନୀ କରାଇବା ନିମିତ୍ତ ସେ ସମସ୍ତ ଦେବଗଣଙ୍କୁ କରିଥିଲେ ନିବେଦନ । ଏହି ନିବେଦନ ଶୁଣି ଭଗବାନ ଶିବ ତାଙ୍କର ତ୍ରିଶୂଳ ଏବଂ ସର୍ପ, ଶ୍ରୀବିଷ୍ଣୁ ନିଜ ସୁଦର୍ଶନ ଚକ୍ର, ବେଦପତି ବ୍ରହ୍ମା ତାଙ୍କ କମଣ୍ଡଳୁ, ଅଗ୍ନିଦେବ ତାଙ୍କ ମହାତେଜ ଓ ବର୍ଚ୍ଛା, ଯନ୍ତୁପତି ଯମ ତାଙ୍କ କାଳଦଣ୍ଡ, ଦକ୍ଷ ପ୍ରଜାପତି ଏକ ଅକ୍ଷମାଳ, ରତ୍ନାକର ଏକ ଅମଳିନ ପଦ୍ମହାର, ବରୁଣଦେବ ଏକ ଶଙ୍ଖ, ଶ୍ରୀଗଣେଶ ଏକ ଖଣ୍ଡା, ଇନ୍ଦ୍ରଦେବ ତାଙ୍କ ବଜ୍ର, ବାୟୁ ଦେବତା ଧନୁ ଓ ତୀର, ବିଶ୍ୱକର୍ମା ଏକ ପର୍ଶୁ, ଏବଂ ପର୍ବତରାଜ ହିମାଳୟ ଏକ ସିଂହ ମା' ଦୁର୍ଗା ଦେବୀଙ୍କୁ କରିଥିଲେ ପ୍ରଦାନ । ପାପଶକ୍ତିର ବିନାଶକରି ସତ୍ୟ, ଧର୍ମ, ନ୍ୟାୟ ଓ ଶାନ୍ତି ପ୍ରତିଷ୍ଠା ନିମିତ୍ତ ସିଂହାରୋହଣ କରି ନିଜ ଦଶଭୁଜରେ ମା' ଦୁର୍ଗା ଯେତେବେଳେ ଖଣ୍ଡା, ତ୍ରିଶୂଳ, ଚକ୍ର, ବଜ୍ର, ଧନୁ-ତୀର, ବର୍ଚ୍ଛା, ଶଙ୍ଖ, ପର୍ଶୁ ଓ ସର୍ପ ଇତ୍ୟାଦି ଧାରଣକରି ଦେବଗଣଙ୍କ ସମ୍ମୁଖରେ ନିଜ ସାହସ, ଶକ୍ତି ଓ ବିକଟାଳ ରୂପ ପ୍ରଦର୍ଶନ କଲେ, ମା'ଙ୍କୁ ଦର୍ଶନ କରି ସର୍ଭି ଦେବଗଣ ସ୍ତମ୍ଭୀଭୂତ ଓ ଭୟଭୀତ ହୋଇଥିଲେ । ଏହା ପରେ ସେ ଏକ ମୋହିନୀ କନ୍ୟାର ରୂପଧାରଣ କରି ଦେବଗଣଙ୍କୁ ସାନ୍ତ୍ୱନା ଦେଇ, ନିଜ ଜନ୍ମର ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ଲକ୍ଷ୍ୟରେ ରତ୍ନଗିରି ପର୍ବତକୁ କରିଥିଲେ ଯାତ୍ରା । ରତ୍ନଗିରି ପର୍ବତରେ ନିଜ ଲୋଭନୀୟ ରୂପରେ ଦୁଷ୍ଟ ଶକ୍ତିମାନଙ୍କୁ ମୋହିତ କରି ମା' ଦୁର୍ଗା ଯୁଦ୍ଧ ଓ ଅକଳ୍ପନୀୟ କୌଶଳ ଦ୍ୱାରା ମହିଷାସୁରର ଅଷ୍ଟାଦଶ ସେନାପତି ଧୁମ୍ରଲୋଚନ, ଚଣ୍ଡ-ମୁଣ୍ଡ, ଶୁମ୍ଭ-ନିଶୁମ୍ଭ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ଦେଇଥିଲେ ମୃତ୍ୟୁ ଦଣ୍ଡ । ନିଜ ପାଟରାଣୀ ଚନ୍ଦ୍ରା ଓ ମହାମନ୍ତ୍ରୀ ଅନ୍ଧକଙ୍କ ସୁପରାମର୍ଶ ଓ ଅସତ୍‌କର୍ମରେ ଲିପ୍ତରହି ଏପରି ଯୁଦ୍ଧରେ ଭାଗ ନନେବା ପାଇଁ ସେ ଦ୍ୱୟଙ୍କ ବାରଣକୁ ଦାନବ ସମ୍ରାଟ ମହିଷାସୁର ପ୍ରତ୍ୟାଖ୍ୟାନ କରି ମା'ଦୁର୍ଗାଙ୍କ ସହିତ ଯୁଦ୍ଧରେ ହୋଇଥିଲେ ଅବତୀର୍ଣ୍ଣ । ବାରମ୍ବାର ଯୁଦ୍ଧ ସତ୍ତ୍ୱେ ମା' ଦୁର୍ଗା କାମାନ୍ଧ ମହିଷର ବଧ କରିପାରିଲେ ନାହିଁ । ତେଣୁ ବେଦପତି ବ୍ରହ୍ମାଙ୍କ ବରକୁ ସ୍ମରଣ କରି ମା' ଦୁର୍ଗତିନାଶିନୀ ଧାରଣ କଲେ ଏକ ବିବସନା ନାରୀ ବେଶ । ମା' ଦୁର୍ଗାଙ୍କ ବିବସନା ରୂପ ଦର୍ଶନ କରି ମହିଷ ମନରେ ଯୌନ କାମନା ସୃଷ୍ଟି ହେବା ଦ୍ୱାରା ସେ ଲକ୍ଷ୍ୟଭ୍ରଷ୍ଟ ହୋଇ ସଠିକ୍ ଭାବରେ ଆଉ ଯୁଦ୍ଧ କରିବା ପାଇଁ ହୋଇନଥିଲା ସକ୍ଷମ । ଫଳତଃ ଏହି ଯୁଦ୍ଧରେ ମା'ଙ୍କ ତ୍ରିଶୂଳ ଆଘାତରେ ମହିଷାସୁର ନିଦ୍ରାଦେବୀଙ୍କ କୋଳରେ ମହାନିଦ୍ରାରେ ଶୋଇଯାଇଥିଲା ସବୁଦିନ ପାଇଁ । ମହିଷାସୁରକୁ ବଧ କରି ମା' 'ଦୁର୍ଗା' 'ମହିଷାମର୍ଦ୍ଦିନୀ ନାମରେ ସୃଷ୍ଟି କରିଥିଲେ ନିଜର ସ୍ୱତନ୍ତ୍ର ପରିଚୟ । ତ୍ରିପୁରରେ ଶାନ୍ତି ବିରାଜମାନ କରି ଦେବଗଣଙ୍କ ମୁଖରୁ ଶୁଭୁଥିଲା ମା' ମହିଷାମର୍ଦ୍ଦିନୀଙ୍କର ଜୟ ଜୟ କାର ଧ୍ୱନି । ମା' ଦୁର୍ଗା ଅଗ୍ନିରୁ ଜାତ ହୋଇଥିଲେ ମଧ୍ୟ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ଏହି ତ୍ରିଦେବଙ୍କ ମିଳିତ ଆବାହନରେ ପବିତ୍ର ଗଙ୍ଗା ଜଳରୁ ମା' ଦୁର୍ଗା ଜନ୍ମ ଗ୍ରହଣ କରିଥିବା କଥା ଅନେକ ପୁରାଣରେ ଉଲ୍ଲେଖିତ ହୋଇଅଛି । ଐତ୍ତିରୀୟ ଆରଣ୍ୟକରେ ବର୍ଣ୍ଣନା ଅଛି:- ***"ତାଂ ଅଗ୍ନି ବର୍ଣ୍ଣାଂ ତପସା ଜ୍ୱଳନ୍ତାଂ ବୈରୋଚନାଂ କର୍ମ ଫଳେଷୁ ଜୁଷ୍ଟାମ୍ । ଦୁର୍ଗା ଦେବୀଂ ଶରଣ ମହଂ ପ୍ରପଦ୍ୟେ ସୁତରସି ତରସେ ନମଃ ।"***

ଅର୍ଥାତ - ମା' ଦୁର୍ଗା ହେଉଛନ୍ତି ଅଗ୍ନି କନ୍ୟା । ପାର୍ବତୀ, କାଳୀ, ଚଣ୍ଡୀ ଓ ଉମା ରୂପରେ ପୂଜିତା ମା' ଦୁର୍ଗା ହେଉଛନ୍ତି ତ୍ରିନୟନୀ । ତାଙ୍କର ବାମ ନେତ୍ର ଚନ୍ଦ୍ରଙ୍କ ପ୍ରତିନିଧିତ୍ୱ କରି ଅଭିଳାଷ ପୂରଣ କରୁଥିବା ବେଳେ, ଦକ୍ଷିଣ ନୟନ ସୂର୍ଯ୍ୟଙ୍କ ପ୍ରତିନିଧିତ୍ୱ କରି, କରିଥାଏ କାର୍ଯ୍ୟ ପ୍ରକ୍ରିୟା ଏବଂ କେନ୍ଦ୍ରନୟନ ଅଗ୍ନିଙ୍କ ପ୍ରତିନିଧିତ୍ୱ କରି ଆତ୍ମ ଦୃଷ୍ଟି ସହିତ ପ୍ରଦାନ କରିଥାନ୍ତି ବିଦ୍ୟାଜ୍ଞାନ । ଏହି ମାତା ସ୍ୱୟଂ ହେଉଛନ୍ତି ତମୋ ଗୁଣ ବିଶିଷ୍ଟା 'ଦଶଭୁଜା ମହାକାଳୀ' ରଜୋଗୁଣା ସଂପନ୍ନା 'ମା' ମହାଲକ୍ଷ୍ମୀ' ଓ ସତ୍‌ଗୁଣା ସଂପନ୍ନା 'ମହା ସରସ୍ୱତୀ' ।

ଦେବଭୂମି ଭାରତରେ ଶକ୍ତିପୂଜା ବା ମାତୃପୂଜାକୁ ନେଇ ଅନେକ ଶକ୍ତିପୀଠ ସ୍ଥାପନ ହୋଇଅଛି । ସେମାନଙ୍କ ମଧ୍ୟରେ ଗଡ଼ଜାତ ରାଜ୍ୟ ବଡ଼ାମ୍ବାର ଶଶାଙ୍ଗ ଗ୍ରାମ ନିକଟସ୍ଥ ମହାନଦୀ କୂଳରେ ଥିବା ରତ୍ନଗିରି ପାହାଡର ପାଦଦେଶରେ ରାଜ ରାଜେଶ୍ୱରୀ ମା' ମହାମାୟୀ ଭଟ୍ଟାରିକାଙ୍କର ଶକ୍ତିପୀଠ ରହିଅଛି । ଉତ୍କଳୀୟ ସଂସ୍କୃତି ଓ ପରମ୍ପରାରେ ଅବର୍ଣ୍ଣନୀୟ ଏହି ଅନନ୍ୟ ଶକ୍ତିପୀଠର ଏକ ସ୍ୱତନ୍ତ୍ରତା ରହିଅଛି । ଏହି ଶକ୍ତିପୀଠ ଠାରେ ଭାଗବାନ ଭୃଗୁପତି ଭାର୍ଗବ ପର୍ଶୁରାମ ଧ୍ୟାନସ୍ଥ ଥିବା ସମୟରେ ତାଙ୍କ ମାନସପଟରେ ମା' ଭଟ୍ଟାରିକା ହୋଇଥିଲେ ଆବିର୍ଭୂତା । ଏହା ପରେ ପ୍ରଭୁ ପର୍ଶୁରାମ ନିଜ ପର୍ଶୁ ଓ ତୀର ମୁନରେ ଏକ ପାଷାଣକୁ ଖନନ କରି ଅଙ୍କନ କରିଥିଲେ ମା' ଭଟ୍ଟାରିକାଙ୍କ ମୂର୍ତ୍ତି । ଏହି ମାତା ରାଜତନ୍ତ୍ର ଶାସନ ସମୟରୁ ବଡ଼ାମ୍ବାର ରାଷ୍ଟ୍ରଦେବୀ ରୂପେ ପୂଜା ପାଇଆସୁଛନ୍ତି ।

ଦଶ ମହାବିଦ୍ୟାର ସାଧନ ପୀଠ ଏହି ତାନ୍ତ୍ରିକ ଉଡ୍ଡୟନ ଶକ୍ତିପୀଠରେ ମା' ଭଟ୍ଟାରିକାଙ୍କୁ ପରମ ବୈଷ୍ଣବ ଦେବୀ ରୂପେ ମଧ୍ୟ କରାଯାଇଥାଏ ପୂଜା । ରାଜତନ୍ତ୍ର ଶାସନ ସମୟରୁ ପ୍ରତ୍ୟେକ ବର୍ଷ ଆଶ୍ୱିନ କୃଷ୍ଣ ମୂଳାଷ୍ଟମୀଠାରୁ ଶୁକ୍ଳପକ୍ଷ ମହାଷ୍ଟମୀ ପର୍ଯ୍ୟନ୍ତ ଗଭୀର ଭକ୍ତି ସହିତ ମା'ଙ୍କ ଷୋଡ଼ଶ ଦିନ ବ୍ୟାପୀ ଶାରଦୀୟ ପୂଜା ପାଳନ କରାଯାଇଥାଏ । ଆର୍ଯ୍ୟାବର୍ତ୍ତ ଭାରତର ଅନ୍ୟ ଶକ୍ତିପୀଠରେ ଶାରଦୀୟ ପୂଜାର ପ୍ରଥମ ଦିବସରୁ କ୍ରମାନ୍ୱୟରେ ଯେଉଁଭଳି ଭାବରେ ୧-ମା' ଶୈଳପୁତ୍ରୀ, ୨-ମା' ବ୍ରହ୍ମ ଚାରିଣୀ, ୩-ମା' ଚନ୍ଦ୍ର ଘଣ୍ଟା, ୪-ମା' କୁଷ୍ମଣ୍ଡା, ୫-ସ୍କନ୍ଦ ମାତା, ୬-ମା' କାତ୍ୟାୟନୀ ୭-ମା' କାଳରାତ୍ରୀ, ୮-ମା' ମହାଗୌରୀ ଓ ୯-ମା' ସିଦ୍ଧିଦାତ୍ରୀ ବେଶରେ ନବମ ଦିବସ ପର୍ଯ୍ୟନ୍ତ ପୂଜା କରାଯାଏ, ଏହି ଶକ୍ତିପୀଠରେ ସେଭଳି ପୂଜା ନାହିଁ । ଏଠାରେ ମାତାଙ୍କୁ ପ୍ରତ୍ୟେକ ଦିନ ସକାଳେ ଗାୟତ୍ରୀ (କୁମାରୀ), ମଧ୍ୟାହ୍ନରେ ସାବିତ୍ରୀ (ଯୁବତୀ) ଓ ସଂଧ୍ୟାରେ ସରସ୍ୱତୀ (ବୃଦ୍ଧା) ଏହି ତିନି ରୂପରେ ପୂଜା କରାଯାଏ, ଯାହା ବୈଦିକ ଋଷିମାନଙ୍କର ଆରାଧ୍ୟା ବେଶ ରୂପେ ବର୍ଣ୍ଣନା ରହିଅଛି । ଏଠାରେ ପାଳିତ ହେଉଥିବା ମା'ଙ୍କ ପୂଜା ଉତ୍ସବ ତା'ଙ୍କ ପରମ ଭକ୍ତମାନଙ୍କ ଦ୍ୱାରା ଏକ ମହୋତ୍ସବରେ ପରିଣତ ହୋଇଅଛି । ଚଳିତ ବର୍ଷ ମା' ଭଟ୍ଟାରିକାଙ୍କର ଦ୍ୱାବିଂଶ ମହୋତ୍ସବ ପାଳନ ଅବସରରେ ତାଙ୍କ ପୟର ଯୁଗଳରେ ଗଭୀର ଭକ୍ତିପୂର୍ଣ୍ଣ ପ୍ରଣାମ କରି, ସମଗ୍ର ବିଶ୍ୱରୁ କରୋନା ମହାମାରୀକୁ ଧ୍ୱସ୍ତକରି, ସମଗ୍ର ମାନବ ଜଗତର କଲ୍ୟାଣ କରିବା ପାଇଁ ମୁଁ ପ୍ରାର୍ଥନା କରୁଛି !

***-ପୂର୍ବତନ ସଭାପତି, ବଡ଼ାମ୍ବା ଓକିଲ ସଂଘ, ବଡ଼ମ୍ବା, ଭ୍ରାମ୍ୟଭାଷ- ୯୯୩୮୫୪୭୮୫୯***

# ସଦ୍‌ଗୁରୁ ଶିରିଡ଼ି ସାଇବାବା

*(ବିଜୟା ଦଶମୀ ମହାସମାଧି ଗ୍ରହଣ ଉପଲକ୍ଷେ)*

**ଡକ୍ଟର ମନୋଜ କୁମାର ମହାନ୍ତି**



**ଏ** ସଂସାରରେ ଅନେକ ପ୍ରକାର ଗୁରୁ ଅଛନ୍ତି ଯେଉଁମାନେ ଆମକୁ ବିଭିନ୍ନ ପ୍ରକାରର ଜ୍ଞାନ ପ୍ରଦାନ କରିଥାନ୍ତି, କିନ୍ତୁ ଯେଉଁ ଗୁରୁ ଆମକୁ ଆତ୍ମଚେତନାରେ ପ୍ରତିଷ୍ଠିତ କରାନ୍ତି ଓ ସାଂସାରିକ ମୋହ ସାଗରରୁ ପାର କରାଇ ନିଅନ୍ତି, ସେ ହିଁ ସଦ୍‌ଗୁରୁ ପଦବାଚ୍ୟ । ପରମ ପୂଜ୍ୟ ସାଇବାବା ସେହି ପ୍ରକାରର ସଦ୍‌ଗୁରୁ ଥିଲେ । ସେ ବିଧି ନିର୍ଦ୍ଦିଷ୍ଟ ଗୁରୁ ଥିଲେ ଯାହାଙ୍କ ସଂସ୍ପର୍ଶରେ ଭକ୍ତ ଆସିଲେ ତା ମନରୁ ଦ୍ୱୈତ ଭାବ ବିଲୋପ ହେଉଥିଲା ଏବଂ 'ବ୍ରହ୍ମୋଽସ୍ମି' (ଆତ୍ମାନନ୍ଦ)ର ଭାବ ଉଦ୍ରେକ ହେଉଥିଲା । ସାଇବାବାଙ୍କ ମହାନୁଭବତା ବର୍ଣ୍ଣନାତୀତ । ଯଦି କେହି ତାଙ୍କୁ ଦର୍ଶନ କରିବାକୁ ଯାଉଥିଷଲ ସେ ବିନା ପ୍ରଶ୍ନରେ ତା'ର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ବିଷୟ କହି ଦେଉଥିଲେ । ସେ ସବୁ ଜୀବଙ୍କ ଭିତରେ ବ୍ରହ୍ମ ଦର୍ଶନ କରୁଥିଲେ । ଶତ୍ରୁ ଓ ମିତ୍ର ଉଭୟେ ତାଙ୍କ ନିକଟରେ ସମାନ ଥିଲେ । ସେ ଅନାସକ୍ତ ଓ ସମଭାବାପନ୍ନ ଥିଲେ । ଅପକର୍ମ କରିଥିବା ଲୋକଙ୍କୁ ମଧ୍ୟ ସେ ଅନୁଗୃହୀତ କରୁଥିଲେ । ସମ୍ପଦରେ ସେ ଯାହା ବିପତ୍ତିରେ ମଧ୍ୟ ସେଇଆ । ସେ ଶରୀରୀ ହୋଇଥିଲେ ହେଁ ପ୍ରକୃତରେ ଶରୀରମୁକ୍ତ ଥିଲେ । ଅର୍ଥାତ୍ ଶରୀର ବନ୍ଧନରୁ ମୁକ୍ତ ଥିଲେ । ସେ କୌଣସି ବିଷୟ ପ୍ରତି ଆସକ୍ତ ନଥିଲେ । ବାସ୍ତବରେ ସେ ଥିଲେ ଅନାଗ୍ରହ, ମୁକ୍ତ ଓ ସ୍ୱୟଂ-ସମ୍ପୂର୍ଣ୍ଣ । ଅନେକ ସନ୍ଥ ଅଛନ୍ତି ଯେଉଁମାନେ ଗୃହତ୍ୟାଗ କରି ଜଙ୍ଗଲରେ, ଗୁମ୍ଫାରେ ବା ଆଶ୍ରମରେ ନିରୋଳାରେ ରହି ସେମାନଙ୍କର ନିଜ ନିଜର ମୁକ୍ତି ବା ମୋକ୍ଷ ପାଇଁ ସାଧନା କରିଥାନ୍ତି । ସେମାନେ ଅନ୍ୟାନ୍ୟ ଲୋକଙ୍କ ବିଷୟରେ ଚିନ୍ତା କରନ୍ତି ନାହିଁ ଏବଂ ସର୍ବଦା ଆତ୍ମଚିନ୍ତନରେ ନିମଗ୍ନ ଥାନ୍ତି । ସାଇବାବା ଏ ଧରଣର ସନ୍ଥ ନଥିଲେ । ତାଙ୍କର ଘରଦ୍ୱାର ବା ପରିବାର ନଥିଲା । ସେ ଋରି ପା□ ଘର ବୁଲି ରୁଟି ଭିକ୍ଷା କରି ଆଣୁଥିଲେ । ସବୁବେଳେ ଭଙ୍ଗା ମସ୍‌ଜିଦରେ ରହୁଥିଲେ, ସାଂସାରିକ ଜଞ୍ଜାଳ କଥା ବୁଝୁଥିଲେ । ଭଗବତ୍ ଦର୍ଶନ ପ୍ରାପ୍ତି ପରେ ଜନସାଧାରଣଙ୍କ କଲ୍ୟାଣ ନିମନ୍ତେ ସାଧୁସନ୍ଥମାନେ ଆଗଭର ହେବା ବିରଳ । ଏଭଳି ସାଧୁସନ୍ଥଙ୍କ ମଧ୍ୟରେ ସାଇବାବା ହିଁ ସର୍ବପ୍ରଥମ ।

ସାଇବାବାଙ୍କର ମାତାପିତା ବା ପ୍ରକୃତ ଜନ୍ମଦିନ ବିଷୟରେ କାହାର ଧାରଣା ନଥିଲା । କିନ୍ତୁ ବାବାଙ୍କର ଶିରିଡ଼ି ଆଗମନ ଓ ରହଣି ସମୟରୁ ବାବାଙ୍କର ଜନ୍ମର ସମୟ ଅନୁମାନ କରାଯାଇପାରେ । ବାବା ପ୍ରଥମେ ଜଣେ ଷୋହଳ ବର୍ଷର ତରୁଣ ବାଳକ ଅବସ୍ଥାରେ ଶିରିଡ଼ି ଆସିଥିଲେ । ଏହାପରେ ବାବା ଶିରିଡ଼ିରୁ ଅନ୍ତର୍ଦ୍ଧାନ ହୋଇଗଲେ ଏବଂ ପୁନଃ ପ୍ରାୟ ୨୦ ବର୍ଷ ବୟସରେ ଚାନ୍ଦ ପାଟିଲଙ୍କ ବରଯାତ୍ରୀ ସାଙ୍ଗରେ ଶିରିଡ଼ି ଆସିଥିଲେ । ଏହାପରେ ଶିରିଡ଼ିରେ ୬୦ ବର୍ଷ ବିତାଇ ବାବା ୧୯୧୮ ମସିହାରେ ମହାସମାଧି ନେଲେ । ଏଥିରୁ ତାଙ୍କର ଆନୁମାନିକ ଜନ୍ମବର୍ଷ ୧୮୩୮ ବୋଲି ନିରୂପଣ କରାଯାଇପାରେ । ଶିରିଡ଼ି ଆଗମନ ପୂର୍ବରୁ ବାବା କେଉଁଠାରେ ଥିଲେ, ତାଙ୍କର ଜନ୍ମସ୍ଥାନ କେଉଁଠି, ତାଙ୍କର ମାତାପିତା କିଏ ଥିଲେ, ଏସବୁର ସଠିକ ବିବରଣୀ କୌଣସି ଐତିହାସିକମାନେ ମଧ୍ୟ ଦେବା ନିମନ୍ତେ ଅସମର୍ଥ ଅଟନ୍ତି । ଏପରିକି ସାଇବାବା ନାମ ତାଙ୍କର ଅନନ୍ୟ ଭକ୍ତ ମହଲାସପତିଙ୍କ ପ୍ରଦତ୍ତ । ଏହା ତାଙ୍କର ନିଜସ୍ୱ ନାମ ମଧ୍ୟ ନୁହେଁ । 'ସାଇ' ଶବ୍ଦର ଅର୍ଥ ଈଶ୍ୱର ବା ମାଲିକ । ତାଙ୍କୁ ନିଜର ଅତୀତ ବିଷୟରେ ଭକ୍ତମାନଙ୍କ ମଧ୍ୟରେ ଚର୍ଚ୍ଚା ଆଲୋଚନା ଆଦୌ ପସନ୍ଦ ନଥିଲା । ତାଙ୍କୁ ଯେତେବେଳେ ବି ପଚରାଯାଉଥିଲା, ଆପଣ କିଏ ? କେଉଁଠାରୁ ଆସିଛନ୍ତି ? ଆଦିର ଉତ୍ତରରେ ବାବା କହୁଥିଲେ 'ମୋର ନାମ ନାହିଁ, ମୋର ଘର ନାହିଁ, ମୁଁ ନିର୍ଗୁଣ ନିରାକାର ଅଟେ ଏବଂ ସର୍ବଜ୍ଞ ସର୍ବବ୍ୟାପୀ ଅଟେ । ସାଇବାବା ମାତ୍ର ଷୋହଳ ବର୍ଷ ବୟସରେ ଶିରିଡ଼ିର ଏକ ନିମ୍ବବୃକ୍ଷ ମୂଳରେ ଶିରିଡ଼ିବାସୀଙ୍କୁ ମିଳିଥିଲେ । ତାଙ୍କର ବେଶ,ପୋଷାକ ପରିଚ୍ଛଦ ଠିକ୍ ମୁସଲମାନଙ୍କ ପରି ଥିଲା । ସେ ଫରାସୀ ତଥା ଉର୍ଦ୍ଦୁ ଭାଷାର ଉପଯୋଗ କରୁଥିଲେ । ବାବାଙ୍କର ବ୍ୟକ୍ତିତ୍ୱରେ ସୁଫିଭାବ ସ୍ୱଷ୍ଟଭାବେ ପ୍ରତିଫଳିତ ହେଉଥିଲା । ତତ୍‌ସହିତ ବାବାଙ୍କର ହିନ୍ଦୁ ପରମ୍ପରା ବିଷୟକ ଜ୍ଞାନ ଓ ଅଦୈତ୍ୱ ଭକ୍ତିର ଭାବ ପରିଲକ୍ଷିତ ହେଉଥିଲା । ବାବାଙ୍କ ଅବସ୍ଥାନ ଯୋଗୁଁ ହିଁ ଶିରିଡ଼ି ଏକ ତୀର୍ଥରେ ପରିଣତ ହୋଇଥିଲା । ବିଭିନ୍ନ ସ୍ଥାନରୁ ବିଭିନ୍ନ ପ୍ରକାରର ଲୋକ ସେଠାରେ ରୁଣ୍ଡ ହେଉଥିଲେ ଏବଂ କି ଧନୀ, କି ଦରିଦ୍ର ସମସ୍ତେ ଏକାଧିକ ପ୍ରକାରରେ କୌଣସି ନା କୌଣସି ଭାବରେ ଉପକୃତ ହେଉଥିଲେ । ସାଇବାବା ଜଣେ ସାଧାରଣ ମଣିଷଙ୍କ ଭଳି ଆଚରଣ ଦେଖାଉଥିଲେ ହେଁ ତାଙ୍କ କାର୍ଯ୍ୟକ୍ରମରେ ବିଶେଷ ବୁଦ୍ଧିମତ୍ତା ଓ କୌଶଳ ପରିଲକ୍ଷିତ ହେଉଥିଲା । ସେ ଯାହାକିଛି କରୁଥିଲେ, ସେ ସବୁ ଭକ୍ତମାନଙ୍କ କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ ଥିଲା । ସେ ଭକ୍ତମାନଙ୍କୁ କୌଣସି ପ୍ରକାରର ଆସନ ବା ପ୍ରାଣାୟମ ଅଥବା ରୀତିନୀତି ପଦ୍ଧତି ଶିଖାଉ ନଥିଲେ । ସବୁ ପ୍ରକାରର ଚତୁର ପଣିଆ ପରିତ୍ୟାଗ କରି ସର୍ବଦା କେବଳ 'ସାଇ' ନାମ ସ୍ମରଣ କରିବାକୁ କହୁଥିଲେ । ସେ କହୁଥିଲେ 'କେବଳ ସେତିକି କରିପାରିଲେ ତୁମର ସବୁ ବନ୍ଧନ ଖୋଲିଯିବ ଓ ତୁମେ ମୁକ୍ତ ହୋଇଯିବ' ।

ସାଇବାବା ସର୍ବଦା କହୁଥିଲେ ଯେ, ସେ ଭଗବାନଙ୍କ ଜଣେ ଆଜ୍ଞାଧୀନ ସେବକ । ସେ ନିଜେ ଜଣେ ଅବତାରୀ ପୁରୁଷ ହୋଇଥିଲେ ହେଁ ଏଇ ଜୀବନକାଳ ଭିତରେ ପ୍ରତ୍ୟେକ କିପରି ସନ୍ତୋଷଜନକ ବ୍ୟବହାର କରିବେ ଓ ସ୍ୱ ସ୍ୱ କର୍ତ୍ତବ୍ୟ କର୍ମ ସମ୍ପାଦନ କରିବେ ତାହା ସେ ପ୍ରଦର୍ଶନ କରି ଯାଇଛନ୍ତି । ଭକ୍ତମାନଙ୍କ ପ୍ରତି ତାଙ୍କର ପୂର୍ଣ୍ଣ ପ୍ରେମ ଥିଲା । ସେ ଆତ୍ମଜ୍ଞାନ ଭଣ୍ଡାର ଓ ଆତ୍ମାନନ୍ଦ ସ୍ୱରୂପ ଥିଲେ । ସେ ପୃଥିବୀର ସବୁ ଚଳନ୍ତି ଓ ଅଚଳନ୍ତି ବସ୍ତୁରେ ଈଶ୍ୱର ଦର୍ଶନ କରୁଥିଲେ ହେଁ ତାଙ୍କ ପକ୍ଷରେ ବିନମ୍ରତା ସବୁଠାରୁ ଶ୍ରେଷ୍ଠ ବିଷୟ ଥିଲା । ସେ ସବୁ ଜୀବଙ୍କ ମଧ୍ୟରେ ଭଗବାନ ଦର୍ଶନ କରୁଥିଲେ । 'ମୁଁ ଭଗବାନ ବୋଲି' ସେ କେବେ ହେଁ କହୁନଥିଲେ, କେବଳ କହୁଥିଲେ ଯେ ସେ ତାଙ୍କର ଜଣେ ବିନୀତ ସେବକ ଏବଂ ସର୍ବଦା ତାଙ୍କୁ ସ୍ମରଣ କରୁଥିଲେ ଓ ସବୁବେଳେ 'ଆଲ୍ଲା ମାଲିକ' (ଈଶ୍ୱର ହିଁ ଏକମାତ୍ର କର୍ତ୍ତା) ବୋଲି ଉଚ୍ଚାରଣ କରୁଥିଲେ । ବାବା କହୁଥିଲେ ଯିଏ ଜନ୍ମ ଓ ମୃତ୍ୟୁର ଆବର୍ତ୍ତ ଭିତରୁ ଉଦ୍ଧାର ପାଇବାକୁ ଇଚ୍ଛା କରେ, ସେ ନିଜ ମନକୁ ସଂଯତ ଓ ସ୍ଥିର ରଖି ଏକ ସଦାଚାରୀ ଜୀବନ ଯାପନ କରିବା ଉଚିତ୍ । କାହା ମନରେ ଆଘାତ ଦେଲା ଭଳି କଥା କହିବା ଅନୁଚିତ । ଯେ ତାଙ୍କ ଉପରେ ସମ୍ପୂର୍ଣ୍ଣ ଭରସା ରଖେ, ତାଙ୍କ ଲୀଳା ଶୁଣେ ଓ କହେ ଏବଂ ଅନ୍ୟ କୌଣସି ବିଷୟ ଚିନ୍ତା କରେନାହିଁ, ସେ ଆତ୍ମ ଦର୍ଶନ ପାଇବା ହିଁ ନିଶ୍ଚିତ । ତାଙ୍କୁ ସ୍ମରଣ କରିବା ପାଇଁ ଓ ତାଙ୍କ ଠାରେ ସମର୍ପିତ ହୋଇଯିବା ପାଇଁ ବାବା ଅନେକଙ୍କୁ କହୁଥିଲେ । ସେ କେତେକ ଭକ୍ତଙ୍କୁ ଭଗବାନଙ୍କ ନାମ ସ୍ମରଣ କରିବାକୁ କହୁଥିଲେ, ଆଉ କାହାକୁ ତାଙ୍କ ଲୀଳା ଶୁଣିବାକୁ କହୁଥିଲେ ତ କାହାକୁ ଆଧାତ୍ମ ରାମାୟଣ,



ଜ୍ଞାନେଶ୍ୱରୀ, ବିଷ୍ଣୁ ସହସ୍ରନାମ, ଛାନ୍ଦୋଗ୍ୟ ଉପନିଷଦ ଓ ଗୀତା ପଢିବାକୁ କହୁଥିଲେ । ବାବା ସର୍ବଦା ଦୁଇଟି ପବିତ୍ର ଶବ୍ଦ ବ୍ୟବହାର କରୁଥିଲେ । ତାହା ହେଲା ଶ୍ରଦ୍ଧା ଓ ସବୁରୀ । ଶ୍ରଦ୍ଧା ଅର୍ଥାତ୍ ଭଲ ପାଇବା ଓ ସବୁରୀ ଅର୍ଥାତ୍ ଧୈର୍ଯ୍ୟ । ଏ ପୃଥିବୀରେ ଥିବା ଜୀବଜଗତ, ବୃକ୍ଷଲତା, ମନୁଷ୍ୟ, ପଶୁପକ୍ଷୀ ସମସ୍ତଙ୍କୁ ଭଲ ପାଇବାକୁ ଓ ପ୍ରତ୍ୟେକ ପରିସ୍ଥିତିକୁ ସାହସର ସହ ସମ୍ମୁଖୀନ ହୋଇ ଧୈର୍ଯ୍ୟ ଧରିବାକୁ କହୁଥିଲେ । ଧନୀ-ଗରିବ, ଜାତି-ଅଜାତି ସମସ୍ତଙ୍କୁ ସେ ସମାନ ଭାବରେ ଭଲ ପାଉଥିଲେ ଏବଂ ଆଶୀର୍ବାଦ ଦେଉଥିଲେ । ଏହି କାରଣରୁ ସେ ସମସ୍ତଙ୍କର ପ୍ରିୟଜନ ହୋଇଥିଲେ । ଭକ୍ତମାନଙ୍କଠାରୁ ଦକ୍ଷିଣା ଗ୍ରହଣ କରିବା ସାଇବାବାଙ୍କର ଏକ ବିଶେଷତ୍ୱ ଥିଲା । ଦକ୍ଷିଣା ମାଧ୍ୟମରେ ବାବା ତାଙ୍କର ଭକ୍ତମାନଙ୍କୁ ଦାନର ମହତ୍ୱ ସମ୍ବନ୍ଧରେ ସୂଚିତ କରାଉଥିଲେ । ସେମାନଙ୍କ ମନରୁ ଅର୍ଥ ଓ ଜାଗତିକ ବସ୍ତୁପ୍ରତି ଲୋଭ ଓ ଆସକ୍ତି ଦୂର କରି ମନକୁ ଶୁଦ୍ଧ କରିବା ପାଇଁ ବାବା ସେମାନଙ୍କଠାରୁ ଦକ୍ଷିଣା ମାଗୁଥିଲେ । ବାବାଙ୍କର ଦାନ ନେବାର ଏକ ବିଶେଷତ୍ୱ ଥିଲା, ସେ ଯାହା ଦାନ ଭାବରେ ପାଉଥିଲେ ତାର ଶହେଗୁଣ ସେ ପ୍ରତିଦାନରେ ଦେଉଥିଲେ । ଏହାର ଗୋଟିଏ ଉଦାହରଣ ଶ୍ରୀ ସାଇ ସତ୍‌ଚରିତରେ ବର୍ଣ୍ଣନା କରାଯାଇଛି । ଜଣେ ପ୍ରସିଦ୍ଧ ଅଭିନେତା ଶ୍ରୀ ଗଣପତ୍ ରାଓ ବୋଦାସଙ୍କୁ ବାବା ବାରମ୍ବାର ଦକ୍ଷିଣା ମାଗିବାରୁ ଶେଷରେ ସେ ତାଙ୍କର ପଇସା ଥଳୀକୁ ପୁରା ଅଜାଡ଼ି ଦେଇ ଖାଲି କରିଦେଇଥିଲେ । ଫଳରେ ତାଙ୍କର ପରବର୍ତ୍ତୀ ଜୀବନ କାଳରେ ତାଙ୍କୁ ପ୍ରଚୁର ଅର୍ଥ ଉପାର୍ଜନ କରିବାର ସୁଯୋଗ ମିଳିଥିଲା । ବାବା ଯଦିଓ ଦକ୍ଷିଣା ଭାବରେ ପ୍ରଭୂତ ଅର୍ଥ ସଂଗ୍ରହ କରୁଥିଲେ, ସେହି ଅର୍ଥକୁ ମଧ୍ୟ ସେ ସେଇ ଗୋଟିଏ ଦିନରେ ବାଣ୍ଟି ଦେଉଥିଲେ, ଏପରିକି ତା' ପରଦିନ ସକାଳୁ ସେ ପୁଣି ସେଇ ଦରିଦ୍ର ଫକୀର । ପ୍ରାୟ ଦଶବର୍ଷ ଧରି ଦକ୍ଷିଣା ଆକାରରେ ହଜାର ହଜାର ଟଙ୍କା ସଂଗ୍ରହ କରୁଥିଲେ ହେଁ ତାଙ୍କ ମହାସମାଧି ବେଳକୁ ତାଙ୍କ ପାଖରେ ଅଳ୍ପ କେତୋଟି ଟଙ୍କା ଥିଲା । ମୋଟ ଉପରେ କହିବାକୁ ଗଲେ, ଭକ୍ତମାନଙ୍କୁ ତ୍ୟାଗ ଓ ଆତ୍ମଶୁଦ୍ଧି ଶିକ୍ଷା ଦେବା ନିମନ୍ତେ ସେ ଭକ୍ତମାନଙ୍କ ଠାରୁ ଦକ୍ଷିଣା ସଂଗ୍ରହ କରୁଥିଲେ । ବାବା ସମସ୍ତଙ୍କ ନିକଟରୁ ଦକ୍ଷିଣା ମାଗୁନଥିଲେ । କେବଳ ନିର୍ଦ୍ଦିଷ୍ଟ ଭକ୍ତଙ୍କୁ ସେ ଦକ୍ଷିଣା ମାଗୁଥିଲେ । ଭକ୍ତମାନଙ୍କ ଇଚ୍ଛା, ଭକ୍ତି ଓ ସୁବିଧାକୁ ବିଚାର କରି ସେ ଅଳ୍ପ ବା ବେଶୀ ପରିମାଣର ଦକ୍ଷିଣା ମାଗୁଥିଲେ । ପ୍ରଥମେ ମନସ୍ଥ କରିଥିବା ପରିମାଣ ଠାରୁ ଯଦି କେହି ଅଧିକ ଦେଉଥିଲେ, ବାବା ସେହି ଅଧିକ ଅର୍ଥ ଫେରସ୍ତ କରିଦେଉଥିଲେ । ଦକ୍ଷିଣା ଦ୍ୱାରା ସଂଗୃହିତ ଅର୍ଥରୁ ବାବା ତାଙ୍କ ନିଜ ସକାଶେ ଅର୍ଥାତ୍ ଚିଲମ ଟାଣିବା ଓ ଧୂନି ନିମନ୍ତେ କାଠ କିଣିବାକୁ ଖୁବ୍ କମ୍ ଖର୍ଚ୍ଚ କରୁଥିଲେ ଏବଂ ବାକି ସବୁ ଅର୍ଥ ବିଭିନ୍ନ ଲୋକଙ୍କୁ ଭିନ୍ନ ଭିନ୍ନ ପରିମାଣ ଦାନ କରି ଦେଉଥିଲେ । ସାଇବାବା ଥିଲେ ଗୁଣାତୀତ ଏବଂ ଇନ୍ଦ୍ରିୟମାନଙ୍କ ଉପରେ ତାଙ୍କର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଥିଲା । ସେ ଈଶ୍ୱରଙ୍କ ପ୍ରତି ପୂର୍ଣ୍ଣ ସମର୍ପିତ ଥିଲେ ଏବଂ ସବୁବେଳେ ସତ୍ ଚିତ୍ ଆନନ୍ଦରେ ବୁଡ଼ି ରହିଥିଲେ । ବାବାଙ୍କର ଶକ୍ତି ଥିଲା ବ୍ୟାପକ ଏବଂ ସୀମାତୀତ । ତେଣୁ ମାୟା ତାଙ୍କୁ କବଳିତ କରିପାରୁ ନ ଥିଲା କିମ୍ବା ଦୁଃଖ ତାଙ୍କର ସମୀପକୁ ଆସି ପାରୁନଥିଲା । ସେ ଦିବ୍ୟ ଅଷ୍ଟ ମହାସିଦ୍ଧିପ୍ରାପ୍ତ ହୋଇଥିଲେ । ବାବା ଚାହିଁବା ମାତ୍ରେ ଯେକୌଣସି ସ୍ଥାନକୁ ଯେକୌଣସି ଶରୀର ଧାରଣ କରି ଯାଇପାରୁଥିଲେ । ବି.ଭି. ଦେଓଙ୍କ ମା'ଙ୍କର ଉଦ୍‌ଯାପନୀ ଉତ୍ସବ ଭୋଜିରେ ଜଣେ ସନ୍ନ୍ୟାସୀ ରୂପରେ ଦୁଇଜଣ ଶିଷ୍ୟଙ୍କ ସହ ଯୋଗ ଦେଇଥିଲେ ଯାହା ପ୍ରମାଣ କରେ ଯେ, ବାବା ଏକାଧିକ ଶରୀର ଧାରଣ କରିପାରୁଥିଲେ । ବାବା ବିଭିନ୍ନ ଲୋକଙ୍କୁ ଭିନ୍ନ ରୂପରେ ଦର୍ଶନ ଦେଇଥିବାର କଥା ଆମେ ସାଇ ସତ୍‌ଚରିତରେ ପାଠ କରିଛେ । ବାବା ନିଜ ଇଚ୍ଛାରେ ନିଜ ଶରୀର ତ୍ୟାଗ କରି ପୁନର୍ବାର ସେଇ ଶରୀରକୁ ଫେରି ଆସିପାରୁଥିଲେ । ୧୮୮୬ ମସିହାରେ ବାବା ତାଙ୍କର ଏହି ଶକ୍ତି ପ୍ରଦର୍ଶନ କରିଥିଲେ । ବାବା ନିଜ ଶରୀରକୁ ତିନିଦିନ ପାଇଁ ମହଲାଶପତିଙ୍କ ତତ୍ତ୍ୱାବଧାନରେ ରଖି ଶରୀର ତ୍ୟାଗ କରିଥିଲେ । ତିନିଦିନ ପରେ ବାବା ପୁନର୍ବାର ଶଙ୍କରାଚାର୍ଯ୍ୟଙ୍କ ପରି ନିଜ ଶରୀରକୁ ଫେରି ଆସିଥିଲେ । ବାବା କେବଳ ତାଙ୍କ ସମ୍ମୁଖରେ ଥିବା ଲୋକଙ୍କ ମନକଥା ଜାଣିପାରୁ ନଥିଲେ, ଶହ ଶହ ମାଇଲ୍ ଦୂରରେ ଥିବା ବ୍ୟକ୍ତିଙ୍କ ମନକଥା ଜାଣିପାରୁଥିଲେ । ବହୁ ଦୂରରେ କ'ଣ ସବୁ ଘଟୁଛି ଏବଂ କଣ ଘଟିବ ତାହା ସେ ଜାଣିପାରି ଭକ୍ତମାନଙ୍କୁ କହି ଦେଉଥିଲେ । ଏପରି ମଧ୍ୟ ହୋଇଛି ଯେ, ବାବା ନିଜେ ସେହି ସ୍ଥାନରେ ପହ□ ଯାହା ସାହାଯ୍ୟ କରିବା କଥା ତାହା କରିଛନ୍ତି । ବାବା ପୂର୍ବଜନ୍ମରେ କଣ ଘଟିଥିଲା ଏବଂ ପରବର୍ତ୍ତୀ କାଳରେ କଣ ଘଟିବ ତାହା ମଧ୍ୟ କହିଦେଉଥିଲେ । ବାବା ସ୍ୱପ୍ନ ମାଧ୍ୟମରେ ଭକ୍ତଙ୍କୁ ନିର୍ଦ୍ଦେଶ ଦେଉଥିଲେ । ବାବାଙ୍କର ଆବିର୍ଭାବ ଏବଂ ଅନ୍ତର୍ଦ୍ଧାନ ଶକ୍ତି ଥିଲା ଯାହାର ବର୍ଣ୍ଣନା ପାତଞ୍ଜଳି ଯୋଗସୂତ୍ରରେ ମିଳେ । ଅନ୍ୟମାନେ ସାଧନା ବଳରେ ଏହା ପ୍ରାପ୍ତ ହୋଇଥିବା ବେଳେ ବାବାଙ୍କ ନିକଟରେ ଏହା ଜନ୍ମରୁ ଥିଲା । କେବଳ ଈଶ୍ୱରଙ୍କ କ୍ଷେତ୍ରରେ ଏହା ହୋଇପାରେ ।

ଶିରିଡ଼ିର ଅଧିଶ୍ୱର ଶ୍ରୀସାଇବାବା ଭକ୍ତମାନଙ୍କୁ ଅନେକ ରୂପରେ ଦର୍ଶନ ଦେଇଛନ୍ତି । କିଏ ତାଙ୍କୁ ଶ୍ରୀକୃଷ୍ଣଙ୍କ ରୂପରେ ଅନୁଭବ କରିଛନ୍ତି ତ ଆଉକିଏ ତାଙ୍କଠାରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କୁ ଦର୍ଶନ କରିଛି । ଏସବୁ ଯୋଗୁଁ ଭକ୍ତମାନେ ତାଙ୍କୁ ଭଗବାନଙ୍କର ସାକ୍ଷାତ ଅବତାର ବୋଲି ମନେ କରିଥାନ୍ତି । ପରମ ସଦ୍‌ଗୁରୁ ସାଇବାବା ୧୯୧୮ ମସିହା ଅକ୍ଟୋବର ମାସ ବିଜୟା ଦଶମୀ ଦିନ ମହାସମାଧି ଗ୍ରହଣ କରିଥିଲେ । ବାବା ତାଙ୍କ ଶେଷ ସମୟରେ ଅତି ଜାଗ୍ରତ ଓ ସଚେତନ ଥିଲେ । ଭକ୍ତମାନଙ୍କ ସହ ସ୍ନେହ ଶ୍ରଦ୍ଧାରେ ବାନ୍ଧି ନହେବା ନିମନ୍ତେ ସେ ସେମାନଙ୍କୁ ୱାଡ଼ାକୁ ଯାଇ ଭୋଜନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଭକ୍ତମାନେ ବାବାଙ୍କୁ ଛାଡ଼ି ଯାଇପାରୁ ନଥିଲେ ବା ତାଙ୍କ ଆଦେଶ ଅମାନ୍ୟ କରିପାରୁ ନଥିଲେ । ତେଣୁ ବାଧ୍ୟହୋଇ ସେମାନେ ୱାଡ଼ାକୁ ଭୋଜନ ଗ୍ରହଣ କରିବାକୁ ଗଲେ । ସେମାନଙ୍କର ଭୋଜନ ଶେଷ ହେବା ପୂର୍ବରୁ ବାବା ତାଙ୍କର ମର ଶରୀର ତ୍ୟାଗ କରିଛନ୍ତି ବୋଲି ଖବର ପହ□ଲା । ସେମାନେ ଖାଇବା ଛାଡ଼ି ମସ୍‌ଜିଦ୍‌କୁ ଧାଇଁଲେ ଏବଂ ଦେଖିଲେ ବାବା ବାୟାଜୀଙ୍କ କୋଳରେ ଆଉଜି ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସେ ତଳକୁ ପଡ଼ିଯାଇ ନଥିଲେ କିମ୍ବା ତାଙ୍କର ବିଛଣାରେ ଶୋଇ ରହି ନଥିଲେ । ଅଥଚ ତାଙ୍କ ଆସନରେ ବସି ନିଜ ହାତରେ ଦାନ ଧର୍ମ କରୁ କରୁ ମର ଶରୀରକୁ ଛାଡ଼ିଗଲେ । ବାବା ଶରୀରରେ ଥିବା ସମୟରେ ତାଙ୍କ ବାକ୍ୟର ସାର୍ଥକତା ଓ ମହିମା ପ୍ରତିପାଦିତ ହୋଇଥିଲା; କିନ୍ତୁ ସବୁଠାରୁ ବଳି ଆଶ୍ଚର୍ଯ୍ୟର ବିଷୟ ଯେ ତାଙ୍କର ତିରୋଧାନ ପରେ ମଧ୍ୟ ସେଇ ମହିମା ବଜାୟ ରହିଥିଲା । ବାବା କହିଥିଲେ, "ମୋ ଉପରେ ବିଶ୍ୱାସ ରଖ; ମୁଁ ଚାଲିଗଲେ ମଧ୍ୟ କବର ଭିତରେ ଥିବା ମୋର ଅସ୍ଥି ତୁମକୁ ଆଶା ଭରସା ଦେବ । ଯେଉଁମାନେ ମୋ ପ୍ରତି ପୂର୍ଣ୍ଣ ପ୍ରାଣରେ ସମର୍ପିତ ହେବେ ସେମାନଙ୍କ ସହିତ କେବଳ ମୁଁ କାହିଁକି, ମୋର କବର ମଧ୍ୟ କଥାବାର୍ତ୍ତା କରିବ । ମୁଁ ତୁମମାନଙ୍କ ନିକଟରେ ଆଉ ରହିବି ନାହିଁ ବୋଲି ଉଦ୍‌ବିଗ୍ନ ହୁଅନାହିଁ । ମୋର ଅସ୍ଥି ତୁମମାନଙ୍କ କଲ୍ୟାଣ ସମ୍ପର୍କରେ କଥାବାର୍ତ୍ତା ଓ ଆଲୋଚନା କରିବ । ମାତ୍ର ସର୍ବଦା ମୋତେ ସ୍ମରଣ କର, ହୃଦୟ ଓ ପ୍ରାଣ ଦେଇ ମୋ' ଉପରେ ଭରସା ରଖ, ତେବେ ଯାଇ ତୁମେମାନେ ସବୁଠାରୁ ବେଶୀ ଉପକୃତ ହେବ ।"

***-ପ୍ରାକ୍ତନ ଅଧ୍ୟକ୍ଷ, ଏସ୍‌ସିଆର-୯୬, ଖାରବେଳ ନଗର, ଭୁବନେଶ୍ୱର, ମୋ : ୯୪୩୭୭୭୮୩୭୧***




# ବିଜୟା ଦଶମୀ

ଭାରତୀୟ ଋତୁ ଚକ୍ରରେ ଶରତର ସ୍ଥାନ ତୃତୀୟ । କାସତଣ୍ଡିର ହସ , ଧବଳ ଜ୍ୟୋସ୍ନାର ପ୍ରକାଶ , ସବୁଜ ଶସ୍ୟଶ୍ରୀର ସରସ ମାଧୁରୀ ଘେନି ବସୁନ୍ଧରା ଯେତେ ବେଳେ ଶରତ ସ୍ୱଚ୍ଛ ଜଳ ଦର୍ପଣ ରେ ନିର୍ମଳ ଚନ୍ଦ୍ର ମଣ୍ଡଳ ର ବିମଳ ପ୍ରତିବିମ୍ୱ ଅବଲୋଚନ କରନ୍ତି , ସେତେ ବେଳେ ସେହି ଆଶ୍ୱିନ ମାସ ଶୁକ୍ଳପକ୍ଷରେ ଭାରତବର୍ଷର ପ୍ରତି ପୁରପଲ୍ଲି , ନଗର ଓ ଜନପଦରେ ଶାରଦୀୟ ଦଶହରା ଉତ୍ସବ ମହା ସମାରେହରେ ଅନୁଷ୍ଠିତ ହୁଏ । ଆଦ୍ୟାଶକ୍ତି ଦେବୀ ଦୃର୍ଗାଙ୍କର ଆରଧନା ଏହି ତିଥିରେ କରାଯାଉଥିବାରୁ ଏହାର ଅନ୍ୟନାମ ଦୃର୍ଗାପୂଜା । ଆମ୍ଭେ ମାନେ ତିନୋଟି ଦଶହରା ପାଳନ କରୁଥାଉ । ଜ୍ୟେଷ୍ଠମାସ ଶୁକ୍ଳ ଦଶମୀ ଦିନ ଗଙ୍ଗା ଜୟନ୍ତୀ (ଗଙ୍ଗା ଦଶହରା), ବସନ୍ତ ଋତୁ ରେ ବାସନ୍ତୀୟ ଦୃର୍ଗାପୂଜା ବା ବାସନ୍ତୀ ଦଶହରା , ଏହି ବାସନ୍ତୀୟ ଦୃର୍ଗାପୂଜା ଠାରୁ ଶାରଦୀୟ ଦୁର୍ଗା ପୂଜାର ପ୍ରସାର ଅଧିକ ପରିଲକ୍ଷିତ ହୁଏ । ଆର୍ଯ୍ୟମାନଙ୍କ ର ଏହି ବିଜୟ ପର୍ବ ଅନାଦିକାଳରୁ ଜନତା ଙ୍କ ମଧ୍ୟରେ ଶକ୍ତି ଆରଧନାର ପ୍ରେରଣା ପ୍ରଦାନ କରି ଆସୁଛି । ଏହି ଶକ୍ତି ଆରଧାନରା କେତେ ଗୁଡ଼ିଏ ପୌରାଣିକ କାହାଣୀ ରହିଛି । ମହିଷାସୁର ରାକ୍ଷାସର ଅତ୍ୟାଚାରରେ ଇହଲୋକ ଓ ଦେବଲୋକ ତ୍ରାହି ତ୍ରାହି ଡ଼ାକ ଛାଡ଼ିଲେ । ଜଗତର ମଙ୍ଗଳ ନିମନ୍ତେ ବ୍ରହ୍ମା , ବିଷ୍ଣୁ ଓ ଶିବଙ୍କର କ୍ରୋଧାଗ୍ନିରୁ ଏକ ତେଜସିମିନୀ ଶକ୍ତିର ଆବିର୍ଭାବ ହେଲା । ସେହି ଶକ୍ତି ସ୍ୱରୁପଣି ଦେବୀ ଦେବତା ଙ୍କୁ ଦୁର୍ଗତୀରୁ ରକ୍ଷା କରୁଥିବାରୁ ସେ ଦୃର୍ଗା ବୋଲାଇଲେ । ନବ ଦିନ ପର୍ଯ୍ୟନ୍ତ ଦେବୀ ଅସୁର ସହିତ ସଂଘର୍ଷରତ ରହି ଦଶମୀ ଦିନ ମହିଷାସୁରଙ୍କୁ ବିନାଶ କରି ବିଜୟଲାଭ କରିଥିଲେ । ସେହି ଦିନ ଠାରୁ ଇହଲୋକ ଓ ଦେବଲୋକ ମା ଦୃର୍ଗାଙ୍କର ଆରଧନ କରୁଛନ୍ତି । ଗିରିରାଜ କନ୍ୟା ଉମା ଆଶ୍ୱିନ ମାସ ଶୁକ୍ଳପକ୍ଷରେ ଶିବଙ୍କ ନିବାସ କୈଳାସ ପର୍ବତରୁ ପିତୃଗୃହ କୁ ଆଗମନ କରନ୍ତି । ଜଗଜ୍ଜନନୀଙ୍କର ଆଗମନରେ ପ୍ରକୃତି ହସି ଉଠେ । ଧରାବକ୍ଷରେ ଶରତ । ଦିଗେ ଦିଗେ ଶାରଦୀୟ ଶୁଭ୍ର ଶୋଭା ଶରତ ସ୍ୱଚ୍ଛ ସରୋବରର ଢ଼େଉରେ ହଂସ ଓ କାରଣ୍ଡକ । ମହା ପୂଜା ର ଆୟୋଜନ କରନ୍ତି ଧରାବାସୀ । ଦେବୀ ଜଗତବାସୀଙ୍କ ଠାରୁ ପୂଜା ଗ୍ରହଣ କରି ବିଜୟା ଦଶମୀରେ ପିତ୍ରାଳୟ କୁ ପ୍ରତ୍ୟାଗମନ କରନ୍ତି । ରାବଣ ନିଧନ ନିମିତ ରଘୁକୁଳ ତିଳକ ରାମଚନ୍ଦ୍ର ଦୃର୍ଗାଙ୍କର ଆରଧନା କରି ଦଶମୀ ତିଥିରେ ବିଜୟ ଲାଭ କରିଥିଲେ । ଏଣୁ ଆଶ୍ୱିନ ଶୁକ୍ଳ ଦଶମୀ ନ୍ତବିଜୟା ଦଶମୀ’’ ନାମରେ ଖ୍ୟାତ । ଆଶ୍ୱିନ ମାସରେ ରାଜା ସୁରଥ ଦୁର୍ଗାଙ୍କର ଆରଧନା କରି ରାଜ୍ୟ ଲାଭ କରିଥିଲେ । ଏତଦ୍ ବ୍ୟତୀତ ବିଜୟା ଦଶମୀ ପାଳନର ଆଉ ଦୁଇଟି କାହାଣୀ ମହାଭାରତରେ ବର୍ଣ୍ଣିତ , ଅର୍ଜ୍ଜୁନ ବିରାଟ ରାଜାଙ୍କର ଗୋବସାହରଣ କୁ ପ୍ରତିହତ କରିଥିଲେ କୌରବ ମାନଙ୍କୁ ପରାସ୍ତ କରିବା ଦିନ ଥିଲା ଆଶ୍ୱିନ ଶୁକ୍ଳ ଦଶମୀ । ଏହି ବିଜୟର ସ୍ମୃତିରେ ବିରାଟ ରାଜା ବିଜୟୋତ୍ସବର ଆୟୋନ କରିଥିଲେ । ଶ୍ରୀକୃଷ୍ଣଙ୍କ ଉପଦେଶରେ ଅର୍ଜ୍ଜୁନ ମହାଭାରତ ଯୁଦ୍ଧର ଅବ୍ୟବହିତ ପୂର୍ବରୁ ଆଶ୍ୱିନ ଶୁକ୍ଳ ଦଶମୀରେ ବିଜୟଲାଭ ନିମିତ ଦୁର୍ଗାଙ୍କର ଆରଧନା କରିଥିଲେ । ବହୁ ପ୍ରାଚିନ କାଳରୁ ଷୋଡ଼ଶଦିନାତ୍ମକ, ଦୁର୍ଗାପୂଜା ଦେବୀପୀଠ ମାନଙ୍କରେ ହୋଇ ଆସୁଅଛି । ଗାଁ ଗହଳି ତଥା ବିଭିନ୍ନ ସହରରେ ଦେବୀ ମନ୍ଦିରରେ ନବଦିବସ ପଚଂଦିବସ ଓ ତ୍ରିଦିବସୀୟ ଦୁର୍ଗାପୂଜାର ପ୍ରଚଳନ ଅଛି । ଦୁର୍ଗାପୂଜା ଅବସରରେ ଦେବୀଙ୍କ ନିକଟରେ



**ଅକ୍ଷୟ କୁମାର ରାଉତ**

ବଳିର ପ୍ରଥା ପ୍ରଚଳନ ଥିଲା । ଜନସଚେତନତା ଫଳରେ ବଳି ପ୍ରଥା ପ୍ରାୟ ବନ୍ଦ ହୋଇ ଯାଇଛି । ନବଦିବସ ପୂଜାରେ ୩ ଦିନ ମହାଲକ୍ଷ୍ମୀ , ୩ ଦିନ ମହାକାଳୀ ଓ ୩ ଦିନ ମହାସରଶ୍ୱତି ରୂପେ ଦୁର୍ଗାଙ୍କର ପୂଜା ହୁଏ , ନବଦିନ ନ୍ତମା’ ନଅଟି ନାମରେ ପୂଜା ହୋଇଥାଆନ୍ତି , ଯଥା- ଶୈଳପୁତ୍ରୀ , ବ୍ରମ୍ହଚାରିଣୀ ,ଚନ୍ଦ୍ରଖଣ୍ଡା , କୁଷ୍ମାଣ୍ଡା , ସ୍କନ୍ଧମାତା , କ୍ୟାନ୍ତାୟନୀ , କାଳରାତ୍ରୀ , ମହା ଗୌରୀ ଓ ସିଦ୍ଧଦାତ୍ରୀ । ଭଗବାନ ଲିଳା ପୁରୁଷ ହୋଇ ଦଶ ଅବତାର ଧାରଣ କରିଥିଲେ । ସେହିପରି ଇଶ୍ୱର ବା ଶିବଙ୍କର ଦଶଟି ସ୍ୱରୂପ ରହିଛି । ଦଶଭୂଜା ଦୁର୍ଗା ଦଶ ମହାବିଦ୍ୟା ରୂପେ ଦଶଟି ଭୈରବୀ ରୂପେ ପୂଜା ପାଆନ୍ତି । ଶିବ ଓ ଶିବାଙ୍କ ଦଶ ରୂପ ଯଥା- ମହାକାଳ-ମହାକାଳୀ, ତାରକ (ତାରେକଶ୍ୱର)-ତାରା ଦେବୀ , ଭୂବନେଶ୍ୱର- ଭୂବନେଶ୍ୱରୀ , ଷୋଡ଼ଶ ଶ୍ରୀବିଦ୍ୟେଷ-ପୋଡ଼ଶୀ, ଭୈରବ-ଭୈରବୀ, ଛିନ୍ନମସ୍ତକ-ଛିନ୍ନମସ୍ତା, ଧୂମବର୍ଣ୍ଣ - ଧୂମାବତୀ , ବଗଳମୁଖ-ବଗଳାମୁଖୀ , ମାତଙ୍ଗ-ମାତଙ୍ଗୀ , କମଳ-କମଳା , ଦଶରୂବରେ ଦଶ ଦୁର୍ଗା ଙ୍କୁ ପୂଜା କଲେ ମନୁଷ୍ୟର ଦଶ ଦୋଷ ବା ଦଶପାପ ହରଣ ହୋଇଥାଏ । ଏହି ପାପ ଗୁଡ଼ିକ ହେଉଛି ଚୌର୍ଯ୍ୟ ,ହିଂସା , ପରଦାରାଗମନ , ମିଥ୍ୟାବାଦିତା , କପଟଚରଣ , ଅପହରଣ ଚିନ୍ତା , ପ୍ରଳାପ , ଲୋଭ , ପରଅନିଷ୍ଟ , ବାକ୍ୟବାଣ ପ୍ର୍ୟୋଗ , ଦଶ ଦୋଷ ହରଣ ହୁଏ ବୋଲି ଏହି ଉତ୍ସବ କୁ ନ୍ତଦଶହରା’’ କହନ୍ତି । ରାଜସ୍ଥାନ ରେ ରାଜା ,ମହାରାଜା ଓ ଜମିଦାର ମାନେ ସବାରି ପାନିକିରେ ପରି ଭ୍ରମଣ କରନ୍ତି । ଏହି ଦିନ ଶସ୍ତ୍ର ଧାରୀ ମାନେ ଅସ୍ତ୍ରଶସ୍ତ୍ର ପୂଜା କରନ୍ତି । ଗୁଜୁରାଟରେ ନୃତ୍ୟଗୀତ ସହ ଦେବୀ ପୂଜାର ବ୍ୟବସ୍ଥା ହୋଇଥାଏ , ବହୁସ୍ଥାନରେ ମେଳାର ଅୟୋଜନ ହୋଇଥାଏ । ପଶ୍ଚିମବଙ୍ଗର ଶାରଦୀୟ ଦୁର୍ଗା ପୂଜା ଭାରତ ପ୍ରସିଦ୍ଧ । ଓଡ଼ିଶାର ଏକମାତ୍ର ପ୍ରସିଦ୍ଧ ନଗର କଟକରେ ଦଶହରା ପର୍ବ ମହାସମାରୋହରେ ପାଳିତ ହୁଏ ।ଗ୍ରାମର ଅଧିବାସୀଗଣ ନିଜ ନିଜର କୁଳବ୍ୟବସାୟର ବିଭିନ୍ନ ଯନ୍ତ୍ରପାତି ଦେବୀଙ୍କ ନିକଟରେ ସ୍ଥାପନ କରନ୍ତି । ଏହାକୁ ସ୍ଥାନୀୟ ଭାଷାରେ ସଜ ବସାଇବା’ କହନ୍ତି । ବିଜୟା ଦଶମୀ ଦିନ ସଜ ଉଠେ ଏବଂ ଦେବୀ ଙ୍କ ବିସର୍ଜନ ହୁଏ । ଦଶହରାରେ ଅପରାଜିତାଙ୍କ ର ପୂଜା ହେତୁ ଏହି ଦଶମୀକୁ କେହି କେହି ଅପରାଜିତା ଦଶମୀ ବୋଲି କହିଥାଆନ୍ତି । ଏହିଦିନ ମଧ୍ୟ ସୋମନାଥ ବ୍ରତ ଅନୁଷ୍ଠିତ ହୁଏ । ବିଜୟାଦଶମୀ ଦିନ ଶମୀବୃକ୍ଷ ପୂଜା ମଧ୍ୟ ହୋଇଥାଏ । ପାଣ୍ଡବମାନେ ବନବାସ ସମୟରେ ଶମୀବୃକ୍ଷ ଗହ୍ୱରରେ ଶସ୍ତ୍ରସମୂହ ରଖିଥିଲେ । ବନବାସ ପୂର୍ଣ୍ଣ ହେବା ପରେ ଶସ୍ତ୍ର ଏହି ବୃକ୍ଷରୁ ବାହାର କରିଥିଲେ । ସେହି ଦିନ ଥିଲା ବିଜୟାଦଶମୀ । ନବରାତ୍ର ଆରମ୍ଭ ହେବା ସହିତ ବିଭିନ୍ନ ସ୍ଥାନରେ ରାମଲୀଳା ସହିତ ରାବଣ ପୋଡ଼ି ଉତ୍ସବ ପାଳନ ହୁଏ । ଉତ୍କଳରେ ଦଶଭୂଜା ମୃନ୍ମୟୀ ମୂର୍ତି ବଙ୍ଗୀୟ ମତରେ ପୂଜିତ , ଉତ୍କଳୀୟ ମତରେ , ଦୁର୍ଗାଙ୍କର ମୂର୍ତି ଚତୁଭୁଜା , ଅଷ୍ଟଭୂଜା ଓ ଷୋଡ଼ସଭୂଜା ହେବା ବିଧି ଅଟେ । ପୁରୀର ଗଜପତି ରାଜା ତୃତୀୟ ଦିବ୍ୟସିଂହ ରେ (୧୮୭୬ ସାଲ) ରେ ଚୈତ୍ରଯାତ୍ରା ବା ବାସନ୍ତିୟ ଦୁର୍ଗା ପୂଜା ଅବସରରେ ଇଂରେଜ ସରକାରଙ୍କ ଚକ୍ଷୁଶୂଳ ହୋଇଥିଲେ । ଏହି ଉତ୍ସବରେ ୨୫ ହଜାର ପାଇକ ଲକ୍ଷ ଲକ୍ଷ ଜନତାଙ୍କ ସମ୍ମୁଖରେ ରଣହୁଙ୍କାର ଦେଇ ଚୈତ୍ରଯାତ୍ର ପାଳନ କରୁଥିଲେ । ଜଣେ ସାଧୁଙ୍କ ମୃତ୍ୟୁ କାରଣରୁ ରାଜଗୁରୁ ହତ୍ୟା ଅପରାଧରେ କଳାପାଣି ପାର ଆଦେଶ ଇଂରେଜ ସରକାର ଦେଇଥିଲେ । ସେହି ଦିନ ଠାରୁ ଉତ୍କଳୟ ଦଶହରା ବା ଚୈତ୍ରଯାତ୍ର ବନ୍ଦ ହୋଇ ଯାଇଥିଲା । କାଳକ୍ରମେ କିଛି ବଙ୍ଗୀୟ ଲୋକ ଆମୋଦ-ପ୍ରମୋଦ ନିମିତ ଦୁର୍ଗାପୂଜା ଆରମ୍ଭ କରିଥିଲେ , ପରେ ତାହା ଉତ୍କଳର ବହୁ ଅଚଂଳ ବ୍ୟାପିଥିଲା । ଉତ୍କଳୀୟ ମତରେ ଦୁର୍ଗାଙ୍କର ଧ୍ୟାନର ମନ୍ତ୍ର ୯ଅକ୍ଷର , କିନ୍ତୁ ବଙ୍ଗୀୟ ବିଧିରେ ଧ୍ୟାନର ମନ୍ତ୍ର ୬ ଅକ୍ଷର । ଉତ୍କଳୀୟ ସଂସ୍କୃତିର ପୁନରୁଦ୍ଧାର ପାଇଁ ଗବେଷକଗଣ ଅଧିକ ଗବେଷଣା କରିବା ଉଚ୍ଚତ୍ । ଯାହା ଫଳରେ ଉତ୍କଳୀୟ ସଂସ୍କୃତିର ସ୍ୱାଧିନତା ପୁନରୁଦ୍ଧାର କରା ଯାଇ ପାରବ । ଦେବୀ ଦୁର୍ଗା ଶକ୍ତମୟୀ ,ଶକ୍ତିବିନା ବ୍ୟକ୍ତି ତଥା ସମାଜ ର ପ୍ରଗତି ଅସମ୍ଭବ ଦୁର୍ଗତି ହାରିଣୀ ଦୁର୍ଗା ନ୍ତମା’ଙ୍କର ଆଶ୍ରିର୍ବାଦରେ ଦାନବୀୟ ପ୍ରବୃତିର ବିନାଶ ଘଟି ଦେବୀ ପ୍ରବୃତିର ବିକାଶ ଘଟୁ ।

ପାରାଦ୍ୱୀପ ଗଡ଼,
କୁଜଙ୍ଗ, ଜଗତସିଂହପୁର,
ମୋ-୯୯୩୭୬୯୧୪୭୫

# ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଗତ ୭୫ ଦିନରେ ନିବେଶକଙ୍କ ୩୨୨୬ କୋଟି ଟଙ୍କା ପଇଠ

ଭୁବନେଶ୍ୱର: ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଆଜି ମିଡିଆରେ ଜାରି କରାଯାଇଥିବା ଏକ ବିବୃତି ଅନୁସାରେ, ଗତ ଦୁଇରୁ ଅଢ଼େଇ ମାସ ମଧ୍ୟରେ ଏହି ଗ୍ରୁପ୍ ପକ୍ଷରୁ ଏହାର ୧୦,୧୭,୧୯୪ ଜଣ ସଦସ୍ୟଙ୍କୁ ମୋଟ ୩୨୨୬.୦୩ କୋଟି ଟଙ୍କା ପଇଠ କରାଯାଇଛି । ଏହି ଅବଧିରେ ପଇଠ କରାଯାଇଥିବା ମୋଟ ରାଶି ମଧ୍ୟରୁ ୨.୧୮% ରାଶି ବିଳମ୍ବିତ ଦେୟ ଅଭିଯୋଗକାରୀଙ୍କୁ ପଇଠ କରାଯାଇଥିଲା । ସମୁଦାୟ ବିଳମ୍ବିତ-ଦେୟ ଅଭିଯୋଗକାରୀ ବା ଡିଲେଡ୍-ପେମେଂଟ୍ସ କମ୍ପ୍ଲେନାଂଟ୍ସ ସଂଖ୍ୟା ମୋଟ ନିବେଶକଙ୍କର ୦.୦୭% ରହିଛି । ସାହାରା ନିକଟରେ ଦେଶବ୍ୟାପର ୮ କୋଟି ନିବେଶକ ରହିଛନ୍ତି । ସାହାରା ଗତ ୧୦ ବର୍ଷ ମଧ୍ୟରେ ଏହାର ୫,୭୬,୭୭,୩୩୯ ଜଣ ନିବେଶକଙ୍କୁ ମୋଟ ୧,୪୦,୧୫୭.୫୧ କୋଟି ଟଙ୍କା ପଇଠ କରିଛି । ଏହାମଧ୍ୟରୁ କେବଳ ୪୦% ମାମଲା ପୁନଃନିବେଶର ହୋଇଥିବା ବେଳେ ଅବବଶିଷ୍ଟଗୁଡିକୁ ନଗଦ ଅର୍ଥ ପଇଠ କରାଯାଇଛି । ଗ୍ରୁପ୍ ପକ୍ଷରୁ ପେମେଂଟ୍‌ରେ ବିଳମ୍ବ ହୋଇଥିବା ସ୍ୱୀକାର କରାଯାଇଛି , ଯାହାକି ମୁଖ୍ୟତଃ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗତ ୮ ବର୍ଷ ହେବ ଲାଗୁ କରାଯାଇଥିବା ପ୍ରତିବନ୍ଧକ ଯୋଗୁଁ ଘଟିଥିଲା । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଯଦି କୌଣସି ଅର୍ଥ ଗ୍ରୁପ୍ (କୋ-ଅପରେଟିଭ୍‌ଗୁଡିକ ସମେତ)ର ସମ୍ପତିକୁ ବିକ୍ରି କରି କିମ୍ବା ବନ୍ଧକ ରଖି କିମ୍ବା ମିଳିତ ଉଦ୍ୟୋଗରୁ ହାସଲ କରାଯାଉଛି ତେବେ ତାହାକୁ ସାହାରା-ସେବି ଆକାଉଂଟ୍‌ରେ ଜମା କରିବାକୁ ପଡୁଛି । ସାହାରା ଅଧିକାରୀ କହିଛନ୍ତି, ସାଂଗଠନିକ କାର୍ଯ୍ୟ ପାଇଁ କିମ୍ବା ନିବେଶକଙ୍କୁ ରିପେମେଂଟ୍ ପାଇଁ ଆମେ ଗୋଟିଏ ଟଙ୍କା ମଧ ବ୍ୟବହାର କରିପାରିବୁ ନାହିଁ । ଅନ୍ୟପକ୍ଷରେ ସାହାରା ବର୍ତମାନ ସୁଦ୍ଧା ସାହାରା-ସେବି ଖାତାରେ ସୁଧ ସମେତ ପ୍ରାୟ ୨୨,୦୦୦ କୋଟି ଟଙ୍କା ଜମା କରିସାରିଛି । ଅନ୍ୟପକ୍ଷରେ ଦେଶବ୍ୟାପୀ ଗତ ୮ ବର୍ଷ ମଧ୍ୟରେ ସେବି ଦ୍ୱାରା ୧୫୪ଟି ଖବରକାଗଜରେ ୪ଟି ପର୍ଯ୍ୟାୟର ବିଜ୍ଞାପନ ଦେଇଥିବା ବେଳେ ନିବେଶକଙ୍କୁ ମାତ୍ର ୧୦୬.୧୦ କୋଟି ଟଙ୍କା ପରିଶୋଧ କରିଛି । ପ୍ରାୟ ଏକ ବର୍ଷ ତଳେ ପ୍ରକାଶିତ ଏହାର ଶେଷ ବିଜ୍ଞାପନରେ ସେବି ସ୍ପଷ୍ଟ କରିଥିଲା ଯେ, ଏହା ଅନ୍ୟ କୌଣସି ପ୍ରକାରର ଦାବିକୁ ଗ୍ରହଣ କରିବ ନାହିଁ । ଏହାର ଅର୍ଥ ହେଉଛି ସେବି ପାଇଁ ଆଉ କୌଣସି ଦାବିଦାର ଦାହାନ୍ତି । ସେବି ଅନ୍ୟ କୌଣସି ଦାବି ଗ୍ରହଣ ନକରିବାର ଏକମାତ୍ର କାରଣ ହେଉଛି ସାହାରା ଗ୍ରୁପ୍ ସମସ୍ତ ନିବେଶକଙ୍କ ଅର୍ଥ ପରିଶୋଧ କରିସାରିଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଏହି ୨୨,୦୦୦ କୋଟି ଟଙ୍କା ଉପଯୁକ୍ତ ଯାଂଚ ପରେ ପୁଣିଥରେ ସାହାରା ନିକଟକୁ ଫେରିବ । ସେହିପରି ସାହାରାର ପ୍ରବକ୍ତା ସ୍ପଷ୍ଟ କରିଛନ୍ତି ଯେ, କିଛି ମିଡିଆ ରିପୋର୍ଟ ସାହାରା ଚିଟ୍ ଫଣ୍ଡ ବ୍ୟବସାୟରେ ଅଛି ବୋଲି ଧାରଣା ସୃଷ୍ଟି କରୁଛନ୍ତି , ଯାହାକି ସମ୍ପୂର୍ଣ୍ଣ ରୂପେ ମିଥ୍ୟା ଓ ଭ୍ରମାତ୍ମକ ସୂଚନା । ସାହାରା ଅତୀତରେ କିମ୍ବା ବର୍ତମାନ କୌଣସି ପ୍ରକାରର ଚିଟ୍ ଫଣ୍ଡ ବ୍ୟବସାୟରେ ନାହିଁ । ସାହାରା ଇଣ୍ଡିଆ ପରିବାରର ସୂଚନା ଅନୁଯାୟୀ, ଗ୍ରୁପ୍ ଏହାର ସମସ୍ତ ଜମାକାରୀଙ୍କୁ ଦେୟ ପ୍ରଦାନ କରିଛି । ଗତ ୪୨ ବର୍ଷ ହେବ ଏହା ନିଜର ସଦସ୍ୟମାନଙ୍କୁ ସେବା ପ୍ରଦାନ କରୁଛି ଏବଂ ଆଗକୁ ଏହା ଜାରି ରଖିବ । ସମସ୍ତ ଆଇନ୍‌ଗତ ପ୍ରକ୍ରିୟାର ଅନୁସରଣ କରାଯାଇ ସଦସ୍ୟମାନଙ୍କଠାରୁ ଅର୍ଥ ସଂଗ୍ରହ କରାଯାଇଥିଲା । ତେବେ ଆମେ ବିଳମ୍ବିତ ଅବଧି ପାଇଁ ସୁଧ ମଧ୍ୟ ପ୍ରଦାନ କରୁଛି । ଏସମ୍ପର୍କରେ ଆମର ନିବେଶକମାନଙ୍କୁ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଅବଗତ କରାଯାଇଛି ।

# ଅକ୍ଷୟ ମହାନ୍ତିଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଓଡ଼ିଆ ସଂଗୀତ ଜଗତର କିମ୍ବଦନ୍ତୀ ବ୍ୟକ୍ତିତ୍ୱ ଅକ୍ଷୟ ମହାନ୍ତିଙ୍କ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଟୁଇଟ୍ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଆ ଭଜନ ଏବଂ ଆଧୁନିକ ସଂଗୀତ ରଚନା କ୍ଷେତ୍ରରେ ତାଙ୍କ ଅବଦାନ ଅତୁଳନୀୟ । ନିଜ ସ୍ୱତନ୍ତ୍ର ପରିବେଷଣ ଶୈଳୀ ଜରିଆରେ ସଂଗୀତ ଜଗତରେ ସେ ଛାଡ଼ି ଯାଇଥିବା ଛାପ ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ ।

# ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ ଶୁଭାରମ୍ଭ କଲା ‘ଟୋଟାଲ ହେଲ୍‌ଥ ସ୍କୋର’

ଭୁବନେଶ୍ୱର, (ପିଏନ): ଭାରତରେ ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟା ଅଧିକ ପରିଲକ୍ଷିତ ହେଉଥିବା, ବିଶେଷକରି ସାମ୍ପ୍ରତିକ ମହାମାରୀ ସମୟରେ ଏହା ଅଧିକ ଉତ୍କଟରୂପ ଧାରଣ କରିଥିବା ବିଷୟକୁ ଦୃଷ୍ଟିରେ ରଖି ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ଏଫ୍‌ଜିଆଇଆଇ) ଏକ ଅନ୍‌ଲାଇନ ମାନସିକ ସ୍ୱାସ୍ଥ୍ୟ ଆକଳନ ପରୀକ୍ଷା – ଟୋଟାଲ ହେଲ୍‌ଥ ସ୍କୋର ଶୁଭାରମ୍ଭ କରିଛି । ଏହି ଅନନ୍ୟ ସ୍ୱ-ଆକଳନ ବ୍ୟବସ୍ଥା ଜଣେ ବ୍ୟକ୍ତିବିଶେଷଙ୍କୁ ତାଙ୍କର ମାନସିକ ସୁସ୍ଥତା ଆକଳନ କରିବାକୁ ସମର୍ଥ କରାଇବ । ଏଫ୍.ଜିଆଇଆଇ ପ୍ରତ୍ୟେକଙ୍କୁ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟଗତ ବିଷୟକୁ ଗୁରୁତ୍ୱର ସହିତ ବିବେଚନା କରିବାକୁ ପ୍ରୋତ୍ସାହିତ କରୁଛି ଏବଂ ଜଣଙ୍କର ଶାରୀରିକ ସ୍ୱାସ୍ଥ୍ୟଭଳି ଭିତରେ ସୁସ୍ଥ ରହିବାକୁ ହେଲେ ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖିବା ଉପରେ ଗୁରୁତ୍ୱ ଦେଉଛି । ଟୋଟାଲ ହେଲ୍‌ଥ ସ୍କୋର ଏକ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ

ଆକଳନ ଯାହା ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟାର ଆଦ୍ୟ ଉପସର୍ଗଗୁଡିକୁ ବୁଝିପାରୁଥିବା କାର୍ଯ୍ୟରତ ଚିକିତ୍ସକ ଏବଂ ପରାମର୍ଶଦାତାମାନଙ୍କ ଦ୍ୱାରା ଡିଜାଇନ କରାଯାଇଛି । ଜଣେ ବ୍ୟକ୍ତିବିଶେଷ ଏହି ବ୍ୟବସ୍ଥାରେ ନିଜର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଆକଳନ କରିବାପରେ ତାଙ୍କୁ ଏକ ସ୍କୋର ପ୍ରଦାନ କରାଯିବ ଯାହା ତାଙ୍କର ସାମ୍ପ୍ରତିକ ମାନସିକ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଅବଗତ କରାଇବ । ଏଥିସହିତ ସେ ମାନସିକ ଚାପ, ଉତ୍କଣ୍ଠା, ଅବସାଦ ଏବଂ ଅନ୍ୟ ତତ୍‌ସମ୍ପର୍କିତ ସମସ୍ୟା ଭଳି ମାନସିକ ସ୍ୱାସ୍ଥ୍ୟ ସହିତ ସଂଯୁକ୍ତ ସମସ୍ୟାଗୁଡିକୁ ବୁଝିବା ଏବଂ ସେଗୁଡିକୁ ପରିଚାଳନା କରିବା ସକାଶେ ନିଜର ଯତ୍ନନେବା ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁର ସୁଯୋଗ ନେଇପାରିବେ । ଏହି ସ୍ୱ-ଯତ୍ନ ବିଷୟବସ୍ତୁ ମାନସିକ ସ୍ୱାସ୍ଥ୍ୟ ବିଶାରଦମାନଙ୍କ ଦ୍ୱାରା ବିଶେଷଭାବେ ଫ୍ୟୁଚର ଜେନେରାଲି ପାଇଁ ବିକଶିତ କରାଯାଇଛି । ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ଅନୁପ ରାଉ କହିଛନ୍ତି, ‘ଆମ ଗ୍ରାହକଙ୍କ ସହିତ ଆଜୀବନ ଭାଗିଦାର ହେବା ଏବଂ ମାନବୀୟ ସ୍ପର୍ଶ ସହ ବିଶେଷ ଜ୍ଞାନ ପ୍ରଦର୍ଶନ କରିବା ହେଉଛି ଆମର ଲକ୍ଷ୍ୟ । ଭାରତର ସାଂସ୍କୃତିକ ବିଧିବ୍ୟବସ୍ଥା ଏବଂ ପ୍ରତିବନ୍ଧକଗୁଡିକୁ ବାସ୍ତବିକତାର ସହିତ ବୁଝିବା ଏବଂ କେତେକ ଜଟିଳ କଥୋପକଥନକୁ ସମର୍ଥ କରାଇପାରିଲେ ଆମେ ଏହି ଲକ୍ଷ୍ୟ ହାସଲ କରିପାରିବୁ । ଆମେ ସମସ୍ତେ ଜାଣୁ ଯେ ମାନସିକ ସ୍ୱାସ୍ଥ୍ୟକୁ ଏକ ଅନାବଶ୍ୟକ ବିଷୟ ଭାବରେ ବିବେଚନା କରାଯାଏ । ଏକ ବ୍ରାଣ୍ଡ୍ ଭାବରେ ମାନସିକ ସୁସ୍ଥତା ଏବଂ ଏଥିପ୍ରତି ଜନସାଧାରଣଙ୍କ ଆଭିମୁଖ୍ୟକୁ ନେଇ ଏକ ସୁସ୍ଥ ଆଲୋଚନା ଆଗେଇନେବାକୁ ଆମେ ଚାହୁଁ । ମାନସିକତାରେ ପରିବର୍ତ୍ତନର ଆରମ୍ଭ ବିନ୍ଦୁ ହେଉଛି ଶାରୀରିକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟ ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ ବୋଲି ଲୋକଙ୍କୁ ବୁଝାଇବା ଏବଂ ଏହା ପରିମାପ କରିବାକୁ ସେମାନଙ୍କୁ ପର୍ଯ୍ୟାପ୍ତ ଉପାୟ ଯୋଗାଇଦେବା । ଏଣୁ ଆମେ ଟୋଟାଲ ହେଲ୍‌ଥ ସ୍କୋର ସୃଷ୍ଟି କରିଛୁ, ଯାହା ଏକ ସରଳ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ସ୍କୋର ବ୍ୟବସ୍ଥା ।

# ‘ମନସ୍ୱିନୀ ମନୋରମା’ :ସ୍ମୃତି ଶ୍ରଦ୍ଧାଞ୍ଜଳି



କାନାଡ଼ା : ସୁଦୂର ଟରୋଣ୍ଟରେ ସୁପ୍ରତିଷ୍ଠିତ ‘ଆମେ ଓଡ଼ିଆ ଏବଂ ଆମ ଓଡ଼ିଶା’ ପରିବାର ଆନୁକୂଲ୍ୟରେ ସ୍ୱର୍ଗୀୟା ମନୋରମା ମହାପାତ୍ରଙ୍କର ଅମର ଆତ୍ମାର ସଦ୍‌ଗତି ଉଦ୍ଦେଶ୍ୟରେ ଏକ ନିରାଡମ୍ବର ଆଭାସୀ ଶୋକ ସଭାରେ ଦିବଂଗତା ମନସ୍ୱିନୀ ମନୋରମା ମହାପାତ୍ରଙ୍କର ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ପ୍ରବକ୍ତାମାନଙ୍କର ଭାବଗର୍ଭକ ବକ୍ତବ୍ୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ଥିଲା ।ଏହି ସ୍ମୃତିଚାରଣ ସଭାରେ ‘ଆମେ ଓଡିଆ-ଆମ ଓଡିଶା’ର ଶ୍ରୀଯୁକ୍ତ ଧୀରେନ୍ଦ୍ର କୁମାର କରଙ୍କ ସ୍ୱାଗତ ସମ୍ଭାଷଣ ପରେ,ଶ୍ରୀଯୁକ୍ତ ପ୍ରଶାନ୍ତ ଭୂୟାଁ ନିଜର ସାବଲୀଳ ସଂଚାଳନା ମାଧ୍ୟମରେ ସମସ୍ତ କାର୍ଯ୍ୟକ୍ରମ ତଥା ସମଗ୍ର ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଭାଗ ନେଇଥିବା ଶ୍ରୋତା ମାନଙ୍କୁ ଗୋଟିଏ ଶୃଙ୍ଖଳାରେ ବାନ୍ଧି ରଖିଥିଲେ । କାର୍ଯ୍ୟକ୍ରମର ପ୍ରଥମାର୍ଦ୍ଧରେ ‘ଆଧ୍ୟାତ୍ମିକା ମନୋରମା’ ଶୀର୍ଷକରେ ପଣ୍ଡିତ ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କର ଆଲୋଚନା ବେଶ୍ ଆକର୍ଷଣୀୟ ଥିଲା । ଶ୍ରୀଯୁକ୍ତ ମିଶ୍ର, ମନୋରମା ମହାପାତ୍ରଙ୍କର ବ୍ୟକ୍ତିତ୍ୱ ଏବଂ ବକ୍ତବ୍ୟରେ କିପରି ଭାବରେ ଆଧ୍ୟାତ୍ମିକତାର ପରିପ୍ରକାଶ ହେଉଥିଲା, ସେ ସମ୍ପର୍କରେ ଏକ ସୁନ୍ଦର ଅଭିଭାଷଣ ପ୍ରଦାନ କରିଥିଲେ । ‘ଯୁଗନାରୀ ମନୋରମା’ ଶୀର୍ଷକରେ ବକ୍ତବ୍ୟ ରଖିଥିଲେ ଶ୍ରୀମତୀ ସୁଲୋଚନା ଦାସ । ମନୋରମା ମହାପାତ୍ରଙ୍କୁ ନିଜର ଆଦର୍ଶ ଭାବରେ ଗ୍ରହଣ କରିଥିବା, ଶ୍ରୀମତୀ ଦାସ ଆଶା କରୁଥିଲେ ମନୋରମା ବାରଂବାର ଏ ସମାଜରେ ଅବତରଣ କରନ୍ତୁ, ସେବା ତଥା ସ୍ନେହ ଆଦର୍ଶର ବାର୍ତ୍ତାବହ ହୋଇ । ମନୋରମା ମହାପାତ୍ରଙ୍କର କାବ୍ୟ ବିଭା ସମ୍ପର୍କରେ ସମ୍ୟକ ଆଲୋକପାତ କରିଥିଲେ ପ୍ରଫେସର ଡ଼କ୍ଟର ଶ୍ରୀ ଗୁରୁପ୍ରସାଦ ମହାପାତ୍ର । ଏହି ପ୍ରଥମାର୍ଦ୍ଧରେ ଶ୍ରୀ ଦାସ ବେନହୁରଙ୍କର ସମୀକ୍ଷା ଅତ୍ୟନ୍ତ ମନୋରମ ଥିଲା ।କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧର ଆଲୋଚନାରେ ଭାଗ ନେଇଥିଲେ ସ୍ୱର୍ଗୀୟା ମନୋରମାଙ୍କ ସହିତ ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ସାମିଲ ହୋଇଥିବା ଅତ୍ୟନ୍ତ ଅନ୍ତରଙ୍ଗ ତଥା ନିଜ ନିଜର ପ୍ରତିଭାରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ସମୂହ । ଶ୍ରୀଯୁକ୍ତ ତପନ କୁମାର ମିଶ୍ରଙ୍କ ଆଲୋଚନାରେ ମନୋରମା ମହାପାତ୍ରଙ୍କର ସମ୍ପାଦକୀୟ କାର୍ଯ୍ୟଧାରା ଏବଂ ଶ୍ରୀଯୁକ୍ତ ପ୍ରମୋଦ ମହାପାତ୍ରଙ୍କ ଆଲୋଚନାରେ ମନୋରମାଙ୍କର ଅନାବିଳ ସମାଜସେବାର ବ୍ରତ ବାରିହୋଇ ପଡୁଥିଲା । ମନୋରମାଙ୍କର ହୃଦୟରେ ମାତୃତ୍ୱର ଜୟଗାନ କରିଥିଲେ ତାଙ୍କର କନ୍ୟା ଶ୍ରୀମତୀ ଶ୍ୱେତପଦ୍ମା ଦାଶ ।ଏହି ଦ୍ୱିତୀୟାର୍ଦ୍ଧରେ ଦୈନିକ ସମ୍ବାଦପତ୍ର ‘ସକାଳ’ର ସମ୍ପାଦକ ଡ଼କ୍ଟର ଶ୍ରୀଯୁକ୍ତ ଉମାକାନ୍ତ ମିଶ୍ରଙ୍କର ସପ୍ରସଙ୍ଗ ସମୀକ୍ଷା ବେଶ୍ ହୃଦୟଗ୍ରାହୀ ଥିଲା ।କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା ଆମେରିକାରେ ଅବସ୍ଥାନ କରୁଥିବା ଶ୍ରୀମତୀ ସାନ୍ତ୍ୱନା ଦାସଙ୍କ କଣ୍ଠରେ ସଂସ୍କୃତରେ ଉଦ୍‌ଘାଟନୀ ଏବଂ ଉଦ୍‌ଯାପନୀ ଶ୍ଲୋକ ପାଠ । କଣ୍ଠଶିଳ୍ପୀ ଶ୍ରୀ କୈଳାସ ବୈଷ୍ଣବଙ୍କର ଭଜନ ପରିବେଷଣ ଥିଲା ଅତ୍ୟନ୍ତ ଉଚ୍ଚକୋଟୀର । କାର୍ଯ୍ୟକ୍ରମରେ ପୂର୍ଣ୍ଣତା ଆଣିଥିଲେ ଶ୍ରୀଯୁକ୍ତ ନିହାର ରଞ୍ଜନ ଶତପଥୀ । ସମସ୍ତ କର୍ମକର୍ତ୍ତା, ପ୍ରବକ୍ତା ତଥା ଶ୍ରୋତୃବର୍ଗଙ୍କୁ ଧନ୍ୟବାଦ ଅର୍ପଣ ପରେ, କାର୍ଯ୍ୟକ୍ରମର ପୂର୍ଣ୍ଣତା ଘୋଷିତ ହୋଇଥିଲା । ଜୁମ, ଫେସବୁକ ଓ ୟୁଟୁଉବ ମାଧ୍ୟମରେ ବିଶ୍ୱର ବିଭିନ୍ନ ସ୍ଥାନରେ ବସବାସ କରୁଥିବା ଶତାଧିକ ଓଡ଼ିଆ ଦର୍ଶକ ଓ ଶ୍ରୋତା ଆଗ୍ରହର ସହ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ।ଏହି କାର୍ଯ୍ୟକ୍ରମ ୟୁଟ୍ୟୁବ୍‌ର ନିମ୍ନୋକ୍ତ ସମ୍ପର୍ଯୋଗରେ ଉପଲବ୍ଧ ଅଛି ।

ଓଡ଼ିଆ କଳା, ସାହିତ୍ୟ ଓ ସଂସ୍କୃତିକୁ ବିଶ୍ୱବାସୀଙ୍କ ସମ୍ମୁଖକୁ ଆଣିବାର ପ୍ରୟାସ କରୁଥିବା ‘ଆମେ ଓଡିଆ-ଆମ ଓଡିଶା’ ପରିବାରକୁ ameodia.amaodisha@gmail.com ଇ-ମେଲ୍‌ରେ ସମ୍ପର୍କ କରନ୍ତୁ ବୋଲି ପ୍ରତିଷ୍ଠାତା ପ୍ରଶାନ୍ତ ଭୂୟାଁ ଟରୋଣ୍ଟୋରୁ ଅନୁରୋଧ କରିଛନ୍ତି ।

# ପତ୍ରପୁର ପଂଚାୟତରେ ସରକାରୀ ରିଲିଫ ବଂଟନରେ ଅନିୟମିତତା ଅଭିଯୋଗ



କେନ୍ଦ୍ରାପଡା, (ପିଏନ)- ଆଳି ବ୍ଲକ ଅନ୍ତର୍ଗତ ପତ୍ରପୁର ଗ୍ରାମପଂଚାୟତର ବନ୍ୟା ଓ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଲୋକମାନେ ଆଜି ବିଜେପି ନେତା ତଥା ଆଇନଜୀବି ନେହେରୁ ସାହୁଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି । ସେମାନଙ୍କ ଅଭିଯୋଗ ହେଉଛି ଯେ ଚଳିତବର୍ଷ ପ୍ରଳୟଙ୍କରୀ ବନ୍ୟା ଓ ପ୍ରବଳ ବର୍ଷା ବିପ୍ରାତ ଯୋଗୁଁ ଦୁର୍ବିସହରେ ପଡି ଯନ୍ତ୍ରଣା ଜନିତ ଜୀବନ ବିତାଉଥିବା ବେଳେ ସରକାରୀ ରିଲିଫ ଓ ଆର୍ଥିକ ସହାୟତରୁ ସେମାନଙ୍କୁ ବଂଚିତ କରାଯାଇଛି । ପତ୍ରପୁର ପଂଚାୟତର ସରପଂଚ, ପଂଚାୟତ ନିର୍ବାହୀ ଅଧିକାରୀ ଓ ଜି.ଆର.ଏସ.ମିଳିତ ଭାବେ ସେମାନଙ୍କୁ ଅଣଦେଖା କରି ସରକାରଙ୍କ ବିଭିନ୍ନ ଯୋଜନାରୁ ବଂଚିତ କରିଛନ୍ତି । ସେମାନେ ପଂଚାୟତ ଠାରୁ ଆରମ୍ଭକରି ଆଳି ବ୍ଲକର ବିଡିଓଙ୍କୁ ମଧ୍ୟ ଏସମ୍ପର୍କରେ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେବି ସେମାନଙ୍କୁ ରିଲିଫ ପ୍ରଦାନ କରାଯାଇନାହିଁ । ଏଣୁ ଏହି ଅଭିଯୋଗର ତଦନ୍ତ କରାଯାଇ ସେମାନଙ୍କୁ ରିଲିଫ ଯୋଗାଇଦେବାକୁ କ୍ଷତିଗ୍ରସ୍ତମାନଙ୍କ ପକ୍ଷରୁ ସୁନିଲ କୁମାର ରାଉତ, ହରିହର ମହାରଣା, ହିମାଂଶୁ ଶେଖର ପରିଡା,ରତ୍ନାକର ବେହେରା, ସୁରେଶ ରାଉତ, ଭାଗବତ ପରିଡା ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ନିବେଦନ କରିଛନ୍ତି ।

# ଅକ୍ଷୟ ମହାନ୍ତି ଥିଲେ ଓଡ଼ିଆ ସଂଗୀତ ଜଗତର ବାଦ୍‌ଶାହା

ଭୁବନେଶ୍ୱର: ଓଡ଼ିଶା ସଂଗୀତ ଜଗତର ଉଜ୍ଜ୍ୱଳ ନକ୍ଷତ୍ର, କଣ୍ଠଶିଳ୍ପୀ, ଗୀତିକାର, ସଂଗୀତ ନିର୍ଦ୍ଦେଶକ, ଅଭିନେତା ଓ ଲେଖକ ବହୁ ପ୍ରତିଭାର ଅଧିକାରୀ ସ୍ୱର୍ଗତ ଅକ୍ଷୟ କୁମାର ମହାନ୍ତିଙ୍କ ୮୭ତମ ଜୟନ୍ତୀ ଆଜି ପ୍ରତ୍ୟୁଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ତାଙ୍କ ପ୍ରତିମୂର୍ତି ସ୍ଥଳୀରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଉପସ୍ଥିତ ହୋଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ସ୍ମୃତିଚାରଣ କରି ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତ ପ୍ରତିଭା ରାଜ୍ୟର କଳା, ସଂସ୍କୃତିକୁ ବିକଶିତ କରିଥିଲା । ତାଙ୍କର ପ୍ରତ୍ୟେକ ସଂଗୀତ ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ସବୁ ବର୍ଗର ବ୍ୟକ୍ତିବିଶେଷଙ୍କୁ ପ୍ରଭାବିତ କରିଥିଲା । ଚଳଚ୍ଚିତ୍ର ସଂଗୀତଠାରୁ ଆରମ୍ଭ କରି ଆଧୁନିକ ସଂଗୀତ ଭଜନ, ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର ଗାୟନ ଶୈଳୀ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଆସିଛି ବୋଲି ବକ୍ତାମାନେ ମତଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭାଗର ଶାସନ ସଚିବ, ଡଃ ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ସ୍ୱର୍ଗତ ମହାନ୍ତିଙ୍କ ପୁତ୍ର ମିତ୍ରଭାନୁ ମହାନ୍ତି, ଚିତ୍ରଭାନୁ ମହାନ୍ତି, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ଆବାହକ ପ୍ରବୀର ମହାନ୍ତି, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ର ନାରାୟଣ ସାମନ୍ତରାୟଙ୍କ ସହିତ ଜୟ ଓଡ଼ିଶା ଟିମ୍ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ସ୍ୱର୍ଗତ ମହାନ୍ତିଙ୍କ ଦୁଇ ପୁତ୍ରଙ୍କ ସହିତ ସଫେଇ କର୍ମଚାରୀ କୁନି ସାହୁ ଓ ନନ୍ଦିନୀ କୁମ୍ଭାରଙ୍କୁ ଉତରୀୟ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।




## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

ବାଲେଶ୍ୱର (ପିଏନ୍)-ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ମାନସିକ ସଚେତନତା ରଥକୁ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମୃତ୍ୟୁଂଜୟ ମିଶ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉଦଘାଟନୀ ଉତ୍ସବରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗ ଅଧିକାରୀ ଶ୍ରୀକାନ୍ତ ସେଠୀ, ମାନସିକ ପରିଦର୍ଶକ ଶ୍ରୀ ରୁଦ୍ର ନାରାୟଣ ଦାସ ଉପସ୍ଥିତ ଥିଲେ। ଏହି ସଚେତନତା ରଥ ଜିଲ୍ଲାର ସମସ୍ତ ବ୍ଲକ ଅଂଚଳରେ ପରିକ୍ରମା କରି ଜନସାଧାରଣଙ୍କୁ ମାନସିକ ରୋଗର ପ୍ରତିକାର ସମ୍ବନ୍ଧରେ ସଚେତନ କରାଇବ। ଏକ ସୁସ୍ଥ ମନ ସବୁଠାରୁ ବଡ ଧନ ଭାବେ ପରିଗଣିତ ହୋଇଥାଏ। ଏଣୁ ଶାରୀରିକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ। ଜନସାଧାରଣ ଏ ସମ୍ପର୍କରେ ସଚେତନ ହୋଇ ନିଜ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ପ୍ରୟାସ କରିବା ଉଚିତ୍ ବୋଲି ଅତିଥିମାନେ କହିଥିଲେ। ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ଶ୍ରୀ ରମଣୀକାନ୍ତ ଭଂଜଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ସ୍ଥାୟୀ ନିଯୁକ୍ତି ଦାବିକରି ଆୟୁଷ ଡାକ୍ତରମାନଙ୍କ ଅସହଯୋଗ ଆନ୍ଦୋଳନ




କୋଣାର୍କ (ପିଏନ୍): ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଆୟୁଷ ଡାକ୍ତରମାନଙ୍କ ସ୍ଥାୟୀ ନିଯୁକ୍ତି ଦାବି କରି ଗତ ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀ ଠାରୁ କର୍ତ୍ତବ୍ୟରେ ରହି 'ଅସହଯୋଗ ଆନ୍ଦୋଳନ' ଜାରିରଖିଛି ଅଲ ଓଡିଶା ଆୟୁଷ ଡାକ୍ତର ଆସୋସିଏସନ୍। ଦୀର୍ଘ ୧୪ ବର୍ଷ ଧରି ରାଜ୍ୟରେ ଥିବା ସମସ୍ତ ପିଏଚସି ଓ ସିଏଚସିରେ କାର୍ଯ୍ୟରତ ଆୟୁଷ ଡାକ୍ତରମାନେ ସ୍ଥାୟୀ ନିଯୁକ୍ତି ଦାବି କରି ନିଜ ନିଜ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅସହଯୋଗ ଆନ୍ଦୋଳନ କରୁଛନ୍ତି। କବଳ ଆୟୁଷ ଓପିଡି ଛଡା ଆଲୋପାଥି ଲେଖୁନାହାନ୍ତି କି ଅନ୍ୟ କୌଣସି ସରକାରଙ୍କ ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମରେ ଯୋଗ ଦେଉନାହାନ୍ତି। ରାଜ୍ୟର ଥିବା ସମସ୍ତ ପ୍ରାଥମିକ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ କାର୍ଯ୍ୟରତ ଠିକା ଆୟୁଷ ଡାକ୍ତରମାନେ ସ୍ୱଳ୍ପ ଦରମାରେ ଦୀର୍ଘ ୧୪ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ବିଭିନ୍ନ ପ୍ରତିକୁଳ ପରିସ୍ଥିତିର ସମ୍ମୁଖୀନ ହୋଇ ସେବା ଯୋଗାଇ ଆସୁଛନ୍ତି। ଏତଦ ବ୍ୟତିତ ରୋଗୀ ସେବା ସହିତ ମମତା ଦିବସ, ଟୀକାକରଣ, ବନ୍ୟା ଓ ବାତ୍ୟା ଓ ମହାମାରୀ କରୋନା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମଧ୍ୟ ସେବା କରିଆସୁଛନ୍ତି। ଗତ ୨ ବର୍ଷ ହେଲାଣି କରୋନା ମହାମାରୀ ସମୟରେ ଆଗ ଧାଡିର ଯୋଦ୍ଧା ଭାବେ କୋଭିଡ କେୟାର ହୋମ ଓ କୋଭିଡ ସେବା କେନ୍ଦ୍ରରେ ପରିବାର ଠାରୁ ଦୂରରେ ରହି ନିଜ ଜୀବନକୁ ବାଜି ଲଗାଇ ସେବା କାର୍ଯ୍ୟ କରିଛନ୍ତି। ଦୁଃଖ ଓ ପରିତାପର ବିଷୟ ସରକାର ଏଭଳି ସ୍ଥିତିରେ ଆୟୁଷ ଡାକ୍ତରଙ୍କ ଦାବି ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ରହୁଥିବାରୁ ଅଲ ଓଡିଶା ଆୟୁଷ ଡାକ୍ତର ଆସୋସିଏସନ୍ ଅତ୍ୟନ୍ତ କ୍ଷୋଭ ପ୍ରକାଶ କରିଛି। ଦାବି ପୁରଣ ନ ହେବା ପର୍ଯ୍ୟନ୍ତ ଆୟୁଷ ଡାକ୍ତରମାନେ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶାନ୍ତିପୂର୍ଣ୍ଣ ଭାବେ ଗାନ୍ଧୀ ନୀତିକୁ ଆପଣେଇ କର୍ତ୍ତବ୍ୟରେ ରହି 'ଅସହଯୋଗ ଆନ୍ଦୋଳନ' ଜାରିରଖିବେ ବୋଲି ଆସୋସିଏସନ୍ ପକ୍ଷରୁ ସୂଚନା ଦିଆଯାଇଛି।

## କରୋନା ପରିପ୍ରେକ୍ଷୀରେ ହସ୍ତ ପ୍ରକ୍ଷାଳନ



ପ୍ରତିଦିନ ସକାଳୁ ଉଠି ମୁହଁ ଧୋଇବା ଏବଂ ଖାଇବା ପୂର୍ବରୁ ହାତମୁହଁ ପ୍ରକ୍ଷାଳିବା ତଥା ହାତଦ୍ୱାରା ଶୌଚ ହେବା ଆମର ଏକ ନିୟମିତ ଅଭ୍ୟାସ ହେଲେ ହେଁ କାହିଁକି ଏକଥା କରୁ ନିଜକୁ ପଚାରି କେହି କେବେ ବୁଝିଛନ୍ତି କି? ତେବେ ଏତିକି କହିଲେ ଠିକ୍ ହୋଇପାରେ ଯେ ଏହାଦ୍ୱାରା ଆମେ ହାତ ଶୁଦ୍ଧ ବା ଶୋଧନ କରୁ ଯାହାଫଳରେ କି ଆମ ଶରୀରକୁ ହାତର ସ୍ପର୍ଶ ଦ୍ୱାରା ରୋଗ ଜୀବାଣୁ ବା ଭୂତାଣୁ ପ୍ରବେଶ କରିବାକୁ ଦେଉନଥାଏ। ଆମ ଶରୀରରେ ହାତର ସଂପର୍କ ବିଶେଷ ଭାବରେ ମୁଖ, ନାସା ଏବଂ ଆଖି ସହିତ ସଂପର୍କିତ ଥାଏ। ଜୀବାଣୁ ବା ଭୂତାଣୁଯୁକ୍ତ ହାତ ଯଦି ମୁଖ, ନାସା ଏବଂ ଆଖି ସ୍ପର୍ଶ କରେ, ସେମାନେ ଶରୀର ମଧ୍ୟରେ ପ୍ରବେଶ କରି ନାନା ରୋଗ ସୃଷ୍ଟି କରନ୍ତି। ଏଇଥିପାଇଁ ବୋଧେ ବହୁ ପ୍ରାଚୀନକାଳରୁ ଖାଇବା, ନିଦ୍ରାରୁ ଶୋଇକି ଉଠିବା ଏବଂ ବାହାରକୁ ଯାଇ ଫେରିବାରେ ଆମେ ହାତଗୋଡ଼ ଭଲଭାବରେ ଧୋଇ ପ୍ରବେଶ କରିବାର ଅଭ୍ୟାସ ପ୍ରଚଳିତ ଅଛି। ଅଥଚ ଅନେକ ସମୟରେ ଆମେ ଏହାର ବ୍ୟତିକ୍ରମ କରୁ। ଏହି ଯେମିତି ଗୋଡ଼ ହାତ ନଧୋଇ ଘରେ ପଶିଯିବା ଓ ହାତ ମୁହଁ ନଧୋଇ ଜଳଖିଆ ବା କୌଣସି ଫଳ ଇତ୍ୟାଦି ସେହି ହାତରେ ଭକ୍ଷଣ କରିବା ଏବଂ ଗୋଡ଼ ନଧୋଇ ବାହାର ଜୀବାଣୁକୁ ଘରକୁ ଡାକି ଆଣିବା ଇତ୍ୟାଦି କରୁଥାଏଁ। ଏଣୁ ଏହାର ବ୍ୟତିକ୍ରମରେ ଆମେମାନେ ଅନେକ ରୋଗର ଶୀକାର ହେଉଥାଏଁ। ହାତ ଧୋଇବା ଏକ ସ୍ୱାସ୍ଥ୍ୟ ପ୍ରଦାୟକ ଉତ୍ତମ ଅଭ୍ୟାସ ଓ ଲକ୍ଷଣ। ଏହା ପିଲାଙ୍କୁ ଶିକ୍ଷାଦେବା ଉଚିତ୍।



ଆମେ ଜାଣିବା କଥା ଯେ ଅପରିଷ୍କାର ହାତ ହେଲେ ଅଧିକ ସଂଖ୍ୟାରେ ଜୀବାଣୁ ଆମ ଶରୀର ମଧ୍ୟକୁ ପ୍ରବେଶ କରିଥାନ୍ତି। ସେଥିପାଇଁ ପ୍ରତ୍ୟେକ କାମ କଲା ପରେ ସାବୁନପାଣିରେ ଭଲ କରି ହାତ ଧୋଇବା ଦରକାର। କାରଣ ସାବୁନ ଏକ ଲବଣ ଓ ବିଶୋଧକ। ଏହା ଜୀବାଣୁମାନଙ୍କୁ ମାରିଦେଇଥାଏ ତଥା ହାତକୁ ସଫାସୁତୁରା ରଖିଥାଏ। ଅପରିଷ୍କାର ହାତକୁ ସଂକ୍ରମଣ ଅଧିକ ରହିଥାଏ। ବିଶ୍ୱର ପ୍ରତିଟି ବ୍ୟକ୍ତି ହାତକୁ ନିୟମିତ ଭାବେ ସାବୁନ ପାଣିରେ ସଫା କଲେ ସାଧାରଣ ଭାବେ ସମଗ୍ର ବିଶ୍ୱରୁ ମହାମାରୀ ହ୍ରାସ ପାଇବ। ୨୦୦୬ ମସିହାରୁ ଆମେରିକାର "ଗ୍ଲୋବାଲ ପବ୍ଲିକ ପ୍ରାଇଭେଟ୍ ପାର୍ଟନରସିପ୍ ଫର ହାଣ୍ଡ ୱାସିଙ୍ଗ' ନାମକ ଏକ ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ପ୍ରୟୋଜିତ 'ଗ୍ଲୋବାଲ ହାଣ୍ଡ ୱାସିଙ୍ଗ ଡେ' ପ୍ରଥମ କରି ଭାରତ ସମେତ ବିଶ୍ୱର ଅନେକ ଦେଶରେ ଅକ୍ଟୋବର ୧୫ ତାରିଖରେ ପାଳନ କରାଯାଇଥିଲା। ବିଶ୍ୱସ୍ତରରେ ଜାତିସଂଘର ନିଷ୍ପତ୍ତି କ୍ରମେ ପ୍ରଥମେ ଷ୍ଟକ୍‌ହୋମ୍‌ରେ ୨୦୦୮ରେ ଏହି ଦିବସଟିକୁ ହାତଧୁଆ ଦିବସ ରୂପେ ପାଳିତ ହୋଇଥିଲା। ଏଣୁ ପ୍ରତି ୧୫ ଅକ୍ଟୋବରକୁ ଆମେ ଆନ୍ତର୍ଜାତିକ ହାତଧୁଆ ଦିବସ ରୂପେ ଏହାକୁ ପାଳୁଥାଏଁ ଏବଂ ଏହି କାର୍ଯ୍ୟକ୍ରମରେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨ ଶହ ନିୟୁତ ଲୋକ ଅଂଶଗ୍ରହଣ କରିଥାନ୍ତି। ଏହାର ମୂଳଲକ୍ଷ୍ୟ ହେଲା ଶିଶୁ ସମାଜ ତଥା ସମଗ୍ର ମାନବ ସମାଜକୁ ହାତଧୁଆ ନେଇ ସଚେତନ କରାଇବା। ଜାତିସଂଘର କର୍ମକର୍ତ୍ତାଙ୍କ ମତରେ ହସ୍ତପ୍ରକ୍ଷାଳନ ଦୈନନ୍ଦିନ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଏକଥା ଖାଲି ଶିଶୁ ନୁହେଁ, ସମସ୍ତେ ଅବଗତ ହେବା ନିମନ୍ତେ ନିତାନ୍ତ ଜରୁରୀ। ୨୦୧୪ ଅକ୍ଟୋବର ୧୫ରେ ଆମ ଭାରତର ମଧ୍ୟପ୍ରଦେଶରୁ ୧୨,୭୬,୪୨୫ ଛାତ୍ରଛାତ୍ରୀ ଏହି ହାତଧୁଆ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ରେକର୍ଡ ସ୍ଥାପନ କରିଥିଲେ। ଏବେ ବିଶ୍ୱର ୨୧୩ଟି ଦେଶରେ ମହାମାରୀ କରୋନା(କୋଭିଡ୍-୧୯) ସଂକ୍ରମିତ କରିଛି। ଏଥିରେ ଦୈନିକ ହଜାର ହଜାର ଲୋକ ସଂକ୍ରମିତ ହୋଇ ମୃତ୍ୟୁବରଣ କରୁଛନ୍ତି। ଏହାର ପ୍ରତିରୋଧ ପାଇଁ ଏଯାଏଁ କୌଣସି ଟିକା ବା ଔଷଧ ବାହାରି ନାହିଁ। ବହୁ ଚିନ୍ତା, ବୈଜ୍ଞାନିକ ଗବେଷଣା ଏବଂ ଡାକ୍ତରୀ ବିଦ୍ୟା ଅନୁଯାୟୀ ବର୍ତ୍ତମାନ ଏଥିରୁ ମୁକ୍ତି ପାଇଁ ଏକମାତ୍ର ଉପାୟ ହେଉଛି ମାସ୍କ ପିନ୍ଧିବା ସହ ସାବୁନରେ ହାତ ଧୋଇବା, ନିର୍ଦ୍ଦିଷ୍ଟ ସମୟାନ୍ତରରେ ହାତକୁ ସାନିଟାଇଜ୍ କରିବା ତଥା ସାମାଜିକ ବା ଶାରୀରିକ ଦୂରତା ଅନ୍ତତଃ ୬ ଫୁଟ ଦୂରେଇ ରଖିବା ଉଚିତ୍। ଏହା ବର୍ତ୍ତମାନ ଆମ ପାଇଁ ଏକମାତ୍ର ସୁରକ୍ଷା କବଚ। ଏଠାରେ ସୂଚାଇଦେଉ ଯେ ଉନବିଂଶ ଶତାବ୍ଦୀରେ ଡା. ଇଗ୍‌ନାଜ ସେମ୍‌ଲିଡ୍‌ସ ହାତ ଧୋଇବାର ଉପକାର ଦର୍ଶାଇ ଅଜ୍ଞାତ ରୋଗକୁ ଅନେକ ଜୀବନକୁ ସୁରକ୍ଷିତ ରଖିପାରିଥିଲେ। ଉନବିଂଶ ଶତାବ୍ଦୀର ମଧ୍ୟଭାଗରେ ଅଜ୍ଞାତ ରୋଗ ବ୍ୟାପୀ ବହୁ ସଂଖ୍ୟାରେ ଲୋକ ମୃତ୍ୟୁବରଣ କରିଥିଲେ। ସେତେବେଳେ ହାତରେ ଲାଗିଥିବା ଜୀବାଣୁ, ଭୂତାଣୁ ଦ୍ୱାରା ରୋଗ ବ୍ୟାପୀ ପାରେ ବୋଲି ଲୋକଙ୍କର ବିଶେଷ ଜ୍ଞାନ ନଥିଲା। ଏପରିକି ନିଜେ ଡାକ୍ତରମାନେ ମଧ୍ୟ ହାତ ଧୋଉ ନଥିଲେ। ସେହି ସମୟରେ ହଙ୍ଗେରୀର ଜନୈକ ଚିକିତ୍ସକ ଏବଂ ବୈଜ୍ଞାନିକ ଡା.ଇଗ୍‌ନାଜ ସେମଲିଡ୍‌ସ ହାତ ଧୋଇବା ଦ୍ୱାରା ସଂକ୍ରମଣ ରୋକାଯାଇପାରିବ ବୋଲି ପ୍ରଥମେ ଡାକ୍ତରମାନଙ୍କୁ ବୁଝାଇଥିଲେ ଏବଂ ଲୋକଙ୍କୁ ଏହାକୁ ଅଭ୍ୟାସ କରିବା ନିମନ୍ତେ କହିଥିଲେ। ପରେ ଜନସାଧାରଣ ଏହାକୁ ଗ୍ରହଣ କରିବା ପରେ ମୃତ୍ୟୁହାର ଦ୍ରୁତବେଗରେ ହ୍ରାସ ପାଇଥିଲା। ଏଥିପାଇଁ ଆମେ ଡା. ସେମଲିଡ୍‌ସଙ୍କୁ ସଂକ୍ରମଣ ନିୟନ୍ତ୍ରଣର ଜନକ ବୋଲି କହିଥାଉଁ। ବର୍ତ୍ତମାନ ସାରା ବିଶ୍ୱ ତାଙ୍କରି ପଦ୍ଧତିକୁ ଗ୍ରହଣ କରିଛି। ଏବେ ଯାହା ଦେଖାଯାଏ ଲୋକେ ଏଥିପ୍ରତି ସଚେତନ ରହିବାରୁ ବର୍ତ୍ତମାନ ବିଶ୍ୱରେ ଏହାର ସଂକ୍ରମଣ ଏବଂ ମୃତ୍ୟୁହାର କମିବାରେ ଲାଗିଛି। ଅବଶ୍ୟ ଆମେ ଭବିଷ୍ୟତ କଥା ଏଇନେ କହିପାରିବା ନାହିଁ। ଏବେ କରୋନା ସଂକ୍ରମଣ କାଳରେ ବଡ଼ମାନଙ୍କ ସହ ପିଲାମାନଙ୍କୁ ବି ସ୍ୱଚ୍ଛ ରହିବା ଲାଗି ହସ୍ତ ପ୍ରକ୍ଷାଳନ ଶିଖାଇବା ଜରୁରୀ ହୋଇପଡ଼ିଛି। ବିଶେଷକରି ଫଳ ଏବଂ ପନିପରିବା କାଟିବା କିମ୍ବା ରୋଷେଇ କରିବା ପୂର୍ବରୁ ଓ ପରେ ହାତ ଧୋଇବା ନିହାତି ଆବଶ୍ୟକ ହୋଇପଡ଼ିଛି। କୌଣସି ଜିନିଷ ଖାଇବା ପୂର୍ବରୁ ଭଲଭାବରେ ହାତ ଧୁଅନ୍ତୁ। ଅସୁସ୍ଥ ବ୍ୟକ୍ତିଙ୍କ ସେବା କରୁଥିଲେ ବି ବାରମ୍ବାର ହାତ ଧୋଇବା ଜରୁରୀ ହୋଇଥାଏ। ସେମିତି ଘା, ଘେଉଡି ଉପଚାର କରିବା ପୂର୍ବରୁ ଓ ପରେ ହାତକୁ ଧୋଇବା ଉଚିତ୍। କୌଣସି ପଶୁଙ୍କୁ ଖାଦ୍ୟ ଦେଉଥିଲେ, ଆବର୍ଜନ ସଫା କରୁଥିଲେ, ଶୌଚାଳୟ ବ୍ୟବହାର କରିବା ପରେ ପିଲାଙ୍କ ପୋଷାକ ବଦଳାଇବା ପରେ, ନାକ ପୋଛିବା ସହ କାଶିବା ଏବଂ ଛିଙ୍କିବା ପରେ ମଧ୍ୟ ହାତ ଧୋଇବା ଜରୁରୀ। ହାତକୁ ସାବୁନ, ହ୍ୟାଣ୍ଡ ୱାସ୍ ଆଦି ଲଗାଇ ଧୋଇପାରିବେ। ଆଲକୋହଲ୍ ଯୁକ୍ତ ସାନିଟାଇଜରରେ ବି ହାତ ସଫା କରିପାରିବେ। ତେବେ ହାତ ଧୋଇବା ସହ ଏହାକୁ ଶୁଖାଇବା ଆବଶ୍ୟକ। କାରଣ କେତେକଙ୍କ ମତରେ ଓଦା ହାତରେ ଅଧିକ ଜୀବାଣୁ ଲାଗି ସଂଖ୍ୟାବୃଦ୍ଧି କରିବାର ଆଶଙ୍କା ଥାଏ। ଏବେ କରୋନା ସଂକ୍ରମଣ ବେଳେ ଗାମୁଛା ବା କପଡ଼ାରେ ହାତ ପୋଛିବା ଅପେକ୍ଷା ଡିସ୍‌ପୋଜେବଲ୍ ଟିସୁ ପେପରରେ ହାତ ପୋଛି ଶୁଖାଇବାରେ ଅଧିକ ଉପକାର ମିଳିଥାଏ ବୋଲି ବିଶେଷଜ୍ଞ ମତ ଦିଅନ୍ତି। ଏହା ଜାଣିବା କଥା ଯେ କୌଣସି ପାଗ, ଥଣ୍ଡା ବା ଉଷ୍ଣତା ସହିତ ଏ ଜୀବାଣୁ ସଂକ୍ରମଣର ବାଧକ ନୁହେଁ। ଏହା ଯେକୌଣସି ପରିସ୍ଥିତିରେ ଓ ପରିବେଶରେ ସଂକ୍ରମିତ ହୋଇଥାଏ। ଏଥିପାଇଁ ଉପରବର୍ଣ୍ଣିତ ତଥ୍ୟ ଅନୁସାରେ ତଥା ଆମ ପାଇଁ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଉଥିବା ନିର୍ଦ୍ଦେଶକୁ ଅକ୍ଷର ଅକ୍ଷରେ ପାଳନ କରିବା ଉଚିତ୍। ନିଜେ ବଂଚିଥିଲେ ଯୁଗଭୋଗୀ। ଏହା ବି ଆମେ ଜାଣୁ ଯେ ରୋଗ ନିବାରଣ ଅପେକ୍ଷା, ଏହାର ନିରାକରଣ ସବୁଠୁ ଶ୍ରେଷ୍ଠ ଉପାୟ। ଏଣୁ ଆସ ଏ କରୋନା ମହାମାରୀ ପରିପ୍ରେକ୍ଷୀରେ ନିଜକୁ ନିଜେ ବଂଚାଇବା ପାଇଁ ଚେଷ୍ଟା କରିବା ଏବଂ ଏ ବିଶ୍ୱର ଏ ମହାମାରୀକୁ ନିଶ୍ଚିହ୍ନ କରିବା ନୋହିଲେ ଏ ମଣିଷ ଜାତି ନିଶ୍ଚିହ୍ନ ହୋଇପାରେ।

**ବିପିନବିହାରୀ ମହାନ୍ତି**, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮

## ଗର୍ଭବତୀ ପତ୍ନୀ ସମ୍ମୁଖରେ ଶଶୁରଙ୍କୁ ମାଡମାରି ଜ୍ୱାଇଁ ଥାନାରେ ଅଟକ

କେନ୍ଦ୍ରାପଡ଼ା (ପିଏନ୍): ଗର୍ଭବତୀ ପତ୍ନୀ ସମ୍ମୁଖରେ ଶଶୁରଙ୍କୁ ମାଡ ମାରି ଥାନାରେ ସ୍ୱାମୀ ଅଟକ ରହିଥିବା ଭଳି ଘଟଣା ଦେଖିବାକୁ ମିଳିଛି। ଶଶୀଭୂଷଣ ତାଙ୍କ ୬ମାସର ଗର୍ଭବତୀ ଝିଅ ଶୁଭଶ୍ରୀଙ୍କୁ ସାଙ୍ଗରେ ଧରି କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କପାଳେଶ୍ୱର ଗ୍ରାମସ୍ଥିତ ଝିଅ ଶାଶୁଘରେ ପହଞ୍ଚିଥିଲେ। ପୂର୍ବରୁ ଲାଗିରହିଥିବା ଯୌତୁକ ଜନିତ ବିବାଦର ସମାଧାନ କରିବା ଉଦେଶ୍ୟରେ ବାପା ଶଶୀଭୂଷଣ ଓ ଝିଅ ଶୁଭଶ୍ରୀ ପହଞ୍ଚିବା ପରେ ଶୁଭଶ୍ରୀଙ୍କ ସ୍ୱାମୀ ମିହିର ଉଭୟଙ୍କୁ ଦେଖି ଗାଳିଗୁଲଜ କରିବା ସହ ଘରୁ ବାହାରି ଆସି ଫାଟକ ନିକଟରେ ଶଶୁର ଶଶୀଭୂଷଣଙ୍କୁ ଗୋଇଠା, ଚାପୁଡା ଓ ମାଡ ମାରିଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ତେବେ ଅଭିଯୁକ୍ତ ମିହିର ପୋଲିସ ଉପସ୍ଥିତିରେ ଶଶୀଭୂଷଣଙ୍କୁ ମାଡ ମାରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଅଭିଯୋଗ ଅନୁଯାଇ ମହାକାଳପଡା ଥାନା ଅନ୍ତର୍ଗତ ବିଜୟ ନଗର ଗ୍ରାମର ଶଶୀଭୂଷଣ ପଟ୍ଟନାୟକଙ୍କ ଝିଅ ଶୁଭଶ୍ରୀ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କପାଳେଶ୍ୱର ଗ୍ରାମର ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ଜ୍ୟେଷ୍ଠପୁତ୍ର ମିହିର କୁମାର ମହାନ୍ତିଙ୍କୁ ଗତ ୨୦୧୮ମସିହା ମଇମାସ ୨ତାରିଖରେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ମିହିରଙ୍କ ପରିବାର ପକ୍ଷରୁ ୩ଲକ୍ଷ ୫୦ହଜାର ଟଙ୍କା ସହିତ ସୁନା ଓ ଅନ୍ୟାନ୍ୟ ଆସବାବପତ୍ର ଦାବି କରାଯାଇଥିଲା। ଶୁଭଶ୍ରୀଙ୍କ ବାପା ଶଶୀଭୂଷଣ ନଗଦ ୨ଲକ୍ଷ ୮୦ହଜାର ଟଙ୍କା, ସୁନା ଚେନ, ବ୍ରେସଲେଟ, ମୁଦି ପ୍ରଭୃତି ସମେତ ଅନ୍ୟାନ୍ୟ ଆସବାବପତ୍ର ଜ୍ୱାଇଁଙ୍କୁ ଦେଇଥିଲେ। କିନ୍ତୁ ବିବାହର କିଛି ଦିନ ପରେ ବାକି ୭୦ହଜାର ଟଙ୍କା ବାପଘରୁ ଆଣିବା ପାଇଁ ଶୁଭଶ୍ରୀ ଉପରେ ସ୍ୱାମୀ ମିହିର, ଶାଶୁ ସୁନନ୍ଦା, ଓ ନଣଦ ଶୁଭଦର୍ଶନୀ ବାରମ୍ବାର ଚାପ ପକାଉଥିଲେ। ସେମାନଙ୍କ ଦାବି ପୁରଣ ନହେବାରେ ଗତ ଜୁନମାସ ୮ତାରିଖରେ ଶୁଭଶ୍ରୀଙ୍କ ସ୍ୱାମୀ ତାଙ୍କୁ ମାଡ ମାରି ଘରୁ ବାହାର କରି ଦେଇଥିଲେ। ଶୁଭଶ୍ରୀ ନିଜ ୨ବର୍ଷର ଝିଅକୁ ସାଙ୍ଗରେ ନେଇ ବାପଘର ବିଜୟନଗରକୁ ଚାଲିଯାଇଥିଲେ। ତେବେ ତାଙ୍କୁ ଶାଶୁଘର ପକ୍ଷରୁ ଯୌତୁକ ନିର୍ଯ୍ୟାତନା ଦିଆଯାଇଥିବା ନେଇ ଶୁଭଶ୍ରୀ କେନ୍ଦ୍ରାପଡା ସଦର ଥାନାରେ ଗତ ଜୁଲାଇ ୨୧ତାରିଖରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେବାରୁ ଶଶୀଭୂଷଣ ଝିଅ ଶୁଭଶ୍ରୀକୁ ସଙ୍ଗରେ ନେଇ କପାଳେଶ୍ୱରସ୍ଥିତ ଝିଅ ଶାଶୁଘରକୁ ଆସିଥିବା ବେଳେ ତାଙ୍କ ଜ୍ୱାଇଁ ମାଡ ମାରିଥିବା ନେଇ ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତ ମିହିରକୁ ଥାନାରେ ଅଟକ ରଖିଛି। ଶୁଭଶ୍ରୀଙ୍କର ଏକ ୨ବର୍ଷର ଝିଅ ଥିବା ବେଳେ ସେ ୬ମାସର ଗର୍ଭବତୀ ଅଛନ୍ତି। ଏହି ଘଟଣାରେ ଝିଅକୁ ନ୍ୟାୟ ଦେବା ସହ ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗକାରୀ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଆରାଧନା ଦାଶଙ୍କ 'ଆତ୍ମଜା ଓ ମାଟି ମୋହ' ପୁସ୍ତକ ଉନ୍ମୋଚିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ମନ୍ମଥନାଥ ହାଇସ୍କୁଲରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ତଥା ବିଶିଷ୍ଟ ଲେଖିକା ଆରାଧନା ଦାଶଙ୍କ ଲିଖିତ ଦୁଇଟି କବିତା ସଙ୍କଳନ "ଆତ୍ମଜା ଓ ମାଟି ମୋହ" ଉନ୍ମୋଚିତ ହୋଇଯାଇଛି। ଏହି ଉପଲକ୍ଷେ ମନ୍ମଥନାଥ ହାଇସ୍କୁଲ ପରିସରରେ ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ପୌରହିତ୍ୟରେ ଆୟୋଜିତ ମନୋଜ୍ଞ ଉତ୍ସବରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସନାତନ ବେହୁରା ମୁଖ୍ୟ ଅତିଥି, ବିଶିଷ୍ଟ କବୟିତ୍ରୀ ଅନୁବାଦିକା ନବଜ୍ୟୋତି ରାୟ ମୁଖ୍ୟବକ୍ତା, ସାମ୍ବାଦିକ ସଚ୍ଚିକାନ୍ତ ନାଥ, ପ୍ରାକ୍ତନ ପ୍ରଶାସକ ଡଃ.କେଳୁ ଚରଣ ସ୍ୱାଇଁ, ପ୍ରାଧାପକ ବିରଜାନନ୍ଦ ମହାନ୍ତି, ସମାଜସେବୀ ବିଶ୍ୱନାଥ ଧଳ, ଶିକ୍ଷାବିତ ପ୍ରଫୁଲ୍ଲ ଦାସ, ଗାଳ୍ପିକ ପ୍ରଦୀପ ନାୟକ, ରାଜ୍ୟ ପୁରସ୍କୃତ ଶିକ୍ଷକ କସ୍ତୁରୀ ଚରଣ ସ୍ୱାଇଁ, ଶିକ୍ଷାବିତ ସଚିନନ୍ଦନ ଦାସ, ବନଫୁଲର ପ୍ରକାଶକ ବ୍ରହ୍ମପୁତ୍ର ନାୟକ, କବି ଡା. ମନୋରଞ୍ଜନ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ "ଆତ୍ମଜା ଓ ମାଟି ମୋହ" ପୁସ୍ତକର ମହତ୍ୱ ସମ୍ପର୍କରେ ଆଲୋକପାତ କରିବା ସହିତ ଲେଖିକାଙ୍କ ପୁସ୍ତକ ଉନ୍ମୋଚନ କରିଥିଲେ। ପୁସ୍ତକର ଲେଖିକା ଶ୍ରୀମତୀ ଦାଶ ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଉତ୍ସବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶୁଭ୍ରାଂଶୁ ଦାସ, କବି ଡା, ସାହିତ୍ୟିକ ରାମକୃଷ୍ଣ ଦାଶ, ସାମ୍ବାଦିକ ଅନିଲ ଚୌଧୁରୀ, ସଂଗୀତଜ୍ଞ ରବୀନ୍ଦ୍ର ନାଥ ମିଶ୍ର, କବୟିତ୍ରୀ ଚାରୁଲତା ଭୂୟାଁ, ଶିକ୍ଷାବିତ ପାବନୀ ରାଉତ, କବି ତ୍ରିଲୋଚନ ଜେନା, ଗୋପୀନାଥ ତ୍ରିପାଠୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପଣ୍ଡିତ ପ୍ରମୋଦ ତ୍ରିପାଠୀ ବେଦ ପାଠ କରିଥିବା ବେଳେ କଷଣଅଣ୍ଟା ହାଇସ୍କୁଲ ପ୍ରଧାନ ଶିକ୍ଷକ କବି ସଚିତ୍ର ବେହୁରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ଲୋପିତା ସାହୁ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ଅଶୋକ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବ ପରିଚାଳନାରେ ଶିକ୍ଷକ ଆନନ୍ଦ ଚନ୍ଦ୍ର ମହାପାତ୍ର, ଶଶାଙ୍କ ଶେଖର ସାହୁ, ତାପସ ବେହେରା, ବିନୋଦ ଦାସ, ସରୋଜ ସ୍ୱାଇଁ, ଆରତୀ ଭଳ, ସ୍ୱର୍ଣ୍ଣମୟୀ ନାୟକ, ମାନସୀ ମହାନ୍ତି, ଗୋମତୀ ସ୍ୱାଇଁ ଓ ସସ୍ମିତା କର ପ୍ରମୁଖ ସହଯୋଗ କରିଥିଲେ।

## ଧର୍ମଶାଳା ଯୁବ ବିଜେଡିର ସ୍ୱାସ୍ଥ୍ୟସେବା ଶିବିର

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଯୁବ ବିଜେଡି ପକ୍ଷରୁ ଗଙ୍ଗାଧରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯୁବ ବିଜେଡି ସଭାପତି କ୍ଷିତୀଶ କୁମାର ନାୟକ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅଭିଜ୍ଞ ଡାକ୍ତର ଶତାଧିକ ରୋଗୀଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। ଫାର୍ମାସିଷ୍ଟ୍ ଓ ନର୍ସମାନେ ଏଥିରେ ସହାୟତା କରିଥିଲେ। ଜିଲ୍ଲା ବିଜେଡି ସାଧାରଣ ସଂପାଦକ ବିକାଶ ରଂଜନ ବେହେରା, ଗଙ୍ଗାଧରପୁର ବିଜେଡି ସଭାପତି ସୁଶିଲ କୁମାର ମହାନ୍ତି, ଜିଲ୍ଲା ଯୁବ ବିଜେଡି ସାଧାରଣ ସଂପାଦକ ବିକାଶ ଦାସ, ଜିଲ୍ଲା ଉପସଭାପତି ସୁବ୍ରତ ଧଳ, ସଦାନନ୍ଦ ନାୟକ, ଯୁବନେତା ରାକେଶ ନାୟକ, ଜିତେନ୍ଦ୍ର ପାଳ, ଲାବଣ୍ୟ ଜେନା, ଚନ୍ଦନ ଓଝା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ତୃତୀୟ ଲହର କରୋନା ପଥପ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ




କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପଞ୍ଜିକୃତ ସଂସ୍ଥା 'ମାଇଁ ଏନ୍‌ସିସି ଆଲୁମିନି ଆସୋସିଏସନ୍'ପକ୍ଷରୁ ଏକ ସମାଜ କଲ୍ୟାଣ ମୂଳକ(ତୃତୀୟ ଲହର କରୋନା ପଥପ୍ରାନ୍ତ ସଚେତନତା) କାର୍ଯ୍ୟକ୍ରମ ଗତ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଯାହାକି ବର୍ତ୍ତମାନ ସମୟରେ ନିତ୍ୟାନ୍ତ ଆବଶ୍ୟକ। ବର୍ତ୍ତମାନ ପରିସ୍ଥିତିରେ କରୋନାର ତୃତୀୟ ଲହର ଆସିବ ବୋଲି ଯାହା ଆକଳନ କରାଯାଉଛି ସେଥିଯୋଗୁ ମାଇଁ ଏନସିସି ଆଲୁମିନି ଆସୋସିଏସନ୍ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରୁ ବାହାରି କେନ୍ଦ୍ରାପଡା ସହର ପରିକ୍ରମା କରିବା ସହିତ କରୋନା ମହାମାରୀ ସହିତ କିପରି ଲଢେଇ କରିବେ ସେଥିପାଇଁ ଲୋକମାନଙ୍କ ମଧରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ ଏବଂ ଏଭଳି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟକ୍ରମମାନ କରିବା ପାଇଁ ପିଲାମାନଙ୍କୁ ପ୍ରେରଣା ଦେଇଥିଲେ। ଏଭଳି ଜନମଙ୍ଗଳ ଭିତ୍ତିକ କାର୍ଯ୍ୟକ୍ରମରେ ବର୍ତ୍ତମାନର ଏନସିସି ବାଳକ ବିଭାଗ, ବାଳିକା ବିଭାଗ କ୍ୟାଡେଟମାନଙ୍କ ସମେତ ମାଇଁ ଏନସିସି ଆଲୁମିନି ଆସୋସିଏସନର ସମ୍ପାଦକ ଚିନ୍ମୟ କୁମାର ବିଶ୍ୱାଳ, ଶ୍ରୀକାନ୍ତ ପୋଥାଳ, ଏମ.ଡି ସାଜିଦ୍ ଖାଁ, ଉମେଶ ଚନ୍ଦ୍ର ସାହୁ, ଏମ.ଡି ରିୟାଜୁଦ୍ଦିନ୍, ଅନୁପ କୁମାର ରାଉତ, ରଞ୍ଜନ କୁମାର ଲେଙ୍କା, ଦେବୀ ପ୍ରସନ୍ନ ସ୍ୱାଇଁ, ଆରତୀ ପତି, ଏଲିନା ପତି, ବିଶ୍ୱାମିତ୍ର ସାହୁ, ସୋନାଲି ପୃଷ୍ଟି, ଶୁଭଶ୍ରୀ ବେହେରାଙ୍କ ସମେତ ଅନ୍ୟ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଏନସିସି ବାଳିକା ବିଭାଗର ମୁଖ୍ୟ ଲେପନାଣ୍ଟ ସୀମା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।




# ସମାଜସେବୀ ଗୌରହରି ସାହୁଙ୍କୁ ଶ୍ରଦ୍ଧାଳି



ଫୁଲନଖରା :ସ୍ଥାନୀୟ ନଖରା ଗ୍ରାମର ସମାଜସେବୀ ତଥା ବରିଷ୍ଠ କଂଗ୍ରେସ ନେତା ଗୌରହରି ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକରେ ଏକ ଶ୍ରଦ୍ଧାଳି ସଭା ଅନୁଷ୍ଠିତ ହୋଇଥିଲା । ଗୌରହରି ଚାରିଟେବୁଲ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ସ୍ମୃତିଚାରଣ ସଭାରେ ପୂର୍ବତନ ସରପଞ୍ଚ ବଂଶୀଧର ଭୋଳ ଅଧ୍ୟକ୍ଷତା କରିଥିଲେ । ବିଧାୟକ ସୁଶାନ୍ତ କୁମାର ରାଉତ, ଗଣେଶ ପ୍ରସାଦ ଦାଶ, ଡ଼ଃ.ଯୁଧିଷ୍ଠିର ଖଟୁଆ, ଯୁଧିଷ୍ଠିର ପରିଜା, ସନ୍ନ୍ୟାସୀ ପଣ୍ଡା, ନିମାଇଁ ରାଉତରାୟ, ବ୍ରହ୍ମାନନ୍ଦ ସାହୁ, କେଦାର ଜେନା, ସୁରେନ୍ଦ୍ର ମହାପାତ୍ର, ଅନନ୍ତ କୁମାର ବରାଳ, କଳ୍ପତରୁ ଖୁଣ୍ଟିଆ, ଅଶୋକ କୁମାର ଦାସ, ଲଳିତ କୁମାର ଦାଶ, ସୁରେନ୍ଦ୍ର ରାଉତରାୟ,କାମାକ୍ଷା ପ୍ରସାଦ ସ୍ୱାଇଁ, ସୁରେନ୍ଦ୍ରନାଥ ଛୋଟରାୟ, ଭିକାରୀ ସାହୁ, ଅକ୍ଷୟ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇ ଗୌରହରି ସାହୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସମାଜସେବା କ୍ଷେତ୍ରରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ସର୍ବପରି ସମସ୍ତଙ୍କୁ ଭଲପାଉଥିବା ଜଣେ ଭଲ ହୃଦୟର ବ୍ୟକ୍ତି ଥିଲେ ବୋଲି ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ । ଗୋପାଳଚନ୍ଦ୍ର ସାହୁ, ଗୌତମ ସାହୁ, ପ୍ରଶାନ୍ତ କୁମାର ସାହୁ, ବିଚ୍ଛିତ୍ରାନନ୍ଦ ସାହୁ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ରାସ୍ତା ରୋମିଓଙ୍କୁ ଧରି ଛାଡିଦେଲା ପୋଲିସ

କେନ୍ଦ୍ରାପଡ଼ା : ୬ଜଣ ଜଣ ରାସ୍ତା ରୋମିଓ ଗତ ମଙ୍ଗଳବାର ରାତି ପ୍ରାୟ ସାଢେ ୯ଟା ସମୟରେ ତିନୋଟି ବାଇକରେ ୬ଜଣ ଯୁବକ କର୍କଷ ଶବ୍ଦ କରୁଥିବା ହର୍ଣ୍ଣ ବଜାଇ ନିଶାଶକ୍ତ ଅବସ୍ଥାରେ କେନ୍ଦ୍ରାପଡା ସହରର ନୂଆ ବସଷ୍ଟାଣ୍ଡ ରାସ୍ତା ଦେଇ ଯାଉଥିଲେ । ସେହି ରାସ୍ତାରେ ଯାଉଥିବା ଏକ ଟାଟା ମ୍ୟାଜିକ ଗାଡି ସହ ପିଟି ହୋଇ ଯାଇଥିଲେ । ସ୍ଥାନୀୟ ଲୋକମାନେ ଏହାର ପ୍ରତିବାଦ କରିବାରେ ସେମାନେ ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ସ୍ଥାନୀୟ ଲୋକଙ୍କୁ ଗାଳିଗୁଲଜ କରିଥିଲେ । ଫଳରେ ଲୋକମାନେ ଉତ୍ୟକ୍ତ ହୋଇ ପଡିଥିଲେ । ଏସମ୍ପର୍କରେ ଖବର ପାଇ କେନ୍ଦ୍ରାପଡା ଟାଉନ୍ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟ ଓ ଉପଖଣ୍ଡ ଆରକ୍ଷୀ ଅଧିକାରୀ(ଏସ୍‌ଡିପିଓ) ରାଜୀବ ଲୋଚନ ପଣ୍ଡା ସଦଳ ବଳେ ଘଟଣା ସ୍ଥଳରେ ପହଞ୍ଚି ସେହି ରାସ୍ତା ରୋମିଓମାନଙ୍କୁ ଥାନାକୁ ନେଇଯାଇଥିଲେ । ଏଥିସହ ରାସ୍ତା ରୋମିଓଙ୍କ ୩ଟି ବାଇକକୁ ମଧ୍ୟ ପୋଲିସ ଜବତ କରି ଥାନାକୁ ନେଇଯାଇଥିଲା । ଘଟଣାଟି ଘଟିଥିଲା ଟାଉନ୍ ଥାନା ଅନ୍ତର୍ଗତ ନୂଆ ବସଷ୍ଟାଣ୍ଡ ନିକଟ ତୁଳସୀ ବଜାରରେ । ଖବର ଅନୁଯାଇ ରାତି ପ୍ରାୟ ୯ଟା ବେଳେ ତିନୋଟି ବାଇକରେ ୬ଜଣ ଯୁବକ କର୍କଷ ଶବ୍ଦ କରୁଥିବା ହର୍ଣ୍ଣ ବଜାଇ ନିଶାଶକ୍ତ ଅବସ୍ଥାରେ ସେହି ରାସ୍ତା ଦେଇ ଯାଉଥିଲେ । ନିଶାଶକ୍ତ ଅବସ୍ଥାରେ ଥିବାରୁ ସେହି ରାସ୍ତାରେ ଯାଉଥିବା ଏକ ଟାଟା ମେଜିକ ଗାଡି ସହ ପିଟି ହୋଇ ଯାଇଥିଲେ । ଏହାପରେ ସେହି ଯୁବକମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ । ଫଳରେ ରାସ୍ତା ରୋମିଓମାନେ ସ୍ଥାନୀୟ ଲୋକଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲେ । ଏହାଦ୍ୱାରା ସ୍ଥାନୀୟ ଲୋକେ ଉତେଜିତ ହୋଇ ରାସ୍ତା ରୋମିଓମାନଙ୍କୁ ବହେ ଛେଚିଥିଲେ । ପାର୍ବଣ ସମୟରେ ବଜାର ଗହଳି ଲାଗି ରହିଥିବା ବେଳେ ଏଭଳି ଘଟଣା ଜନସାଧାରଣଙ୍କ ମଧ୍ୟରେ କିଛି ସମୟ ପାଇଁ ଆତଙ୍କ ଖେଳାଇ ଦେଇଥିଲା । ପାର୍ବଣ ଥିବାରୁ ପରବର୍ତ୍ତୀ ଆଇନ୍‌ଶୃଙ୍ଖଳା ପରିସ୍ଥିତି ଉପୁଜିବାର ଆଶଙ୍କାରେ ସେଠାରେ ଗୋଟିଏ ସେକସନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ବୁଧବାର ସେମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଥାନାରୁ ଛାଡି ଦିଆଯାଇଥିବା ଥାନା ପକ୍ଷରୁ ସୂଚନା ମିଳିଛି ।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ୍ୟ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉତ୍ତମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ ।

# ଓଡ଼ିଶା ମଧ୍ୟଦେଇ ପଶ୍ଚିମ ଭାରତକୁ ତୀର୍ଥଯାତ୍ରୀ ବିଶେଷ ପର୍ଯ୍ୟଟକ ଟ୍ରେନ୍

ଭୁବନେଶ୍ୱର: ଭାରତୀୟ ରେଳ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନ(ଆଇଆର୍‌ସିଟିସି) ଭୁବନେଶ୍ୱର ଆଂଚଳିକ କାର୍ଯ୍ୟାଳୟ ପକ୍ଷରୁ ପଶ୍ଚିମ ଭାରତରେ ଥିବା ଗୁରୁତ୍ୱପୂର୍ଣ୍ଣ ତୀର୍ଥସ୍ଥାନଗୁଡ଼ିକ ଭ୍ରମଣ ପାଇଁ ସ୍ୱତନ୍ତ୍ର ଟୁର୍ ପ୍ୟାକେଜ୍ 'ତୀର୍ଥଯାତ୍ରୀ ସ୍ୱତନ୍ତ୍ର ପର୍ଯ୍ୟଟନ ଟ୍ରେନ୍' ବ୍ୟବସ୍ଥା କରାଯାଇଅଛି । ବାରାଣାସୀ, ଗୟା ଏବଂ ପ୍ରୟାଗରାଜ ଆଡ଼କୁ ପ୍ରଥମ ତୀର୍ଥଯାତ୍ରୀ ସ୍ୱତନ୍ତ୍ର ପର୍ଯ୍ୟଟନ ଟ୍ରେନ୍‌ର ସଫଳତା ପରେ ଦ୍ୱିତୀୟ ତୀର୍ଥଯାତ୍ରୀ ସ୍ୱତନ୍ତ୍ର ପର୍ଯ୍ୟଟନ ଟ୍ରେନ୍ ନଭେମ୍ବର ମାସ ଶେଷ ସପ୍ତାହରେ ଦ୍ୱାରକା, ସୋମନାଥ ମନ୍ଦିର, ନାଗେଶ୍ୱର, ବେଟ୍ ଦ୍ୱାରକା, ଅହମ୍ମଦାବାଦ ଏବଂ ଷ୍ଟାଚ୍ୟୁ ଅଫ୍ ୟୁନିଟିକୁ ଭ୍ରମଣ କରାଇବ । ଏହି ତୀର୍ଥଯାତ୍ରୀ ସ୍ୱତନ୍ତ୍ର ପର୍ଯ୍ୟଟନ ଟ୍ରେନ୍ ବିଜୟୱାଡ଼ା ଠାରୁ ୧୦ ରାତି ୧୧ ଦିନ ପାଇଁ ୨୮ ନଭେମ୍ବରରେ ଯାତ୍ରା ପ୍ରାରମ୍ଭ କରିବ ଏବଂ ୮ ଡିସେମ୍ବର ୨୦୨୧ରେ ଯାତ୍ରା ଶେଷ କରିବ । ଏହି ଟ୍ରେନ୍ ବ୍ରହ୍ମପୁର, ଖୋର୍ଦ୍ଧାରୋଡ଼, ଭୁବନେଶ୍ୱର, କଟକ, ତାଳଚେର ରୋଡ଼, ଅନୁଗୁଳ, ସମ୍ବଲପୁର ଏବଂ ଝାରସୁଗୁଡ଼ାରେ ବୋର୍ଡ଼ିଂ ପଏଂଟ ଯୋଗାଇବ ।ଷ୍ଟାଚ୍ୟୁ ଅଫ୍ ୟୁନିଟି, ଦ୍ୱାରକାଦ୍ଧିଶ ମନ୍ଦିର, ନାଗେଶ୍ୱର ଜ୍ୟୋତିର୍ଲିଙ୍ଗ, ସୋମନାଥ ଜ୍ୟୋତିର୍ଲିଙ୍ଗ, କୀର୍ତି ମନ୍ଦିର, ଅକ୍ଷରଧାମ ମନ୍ଦିର ପରି ପର୍ଯ୍ୟଟନ ତଥା ଧାର୍ମିକ ଗନ୍ତବ୍ୟ ସ୍ଥାନ ଏହି ପ୍ୟାକେଜ୍‌ରେ ସ୍ଥାନ ପାଇଛି ।ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ପ୍ୟାକେଜ ମୂଲ୍ୟ ଷ୍ଟାଣ୍ଡାରଡ୍ ପ୍ୟାକେଜ୍(ସ୍ଲିପର କ୍ଲାସ୍)ରେ ୧୦,୪୦୦ ଟଙ୍କା ଏବଂ ଆରାମଦାୟକ ପ୍ୟାକେଜ୍(ଏସି-୩ ଟାୟାର)ରେ ୧୭,୩୩୦ ଟଙ୍କା ହେବ । ଏହି ପ୍ୟାକେଜ୍‌ରେ ରାତ୍ରି ରହଣି(ସ୍ଲିପର ଶ୍ରେଣୀ ପାଇଁ ଛାତ୍ରାବାସ ଏବଂ ଏସି ୩ ସ୍ତର ପାଇଁ ୩ ତାରକା ହୋଟେଲ୍), ଦର୍ଶନୀୟ ସ୍ଥାନ, ଜଳଖିଆ ଏବଂ ସାକାହାରୀ ରାତ୍ରୀ ଭୋଜନ/ ମଧ୍ୟାହ୍ନ ଭୋଜନ, ଟୁର୍ ଏସକର୍ଟ ଏବଂ ସୁରକ୍ଷା ବ୍ୟବସ୍ଥା, ଭ୍ରମଣ ବୀମା ଏବଂ ପାର୍କିଂ ଓ ଟୋଲ୍ ଚାର୍ଜ ଇତ୍ୟାଦି ଅନ୍ତର୍ଭୁକ୍ତ ।ଏହି ଅଂଚଳର ଯାତ୍ରୀମାନେ ଗୁଜୁରାଟର ଧାର୍ମିକ ଓ ପର୍ଯ୍ୟଟନ ସ୍ଥାନକୁ ଓଡ଼ିଶାର ବିଭିନ୍ନ ବୋର୍ଡ଼ିଂ ଷ୍ଟେସନମାନଙ୍କ ଠାରୁ ଉପରୋକ୍ତ ପର୍ଯ୍ୟଟକ ପ୍ୟାକେଜ୍ ଦ୍ୱାରା ପରିଦର୍ଶନ କରିବାର ଲାଭ ପାଇପାରିବେ । ଏହାବ୍ୟତୀତ ଭୁବନେଶ୍ୱରରେ ଥିବା ଆଇଆର୍‌ସିଟିସି ଆଂଚଳିକ କାର୍ଯ୍ୟାଳୟ ମଧ୍ୟ କାଶ୍ମୀର, ଆସାମ, ମେଘାଳୟ, ରାଜସ୍ଥାନ, ମଧ୍ୟପ୍ରଦେଶ, ହିମାଚଳ ପ୍ରଦେଶ ଏବଂ ଦକ୍ଷିଣ ଭାରତର ରାମେଶ୍ୱରମ୍, ମଦୁରାଇ, କନ୍ୟାକୁମାରୀ ଏବଂ ତ୍ରିଭେନ୍ଦ୍ରମ ଇତ୍ୟାଦି ସ୍ଥାନମାନଙ୍କୁ ସବୁଠାରୁ ଶସ୍ତା ଘରୋଇ ଏୟାର ପ୍ୟାକେଜ୍ ମଧ୍ୟ ପ୍ରଦାନ କରୁଛି । ଯାତ୍ରୀମାନଙ୍କ ଚାହିଦାର ଆବଶ୍ୟକତା ଅନୁଯାୟୀ ଏହି ପ୍ୟାକେଜ୍ ଉପଲବ୍ଧ ହେବ ।

## ଅକ୍ଷୟ ମହାନ୍ତି ଥିଲେ ଓଡ଼ିଆ ସଂଗୀତ ଜଗତର ବାଦ୍‌ଶାହା

ଭୁବନେଶ୍ୱର: ଓଡ଼ିଶା ସଂଗୀତ ଜଗତର ଉଜ୍ଜ୍ୱଳ ନକ୍ଷତ୍ର, କର୍ଣ୍ଣଶିଳ୍ପୀ, ଗୀତିକାର, ସଂଗୀତ ନିର୍ଦ୍ଦେଶକ, ଅଭିନେତା ଓ ଲେଖକ ବହୁ ପ୍ରତିଭାର ଅଧିକାରୀ ସ୍ୱର୍ଗତ ଅକ୍ଷୟ କୁମାର ମହାନ୍ତିଙ୍କ ୮୭ତମ ଜୟନ୍ତୀ ଆଜି ପ୍ରତ୍ୟୁଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଉପସ୍ଥିତ ହୋଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ସ୍ମୃତିଚାରଣ କରି ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତ ପ୍ରତିଭା ରାଜ୍ୟର କଳା, ସଂସ୍କୃତିକୁ ବିକଶିତ କରିଥିଲା ।

# ସମାଜବାଦୀ ଚିନ୍ତକ ରାମ ମନୋହର ଲୋହିଆଙ୍କ ୪୪ତମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି : ସମାଜବାଦୀ ପାର୍ଟି

ଭୁବନେଶ୍ୱର: ଭାରତଛାଡ ଆନ୍ଦୋଳନର କ୍ରାନ୍ତିକାରୀ ନେତା, ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ, ସମାଜବାଦୀ ଚିନ୍ତକ ଓ ସାମାଜିକ ନ୍ୟାୟର ଆଦ୍ୟ ପ୍ରବକ୍ତା ଡକ୍ଟର ରାମ ମନୋହର ଲୋହିଆଙ୍କ ୪୪ତମ ଶ୍ରାଦ୍ଧବାର୍ଷିକୀରେ ସମାଜବାଦୀ ପାର୍ଟି ରାଜ୍ୟ କାର୍ଯ୍ୟାଳୟରେ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଉପସ୍ଥିତ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ଲୋହିଆଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାର୍ଟିର କୋଷାଧ୍ୟକ୍ଷ ସଂଜୟ ନାୟକ, ବରିଷ୍ଠ ନେତା ବିଜୟ ବେହେରା ଓ ନାରୀ ନେତ୍ରୀ ରୀତା ପଟ୍ଟନାୟକ ପ୍ରମୁଖ ଲୋହିଆଙ୍କ ପଟ୍ଟଚିତ୍ରରେ ମାଲ୍ୟାର୍ପଣ କରି ତାଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ । ସଭାପତି ଶ୍ରୀ ବେହେରା ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଡକ୍ଟର ରାମ ମନୋହର ଲୋହିଆଙ୍କ ପ୍ରସିଦ୍ଧ ବକ୍ତବ୍ୟ "ରୋଟି, କପଡ଼ା ଶସ୍ତି ହୋଗୀ, ପଢାଇ, ଦବାଇ ମୁଫତି ହୋଗି" ସ୍ୱପ୍ନ ଆଜି ସ୍ୱପ୍ନରେ ହିଁ ରହିଯାଇଛି । ପେଟ୍ରୋଲ୍, ଡିଜେଲ୍, ରନ୍ଧନଗ୍ୟାସ, ଡାଲି, ଚାଉଳ, ଖାଇବାତେଲ, ଅଟା, ମଇଦା ଓ ପିଆଜ ପ୍ରଭୃତି ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ହୁ ହୁ ହୋଇ ବଢିଚାଲିଛି । ସାଧାରଣ ଲୋକ କାମ ଧନ୍ଦା ନ ପାଇ ଦାଦନ ଖଟୁଛନ୍ତି । ଏହି ସମୟରେ ଡକ୍ଟର ଲୋହିଆଙ୍କର ଆଦର୍ଶ ଏହି ଏ ସମାଜକୁ ରାସ୍ତା ଦେଖାଇବ । ପଛୁଆବର୍ଗଙ୍କ ପାଇଁ ଡକ୍ଟର ଲୋହିଆ ସାମାଜିକ ନ୍ୟାୟ ସଂଗ୍ରାମର ଡାକରା ଦେଇଥିଲେ । ଆଜି ବି ପଛୁଆବର୍ଗ ତା'ର ସାମ୍ବିଧାନିକ ଅଧିକାରରୁ ବଂଚିତ । ୨୭ ଭାଗ ସ୍ଥାନ ସଂରକ୍ଷଣ ପଛୁଆବର୍ଗଙ୍କ ପାଇଁ ଆଜି ସ୍ୱପ୍ନ ହୋଇ ରହିଯାଇଛି । ତେଣୁ ରାଜନୈତିକ ମତାଦର୍ଶର ଉର୍ଦ୍ଧ୍ୱକୁ ଯାଇ ପଛୁଆବର୍ଗର ହକ୍ ଓ ଅଧିକାର ପାଇଁ ସଂଗ୍ରାମକୁ ଶକ୍ତିଶାଳୀ କଲେ ତାହାହିଁ ଲୋହିଆଙ୍କ ପାଇଁ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ ବୋଲି ଶ୍ରୀ ବେହେରା ମତବ୍ୟକ୍ତ କରିଥିଲେ । ଡକ୍ଟର ଲୋହିଆଙ୍କ ପୁଣ୍ୟ ତିଥିରେ ପାର୍ଟିର ଜାତୀୟ ଅଧ୍ୟକ୍ଷ ତଥା ଉତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ଅଖିଳେଶ ଯାଦବଙ୍କ ନେତୃତ୍ୱରେ ଆଜିଠାରୁ ଯୋଗୀ ସରକାରଙ୍କ ପରିବର୍ତନ ପାଇଁ ଆରମ୍ଭ ହେଉଥିବା 'ସମାଜବାଦୀ ବିଜୟ ରଥଯାତ୍ରା'ର ଶୁଭକାମନା କରି ଏକ ସଂକଳ୍ପ ଗୃହୀତ ହୋଇଥିଲା ।

## ମଡିଆଳ ଦୁର୍ଗା ମଣ୍ଡପରେ କୋଭିଡ ନିୟମ ଖିଲାପ ଅଭିଯୋଗ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ସହରର ମଡିଆଳ ବଜାରରେ ଥିବା ଦୁର୍ଗା ମଣ୍ଡପରେ ବୁଧବାର କୋଭିଡ ନିୟମକୁ ଖିଲାପ କରାଯାଇ ବହୁ ଭକ୍ତଙ୍କ ସମାଗମ ହୋଇଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ମଣ୍ଡପରେ ତାଲା ପକାଇଦେବା ସହ ସଂପୃକ୍ତ ମଣ୍ଡପର ପୂଜକଙ୍କୁ ଥାନାକୁ ନେଇଯାଇଥିଲା । ଫଳରେ ପୂଜା ବନ୍ଦ ହୋଇଯିବାରୁ ସ୍ଥାନୀୟ ପୂଜା ମଣ୍ଡପର କର୍ମକର୍ତ୍ତାଙ୍କ ସମେତ ଭକ୍ତମାନେ ଏହାର ପ୍ରତିବାଦରେ ସେହି ରାସ୍ତାରେ ରାସ୍ତାରୋକ କରିଥିଲେ । କିଛି ଘଣ୍ଟା ଥାନାରେ ଅଟକ ପରେ ପୂଜକଙ୍କୁ ପୋଲିସ ଛାଡିଦେବା ପରେ ଏବଂ ପୂଜା ମଣ୍ଡପରୁ ତାଲା ଖୋଲିଦେବାରେ ରାସ୍ତା ରୋକ ପ୍ରତ୍ୟାହାର କରାଯାଇଥିଲା । କିନ୍ତୁ ଏନେଇ ପୋଲିସ ପକ୍ଷରୁ ସଂପୃକ୍ତ ପୂଜା ମଣ୍ଡପର କର୍ମକର୍ତ୍ତାଙ୍କ ନାମରେ କୋଭିଡ ନିୟମ ଉଲ୍ଲଙ୍ଘନ କରିଥିବା ନେଇ ଏକ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି ।

# ବିନା ସୂଚନା ଫଳକରେ ନିର୍ମାଣକାର୍ଯ୍ୟକୁ ନେଇ ଅସନ୍ତୋଷ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଅନ୍ତର୍ଗତ ସିନାପାଲି ସଦର ପ ାୟତ ଜଗନ୍ନାଥ ଛକ ନିକଟ ଘୋଡାପଡା ଗଳି ରାସ୍ତା କଂକ୍ରିଟ କରଣ କାର୍ଯ୍ୟ ବିନା ସୂଚନା ଫଳକରେ ହୋଇଥିବା ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି । ପ୍ରକାଶ ଯୋଗ୍ୟ ଯେ ଜନସାଧାରଣଙ୍କ ଅବଗତି ନିମନ୍ତେ ଯେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହେଲେ, କାର୍ଯ୍ୟସ୍ଥଳରେ ଏକ ସୂଚନା ଫଳକ ଦେବାର ସରକାରୀ ବ୍ୟବସ୍ଥା ରହିଅଛି । ଉକ୍ତ ଫଳକରେ ସେହି କାର୍ଯ୍ୟ ସମ୍ବନ୍ଧୀୟ ସବିଶେଷ ବିବରଣୀ ରହିବା କଥା । କିନ୍ତୁ ଏଠାରେ ବିଭାଗୀୟ ସରକାରୀ ଅଧିକାରୀ, କର୍ମଚାରୀଙ୍କ ଅବହେଳା ତଥା ମନମୁଖି କାର୍ଯ୍ୟ ଯୋଗୁଁ ସୂଚନା ଫଳକ ଦିଆଯାଇ ନାହିଁ । ଯାହାଫଳରେ ଜନସାଧାରଣ କାର୍ଯ୍ୟ ସମ୍ବନ୍ଧୀୟ କୌଣଷି ସୂଚନା ଜାଣିପାରୁ ନଥିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଉକ୍ତ କାର୍ଯ୍ୟର ଅଟକଳ ମୂଲ୍ୟ କେତେ, କେତେ ଦୂରତା ପର୍ଯ୍ୟନ୍ତ ନିର୍ମାଣ ହେବ, ତାହା ଜାଣି ପାରୁ ନାହାନ୍ତି । କେଉଁ ଉଦ୍ଦେଶ୍ୟରେ ଏଭଳି ସରକାରୀ ବ୍ୟବସ୍ଥାକୁ ଅବମାନନା କରାଯାଉଛି, ସେନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହା ଠିକାଦାର ପୋଷାନୀତିରେ ଚାଲିଛି ବୋଲି ପ୍ରକାଶ କରିବା ସହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି । ନିର୍ମାଣ କାର୍ଯ୍ୟ ନିମ୍ନମାନ ହୋଇଥିବା ନେଇ ପଡାବାସୀ ଅଭିଯୋଗ କରିବାରୁ ସଂପୃକ୍ତ ଠିକାଦାର ପଡାବାସୀଙ୍କ ଉପରେ ଅସନ୍ତୋଷ ଥିବା ସେମାନେ ପ୍ରକାଶ କରନ୍ତି । ଏ ନେଇ ପଡାବାସୀ ସିନାପାଲି ବିଡିଓଙ୍କୁ ଏକ ଲିଖିତ ଅଭିଯୋଗ କରିଥିବା ପ୍ରକାଶ କରିବା ସହ ଏହାର ତଦନ୍ତ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ଥାନୀୟ ଉଦ୍ଧବ ମେହେର, କ୍ଷମାନିଧି ମେହେର, ଲିଙ୍ଗରାଜ ମେହେର, ସୂର୍ଯ୍ୟକାନ୍ତୀ ମେହେର, ନିର ମେହେର, ବାସନ୍ତୀ ମେହେର, ପରମେଶ୍ୱର ମେହେର, ସନ୍ତୋଷ ମେହେର, ରଞ୍ଜନ ମେହେର, ନିରାଶ ମେହେର, ବିଳାଶ ମେହେର, ଭୋକରଧନ ମେହେର ପ୍ରମୁଖ ଦାବି କରିଛନ୍ତି । ଏସଂକ୍ରାନ୍ତରେ ସିନାପାଲି ବିଡିଓ ସଦାଶିବ ନାଏକଙ୍କୁ ପଚାରିବାରୁ ଏ ବିଷୟରେ ଅଭିଯୋଗ ହୋଇଛି, ତାର ତଦନ୍ତ କରାଯିବ ବୋଲି ପ୍ରକାଶ କରିଥିଲେ ।


## APPOINTMENT

ପର୍ଯ୍ୟବେକ୍ଷକ
PARYABEKHYAK
Visit at:- www.pabitramohansamantaray.in
THE KALINGA CHRONICLE
Popular people's Daily of Odisha

**Paryabekhyak and The Kalinga Chronicle Group need**

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**






# ବ୍ଲେଣ୍ଡର୍ସ ପ୍ରାଇଡ ଫେସନ ଟୁର ଏବଂ ଏଫଡିସିଆଇ ପକ୍ଷରୁ 'ଦି ସୋକେସ୍'ର ବିଜେତାଙ୍କ ନାମ ଘୋଷଣା

ନୂଆଦିଲ୍ଲୀ : ବ୍ଲେଣ୍ଡର୍ସ ପ୍ରାଇଡ୍ ଫେସନ ଟୁର ଏବଂ ଏଫଡିସିଆଇ ସହିତ ମିଶି ୬ ଅଗଷ୍ଟ ରେ 'ଦି ସୋକେସ'ର ଶୁଭାରମ୍ଭ କରାଯାଇଛି ଯାହାର ଲକ୍ଷ୍ୟ ରହିଛି ଆଗାମୀ ପୀଢ଼ିର ଫେସନ ଡିଜାଇନର, ସଟରବର୍ଗ, ମଡେଲ ଓ କଣ୍ଟେଂଟ କ୍ରିଏଟରଙ୍କ ନିକଟରେ ପହଂଚି ତାଙ୍କର କ୍ୟାରିୟର ଯାତ୍ରାକୁ ତ୍ୱରାନ୍ୱିତ କରିବା ଏବଂ ସାରା ଦେଶରେ ଉଲ୍ଲେଖନୀୟ ସଫଳତା ପରେ ଓ ଏକ୍ସଟେନସିଭ୍ ଟିମ୍ ଚ୍ୟାଲେ ସହିତ ବ୍ଲେଣ୍ଡର୍ସ ପ୍ରାଇଡ୍ ଫେସନ ଟୁର 'ଦି ସୋକେସ୍' ଦ୍ୱିତୀୟ ସଂସ୍କରଣର ବିଜେତାଙ୍କ ନାମ ଘୋଷଣା କରିଛି। ଟିମ୍ ଯେଉଁମାନେ ଜୁରିଙ୍କର ଧ୍ୟାନ ଆକର୍ଷିଣ କରିଛନ୍ତି ସେମାନଙ୍କ ମଧ୍ୟରେ ରହିଛନ୍ତି ପଣ୍ଡିଚେରୀର ପ୍ରସିଦ୍ଧ ଡିଜାଇନର ନୌସଦ ଅଲ୍ଲୀ, ନୂଆ ଦିଲ୍ଲୀର ପ୍ରଖ୍ୟାତ ମଡେଲ ଇସପ୍ରିତ କୌର, ନୂଆ ଦିଲ୍ଲୀର ଫେସନ ସଟରବର୍ଗ, ତନୟ ବବ୍ବର ଓ ମୁମ୍ବାଇର କର୍ପୋରେଟ୍ ପ୍ରଫେସନାଲ୍ ଓ ଫେସନ ଏବଂ ଲାଇଫଷ୍ଟାଇଲ୍ କଂଟେଂଟ କ୍ରିଏଟର ଉର୍ବସୀ ଚୌଧୁରୀ। ବହୁତ ନିକଟତର ଭାବରେ, ପ୍ରଥମ ରନର ଅପ୍ ଟିମରେ ସାମିଲ୍ ରହିଛନ୍ତି ଡିଜାଇନର ଅଦା ମଲ୍ଲିକ (ମୁମ୍ବାଇ), ମଡେଲ୍ କନିସ୍କ ମାହେଶ୍ୱରୀ (ବରେଲି), ସଟରବର୍ଗ ସ୍ରେୟାଂଶ ଡୁଙ୍ଗରୱାଲ (ହାଇଦ୍ରାବାଦ) ଓ କଂଟେଂଟ କ୍ରିଏଟର ଆରିଆ କ୍ରିଷ୍ଣମୂର୍ତି (ହାଇଦ୍ରାବାଦ)। ଦ୍ୱିତୀୟ ରନର ଅପ୍ ଟିମରେ ରହିଛନ୍ତି ଡିଜାଇନର ଶ୍ରୀଗୋକୁଲ ବିଶ୍ୱନାଥ (କନ୍ନୌର), ମଡେଲ ଅନିୱାରୟା ପାୱାର (ମୁମ୍ବାଇ), ସଟରବର୍ଗ ପ୍ରତିମ୍ ଶଙ୍କର (ମୁମ୍ବାଇ) ଓ କଂଟେଂଟ କ୍ରିଏଟର ଶ୍ରିୟା କାନଦୁଦେ (ହାଇଦ୍ରାବାଦ)। ବ୍ଲେଣ୍ଡର୍ସ ପ୍ରାଇଡର ପରବର୍ତୀ ସଂସ୍କରଣରେ ତାଙ୍କର




କାର୍ଯ୍ୟକୁ ପ୍ରଦର୍ଶିତ କରିବାର ସୁଯୋଗ ସହିତ, ବିଜେତା ମାନେ ଫେସନ ଡିଜାଇନ୍ କାଉନସିଲ୍ ଅଫ୍ ଇଣ୍ଡିଆର ଦୀର୍ଘକାଳୀନ ସହଭାଗୀତା ଦ୍ୱାରା ଲାଭବାନ ହେବେ। ଅନେକ ଗୁଡ଼ିଏ ସୁଯୋଗ ଲାଭ କରିବା ସହିତ ନଗଦ ପୁରସ୍କାର ମଧ ରହିଛି। ଏହି ପ୍ରତିଯୋଗୀମାନଙ୍କୁ ଉଦ୍ୟୋଗର ପ୍ରଖ୍ୟାତ ପ୍ରତିଭାଧାରୀ ଅମିତ ଅଗ୍ରୱାଲ, ଅ୍ମୁ ମୋଦି, ଜେଜେ ବଲାୟା, ନମ୍ରତା ଜୋସିପୁରା, ରାହୁଲ ମିଶ୍ରା, ଶାନ୍ତନୁ ଓ ନିଖିଲ, ସୁନୀତ ବର୍ମା, ଆବ୍ରାହମ ଆଣ୍ଡ ଠାକୋରେ, ରିନା ଢାକା ଓ କୁନାଲ ରାୱଲଙ୍କ ଦ୍ୱାରା ଦିଗଦର୍ଶନ ପ୍ରଦାନ କରାଯିବ। ଅଗ୍ରଣୀ ଭାରତୀୟ ଫେସନ ଡିଜାଇନର ଙ୍କ ଦ୍ୱାରା 'ମାଇଁ ପ୍ଲାନେଟ ମାଇଁ ପ୍ରାଇଡ୍' ଥିମ୍ ଅନ୍ତର୍ଗତ ପୋଷାକର ପୁନଃପ୍ରସ୍ତୁତି ପାଇଁ ମାର୍ଗଦର୍ଶନ କରାଯାଇଥିଲା। ବ୍ଲେଣ୍ଡର୍ସ ପ୍ରାଇଡ୍ ଫେସନ ଟୁର 'ଦି ସୋକେସ' ର ଦ୍ୱିତୀୟ ସଂସ୍କରଣର ସଫଳତା ଉପରେ ସୂଚନା ପ୍ରଦାନ କରି ଇସଓ୍ୱିନ୍ଦର ସିଂହ, ଜେନେରାଲ୍ ମ୍ୟାନେଜର ମାର୍କେଟିଂ, ପର୍ଣ୍ଣଡ ରିକାର୍ଡ଼ ଇଣ୍ଡିଆ କହିଛନ୍ତି ଯେ, ''ବ୍ଲେଣ୍ଡର୍ସ ପ୍ରାଇଡ୍ ଫେସନ ଟୁର 'ଦି ସୋକେସ୍' ସହିତ, ଆମେ ଭବିଷ୍ୟତର ଫେସନ ଇକୋସିଷ୍ଟମ ପାଇଁ ଏକ ଭିତିଭୂମି ସ୍ଥାପନ କରିଛୁ। ଆମେ ଦେଶର ଭବିଷ୍ୟତର ଫେସନ ପ୍ରତିଭାମାନଙ୍କୁ ଏକ ସ୍ୱତନ୍ତ୍ର ପ୍ଲାଟଫର୍ମ ପ୍ରଦାନ କରିଥିବାରୁ ଅତ୍ୟନ୍ତ ଆନନ୍ଦିତ ଯାହା ସହାୟତାରେ ସେମାନେ ତାଙ୍କର କ୍ୟାରିୟର ଯାତ୍ରାକୁ ଆହୁରି ଅଧିକ ବେଗରେ ଆଗେଇ ନେଇ ପାରିବେ।'' ବ୍ଲେଣ୍ଡର୍ସ ପ୍ରାଇଡ୍ ଫେସନ ଟୁର 'ଦି ସୋକେସ' ର ଦ୍ୱିତୀୟ ସଂସ୍କରଣର ସଫଳତା ଉପରେ ସୂଚନା ପ୍ରଦାନ କରି ଶ୍ରୀଯୁକ୍ତ ସୁନିଲ୍ ସେଠୀ, ସଭାପତି, ଏଫଡିସିଆଇ କହିଛନ୍ତି ଯେ, ''ବ୍ଲେଣ୍ଡର୍ସ ପ୍ରାଇଡ୍ ଫେସନ ଟୁର 'ଦି ସୋକେସ' ସହିତ ସାମିଲ୍ ହୋଇ ଆମେ ଅତ୍ୟନ୍ତ ଆନନ୍ଦିତ ଓ ଏହା ସହାୟତାରେ ଆମେ ସାରା ଦେଶରୁ ନୂତନ ପ୍ରତିଭାମାନଙ୍କୁ ଚିହ୍ନଟ କରିପାରିଛୁ।'' ବ୍ଲେଣ୍ଡର୍ସ ପ୍ରାଇଡ୍ ଫେସନ ଟୁର 'ଦି ସୋକେସ' ର ଦ୍ୱିତୀୟ ସଂସ୍କରଣର ବିଜୟ ଉପରେ ସୂଚନା ପ୍ରଦାନ କରି ନୌସଦ ଅଲ୍ଲୀ, ଫେସନ ଡିଜାଇନର କହିଛନ୍ତି ଯେ, 'ଦି ସୋକେସ୍' ଏକ ଅତୁଳନୀୟ ଓ ସ୍ୱତନ୍ତ୍ର ଅନୁଭବ ପ୍ରଦାନ କରିଛି। ମୋ ସହିତ ମୁଁ ପ୍ରତିଭାଧାରୀ ଟିମ୍ ସଦସ୍ୟମାନଙ୍କୁ ପାଇଥିବାରୁ ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି ଯେଉଁମାନଙ୍କ କଠିନ ପରିଶ୍ରମ କାରଣରୁ ଏହା ସମ୍ଭବ ହୋଇପାରିଛି।'' ବ୍ଲେଣ୍ଡର୍ସ ପ୍ରାଇଡ୍ ଫେସନ ଟୁର 'ଦି ସୋକେସ' ର ଦ୍ୱିତୀୟ ସଂସ୍କରଣର ବିଜୟ ଉପରେ ସୂଚନା ପ୍ରଦାନ କରି ଇସପ୍ରିତ କୌର, ମଡେଲ୍ କହିଛନ୍ତି ଯେ, ''ପୀକରଣ ପ୍ରକ୍ରିୟା ଠାରୁ ଆରମ୍ଭ କରି ଟ୍ୟାଲେଂଟ ହଂଟର ବିଜେତା ହେବା ପର୍ଯ୍ୟନ୍ତ ବ୍ଲେଣ୍ଡର୍ସ ପ୍ରାଇଡ୍ ଫେସନ ଟୁର 'ଦି ସୋକେସ' ଏକ ସଶକ୍ତିକରଣ ଯାତ୍ରା ରୂପେ ପ୍ରମାଣିତ ହୋଇଛି।' ବ୍ଲେଣ୍ଡର୍ସ ପ୍ରାଇଡ୍ ଫେସନ ଟୁର 'ଦି ସୋକେସ' ର ଦ୍ୱିତୀୟ ସଂସ୍କରଣର ବିଜୟ ଉପରେ ସୂଚନା ପ୍ରଦାନ କରି, ତନୟ ବବ୍ବର, ସଟରବର୍ଗ କହିଛନ୍ତି ଯେ, ''ବ୍ଲେଣ୍ଡର୍ସ ପ୍ରାଇଡ୍ ଫେସନ ଟୁର 'ଦି ସୋକେସ' ଓ ଏଫଡିସିଆଇ ମୋର ପ୍ରତିଭା ଓ କଠିନ ପରିଶ୍ରମକୁ ସ୍ୱୀକୃତି ପ୍ରଦାନ କରିଥିବାରୁ ମୁଁ ଅତ୍ୟନ୍ତ କୃତଜ୍ଞ।''ବ୍ଲେଣ୍ଡର୍ସ ପ୍ରାଇଡ୍ ଫେସନ ଟୁର 'ଦି ସୋକେସ' ର ଦ୍ୱିତୀୟ ସଂସ୍କରଣର ବିଜୟ ଉପରେ ସୂଚନା ପ୍ରଦାନ କରି, ଉର୍ବସୀ ଚୌଧୁରୀ, କଂଟେଂଟ କ୍ରିଏଟର କହିଛନ୍ତି ଯେ, ''ବ୍ଲେଣ୍ଡର୍ସ ପ୍ରାଇଡ୍ ଫେସନ ଟୁର 'ଦି ସୋକେସ' ର ଏକ ଅଂଶ ଭାବରେ ଏହା ମୋର ଜୀବନକୁ ଏକ ସମ୍ପୂର୍ଣ୍ଣ ଓ ସମୃଦ୍ଧ ଅନୁଭୂତି ପ୍ରଦାନ କରିଛି।''

## ଜାଗାବାଡିକୁ କେନ୍ଦ୍ର କରି ଆକ୍ରମଣ, ୨ଜଣଙ୍କ ନାମରେ ମାମଲା ରୁଜୁ

ଖଣ୍ଡପଡା,(ପି.ଏନ): ଖଣ୍ଡପଡା ଥାନା ଅଧିନ କଂଟିଲୋ ଛାମୁପାଟଣା ସାହିରେ ଜାଗାବାଡିକୁ କେନ୍ଦ୍ର କରି ଗୋଟିଏ ପରିବାର ମଧ୍ୟରେ ଗଣ୍ଡଗୋଳର ସୁତ୍ରପାତ ହୋଇଛି । ସାନ ଭାଇ ପ୍ରକାଶ ସାହୁ ଓ ପତ୍ନୀ ସ୍ନେହଲତା ସାହୁ କଥାକଥାକେ ବଡ ଭାଇ ଉଦୟନାଥ ସାହୁ, ମଝିଆ ଭାଇ ହୃଦାନନ୍ଦ ସାହୁଙ୍କ ପରିବାର ସହ ମାଡପିଟ ଗଣ୍ଡଗୋଳ କରିଥାନ୍ତି । ଗତ ୫ବର୍ଷ ଧରି ପରିବାର ମଧ୍ୟରେ ଏହପରି ଗଣ୍ଡଗୋଳ ଲାଗି ରହିଥିଲା । ଗତ ୨ଦିନ ତଳେ ସାମାନ୍ୟ କଥାକୁ କେନ୍ଦ୍ର କରି ପାଟିତୁଣ୍ଡ ହେବା ପରେ ପ୍ରକାଶ ଓ ତାର ସ୍ତ୍ରୀ ସ୍ନେହଲତା ଉଭୟେ ମିଳିତ ହୋଇ ବଡଭାଇ ହୃଦାନନ୍ଦ ଓ ତାଙ୍କ ପତ୍ନୀ ସୁପ୍ରୀୟା ସାହୁ, ପୁଅକୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ସୁପ୍ରୀୟା ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ପ୍ରକାଶ ଓ ସ୍ନେହଲତାଙ୍କ ନାମରେ ମାମଲା ରୁଜୁ କରିଥିବା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ଠାରୁ ପ୍ରକାଶ । ତେବେ ପୋଲିସ ପକ୍ଷରୁ ମାମଲା ରୁଜୁ ପରେ ସାନଭାଇ ପ୍ରକାଶ ପ୍ରତିଶୋଧ ପରାୟଣ ହୋଇଉଠିଥିବାରୁ ହୃଦାନନ୍ଦ ପରିବାର ଲୋକଙ୍କ ମନରେ ଭୟ ଜାତ ହୋଇଛି । ଏ ସଂପର୍କରେ ହୃଦାନନ୍ଦଙ୍କ ପତ୍ନୀ ନୟାଗଡ ଏସପିଙ୍କୁ ଭେଟି ଅଭିଯୋଗପତ୍ର ପଦାନ କରିଥିବା ଜଣାପଡିଛି । ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି ହେଉଛି ।

## ପାର୍ବଣ ଋତୁରେ ଦେବାଦେବୀ ପୀଠ ଉତ୍ସବ ମୁଖର

ଖଣ୍ଡପଡା,(ପି.ଏନ): ଖଣ୍ଡପଡା ବ୍ଲକ ଅଂଚଳର ସମସ୍ତ ଦେବାଦେବୀ ପୀଠ ସମେତ ପ୍ରମୁଖ ଶକ୍ତି ପୀଠ ଗୁଡିକ ଶ୍ରଦ୍ଧାଳୁଙ୍କ ସମାଗମରେ ଉତ୍ସବ ମୁଖର ହୋଇ ଉଠିଛି । ମା ବାହାଡାଶୁଣୀ, ମା ଉମାଦେବୀ, ମା ଡୁମାଳୁଣୀ, ମା ବାଉରୀ, ମା ପାଟ୍ଟଚଣ୍ଡୀ ଓ ମା ଡକେଇଶୁଣୀଙ୍କ ପୀଠରେ ଷୋଡଶ ଉପଚାରରେ ପୂଜାର୍ଚ୍ଚନା ସହ ପ୍ରତ୍ୟେକ ଦିନ ବିଭିନ୍ନ ବେଶରେ ଜଗତ ଜନନୀ 'ମା' ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ସମସ୍ତ ଶକ୍ତି ପୀଠରେ ହୋମଯଜ୍ଞ, ଚଣ୍ଡୀ ପାଠ ଆଦି ମାଙ୍ଗଳିକ କାର୍ଯ୍ୟ ଚାଲୁ ରହିଛି । ତେବେ କୋଭିଡ କଟକଣାକୁ ଦୃଷ୍ଟିରେ ରଖି ଦେବାଦେବୀ ପୀଠ ଗୁଡିକରେ ଚଳିତ ବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବନ୍ଦ ରଖାଯାଇ ଥିବା ଆୟୋଜକ



ମାନଙ୍କ ଠାରୁ ଜଣାପଡିଛି । ବିଭିନ୍ନ ସ୍ଥାନରେ ଦୂର୍ଗାପୂଜା କମିଟି ପକ୍ଷରୁ ମା ଦଶଭୂଜାଙ୍କ ମୃଣ୍ମୟୀ ମୂର୍ତି ପୂଜାମଣ୍ଡପ ଗୁଡିକରେ ପୂଜା ପାଉଛନ୍ତି । ପାର୍ବଣର ମହକରେ ଧରାପୃଷ୍ଠରେ ମା ଙ୍କ ଆଗମନ ଯୋଗୁଁ ସହରଠାରୁ ଆରମ୍ଭ କରି ପୁରପଲ୍ଲୀ ସର୍ବତ୍ର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି ।

## ପୌରପାଳିକା କାର୍ଯ୍ୟାଳୟ: ତାଳଚେର

୧. ରାସ୍ତା ଉପରେ ଇଟା, ବାଲି, ପଥର ଇତ୍ୟାଦି ଜମାକରି ରାସ୍ତା ଏବଂ ଡ୍ରେନ ଅବରୋଧ କରନ୍ତୁ ନାହିଁ। ଯଦି କରିଛନ୍ତି ଉକ୍ତ ସରଞ୍ଜାମଗୁଡ଼ିକ ଉଠାଇ ନିଅନ୍ତୁ ନଚେତ ପୌର ପାଳିକାରେ ଅର୍ଥ ଜମା କଲେ ପୌରପାଳିକା ଉକ୍ତ ସରଞ୍ଜାମଗୁଡ଼ିକ ଉଠାଇନେବେ। ଏଥିରେ ଅସହଯୋଗ କଲେ ପୌରପାଳିକା ଦ୍ୱାରା ଜୋରିମନା ଆଦାୟ କରାଯିବ।

୨. ପ୍ରତିମାସରେ ସ୍ୱଚ୍ଛ ସାଥୀମାନଙ୍କ ଦ୍ୱାରା ଆଦାୟ କରାଯାଉଥିବା ୟୁଜର ଫିସ୍ ଦେବା ପାଇଁ ସହଯୋଗ କରନ୍ତୁ।

୩. ପୌରପାଳିକା ଦ୍ୱାରା ଆଦାୟ କରାଯାଉଥିବା ଶୁଖିଲା ଏବଂ ଓଦା ଅଳିଆ କରି ସ୍ୱଚ୍ଛ ସବାରୀ ଏବଂ ସଫେଇ ମିତ୍ରମାନଙ୍କୁ ଦେବାପାଇଁ ସହଯୋଗ କରନ୍ତୁ।

୪. ତାଳଚେର ପୌରପାଳିକାକୁ ପଲିଥିନ ମୁକ୍ତ ସହର କରିବା ପାଇଁ ଆମ୍ଭେ ସଂକଳ୍ପବଦ୍ଧ ହେବା।

୫. ପୌରପାଳିକା ଦ୍ୱାରା ପ୍ରସ୍ତୁତ ହେଉଥିବା ମୋ ଖତକୁ ବ୍ୟବହାର କରନ୍ତୁ।

୬. ପୌରପାଳିକା ଦ୍ୱାରା ପ୍ରତି ଶନିବାର ଦିନ ଯାଉଥିବା ସ୍ୱଚ୍ଛ ସବାରୀରେ ଅଦରକାରୀ electronics ସରଞ୍ଜାମଗୁଡ଼ିକ ଦିଅନ୍ତୁ।

୭. ନିଜ ଦୋକାନ ଏବଂ ନିଜ ଘରୁ ବାହାରୁଥିବା ଅଳିଆଗୁଡ଼ିକ ଡ୍ରେନରେ ନ ପକାଇ ନିଜସ୍ୱ ଡଷ୍ଟବିନ୍‌ରେ ରଖି ପୌରପାଳିକାର ପରିମଳ କର୍ମଚାରୀଙ୍କୁ ହସ୍ତାନ୍ତର କରନ୍ତୁ।

**ପରିବେଶ ହେଲେ ନିର୍ମଳ, ସୁନ୍ଦର ହେବ ତାଳଚେର ସହର ।**

ସୁଶ୍ରୀ ରଶ୍ମୀରେଖା ଅମାନ୍ତ (ଓ.ଆର୍.ଏସ୍)
ନିର୍ବାହୀ ଅଧିକାରୀ
ତାଳଚେର ପୌରପାଳିକା

ଶ୍ରୀଯୁକ୍ତ ବିଶ୍ୱରଞ୍ଜନ ରଥ (ଓ.ପ୍ର.ସେ) ଏସ.ଆର୍
ଉପ-ଜିଲ୍ଲାପାଳ, ତାଳଚେର-ତଥା-ପ୍ରଶାସକ
ତାଳଚେର ପୌରପାଳିକା


















Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray